NITIDIN
ନିତିଦିନ

RNI REG. NO. ODIODI/2015/62237 • POSTAL REGD. NO.BN/258/18-20 | 8+16 PAGES • ₹ 6/-

www.nitidin.com
twitter.com/nitidintoday
facebook.com/nitidintoday

୧୬ ପୃଷ୍ଠାର ରବିବାର ମ୍ୟାଗାଜିନ୍ 'ନଜର୍' ସହ

SUNDAY
21 JUNE 2026
ରବିବାର
୨୧ ଜୁନ୍ ୨୦୨୬

NEW AGE MEDIA & PUBLICATIONS PVT. LTD. | PRINTED AT BHUBANESWAR | VOLUME 12 • ISSUE 21 | BHUBANESWAR I BERHAMPUR I SAMBALPUR I BALASORE I JAJPUR | ବର୍ଷ ୧୨ • ସଂଖ୍ୟା ୨୧ | ଭୁବନେଶ୍ୱର । ବ୍ରହ୍ମପୁର । ସମ୍ବଲପୁର । ବାଲେଶ୍ୱର । ଯାଜପୁର

ବିଜେପି ସରକାରଙ୍କ ଦ୍ୱିତୀୟ ବର୍ଷ ପୂର୍ତ୍ତି ଉତ୍ସବ

# 'ଦ୍ରୁତ ଗତିରେ ବଢ଼ୁଛି ଓଡ଼ିଶାର ବିକାଶ'

## ରାଜ୍ୟକୁ ୪୭,୬୦୦ କୋଟିର ପ୍ରକଳ୍ପ ଭେଟି





**ଭୁବନେଶ୍ୱର, ବାରିପଦା, ୨୦।୬/ଏନ୍ଏନ୍ଏସ୍:**

'ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ଓଡ଼ିଶାର ବିକାଶ ଦ୍ରୁତ ଗତିରେ ବଢ଼ୁଛି । ରାଜ୍ୟର ବିଭିନ୍ନ ଉନ୍ନୟନମୂଳକ ଯୋଜନା ସାଧାରଣ ଲୋକଙ୍କ ଜୀବନକୁ ବଦଳାଇ ଦେଇଛି । ଓଡ଼ିଶା ଅର୍ଥ ବ୍ୟବସ୍ଥା ମଜଭୁତ ହେଲେ ଭାରତ ମଜଭୁତ ହେବ । ଯେଉଁ ପୂର୍ବ ଭାରତକୁ କଂଗ୍ରେସ ଶାସନ ସମୟରେ ପଛୁଆ ବୋଲି କୁହାଯାଉଥିଲା, ଏବେ ତାହା କେନ୍ଦ୍ର ସରକାରଙ୍କ 'ପୂର୍ବୋଦୟ' ନୀତି ଯୋଗୁଁ ଦେଶର ପ୍ରଗତିର ପ୍ରବେଶ ଦ୍ୱାର ପାଲଟିଛି । ଓଡ଼ିଶାରେ ରେଳ, ସଡ଼କ ଓ ବନ୍ଦର ଭଳି ମୌଳିକ ଭିତ୍ତିଭୂମିରେ ରେକର୍ଡ ପରିମାଣର ନିବେଶ ହେଉଛି ।' ଶନିବାର ରାଇରଙ୍ଗପୁରଠାରେ ବିଜେପି ସରକାରଙ୍କ ଦ୍ୱିତୀୟ ବର୍ଷ ପୂର୍ତ୍ତି ଉତ୍ସବରେ ସାମିଲ ହୋଇ ଏହା କହିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ।

ପ୍ରଥମେ ପ୍ରଧାନମନ୍ତ୍ରୀ ଓ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଉଭୟ ପାହାଡ଼ପୁର ଗାଁର ଆଦିବାସୀଙ୍କ ଧର୍ମପୀଠ ସାନ୍ତାଳୀ ଜାହେରା ଓ ହୋ ଜାହେରା ପୀଠରେ ପୂଜାର୍ଚ୍ଚନା କରିବା ସହ ଦକ୍ଷତା ବିକାଶ କେନ୍ଦ୍ର ଓ ପାହାଡ଼ପୁର ସ୍କୁଲ ବୁଲି ଦେଖିଥିଲେ ଏବଂ ପିଲାମାନଙ୍କ ସହ ମଧ୍ୟ ସମୟ ବିତାଇଥିଲେ । ପରେ ରାଜ୍ୟରେ ବିଜେପି ସରକାରର ଦୁଇବର୍ଷ ପୂର୍ତ୍ତି ଅବସରରେ

- ୬୦ ପ୍ରକଳ୍ପର ଉଦ୍‌ଘାଟନ, ୧୨ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ
- ଓଡ଼ିଶା ଶିଳ୍ପ କ୍ଷେତ୍ରରେ ଦ୍ରୁତ ପ୍ରଗତି ହାସଲ କରିଛି: ରାଷ୍ଟ୍ରପତି
- ପାହାଡ଼ପୁରକୁ ସୌର ଗ୍ରାମ ଭାବେ ବିକଶିତ କରାଯିବ: ମୋଦୀ
- ମୁଖ୍ୟମନ୍ତ୍ରୀ ମୋହନଙ୍କ କାର୍ଯ୍ୟକୁ ଉଭୟ କଲେ ପ୍ରଶଂସା

ରାଇରଙ୍ଗପୁରଠାରେ ଆୟୋଜିତ 'ବିକାଶର ଧାରା, ଓଡ଼ିଶା ସାରା' ସମାରୋହରେ ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀ ଗୋଟିଏ ମଞ୍ଚରେ ଉପସ୍ଥିତ ରହି ୪୫୫୮.୭୯ କୋଟି ଟଙ୍କାର ପ୍ରକଳ୍ପ ଉଦଘାଟନ ସହ ମୋଟ ୪୭୬୦୦କୋଟି ଟଙ୍କାର ପ୍ରକଳ୍ପ ରାଜ୍ୟବାସୀଙ୍କୁ ଭେଟି ଦେଇଛନ୍ତି । ଏହାପରେ ଏକ ବିଶାଳ ଜନସଭାକୁ ସମ୍ବୋଧିତ କରି ପ୍ରଧାନମନ୍ତ୍ରୀ ମୋଦୀ ଓଡ଼ିଶାର ଦୁଇ ବର୍ଷର ଶାସନର ପ୍ରଶଂସା କରିବା ସହ ରାଷ୍ଟ୍ରପତିଙ୍କ ଜନ୍ମମାଟି 'ପାହାଡ଼ପୁର'କୁ ସମ୍ପୂର୍ଣ୍ଣ ଭାବେ ଏକ ଆଦର୍ଶ 'ସୋଲାର ଭିଲେଜ' ଭାବେ ବିକଶିତ କରାଯିବ ଘୋଷଣା କରିଥିଲେ ।

ସେ କହିଥିଲେ, ପାହାଡପୁର ଗ୍ରାମକୁ ଏକ ସୌର ଗ୍ରାମ ▶▶ ୫

# 'ରାଜ୍ୟର କଲ୍ୟାଣ ପାଇଁ ଆମ ଉଦ୍ୟମ କମ୍ ହେବନି'

**ଭୁବନେଶ୍ୱର, ୨୦।୬/ଏନ୍ଏନ୍ଏସ୍:**



ଓଡ଼ିଶାରୁ ମାଇଗ୍ରେସନ୍ ବଦଳରେ ହେବ ରିଭର୍ସ ମାଇଗ୍ରେସନ୍

ବିକଶିତ ଓଡ଼ିଶା, ବିକଶିତ ଭାରତର ସ୍ୱପ୍ନକୁ ପୂରଣ କରିବୁ

ରାଜ୍ୟର କଲ୍ୟାଣ ପାଇଁ ଆମ ଉଦ୍ୟମ କୌଣସି ପ୍ରକାରେ କମ୍ ହେବ ନାହିଁ । ଆପଣମାନଙ୍କ ସମସ୍ତଙ୍କ ଉଦ୍ୟମରେ ଆମେ ନିଶ୍ଚିତ ଭାବେ ୨୦୩୬ ସୁଦ୍ଧା ସମୃଦ୍ଧ ଓଡିଶାର ଲକ୍ଷ୍ୟ ହାସଲ କରି ପାରିବା । ତେବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ମାର୍ଗଦର୍ଶନ, ଆମ ପାଇଁ ପ୍ରେରଣାର ଉତ୍ସ । ତାଙ୍କର ପ୍ରତିଟି ପାଦ ସହିତ, ଆମେ ପାଦ ମିଶାଇ ଚାଲିବୁ ଏବଂ ବିକଶିତ ଓଡ଼ିଶା, ବିକଶିତ ଭାରତର ସ୍ୱପ୍ନକୁ ନିଶ୍ଚିତ ଭାବେ ପୂରଣ କରିବୁ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଦୃଢ଼ତାର ସହ ପ୍ରକାଶ କରିଛନ୍ତି । ଶନିବାର ରାଇରଙ୍ଗପୁରରେ ଅନୁଷ୍ଠିତ ସରକାରଙ୍କ ଦୁଇ ବର୍ଷ ପୂର୍ତ୍ତି ସମାରୋହରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ଏହା କହିଛନ୍ତି ।

ଏହାଛଡ଼ା ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ବର୍ତ୍ତମାନ ସୁଦ୍ଧା ଆମେ ୩.୧୧ ଲକ୍ଷ କୋଟି ଟଙ୍କାର ୧୫୨ଟି ଶିଳ୍ପ ପ୍ରକଳ୍ପର ଉଦଘାଟନ ଓ ଶିଳାନ୍ୟାସ କରିଛୁ, ଯାହାଦ୍ୱାରା ପ୍ରାୟ ୨ ଲକ୍ଷ ୫୦ ହଜାର ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇଛି । ସରକାରୀ କ୍ଷେତ୍ରରେ ମଧ୍ୟ ଆମେ ୪୪ ହଜାରରୁ ଅଧିକ ନିଯୁକ୍ତି ଦେଇଛୁ ।ଆମର ୩୦ଟି ଜିଲ୍ଲା ମଧ୍ୟରୁ ୨୯ଟି ଜିଲ୍ଲାରେ ଶିଳ୍ପ ପ୍ରତିଷ୍ଠା ହେଉଛି । ଆମର ଏହି ଶିଳ୍ପାୟନ ଅଭିଯାନ ସମ୍ପୂର୍ଣ୍ଣ ରୂପେ ଏକ ସମାବେଶୀ ପ୍ରକ୍ରିୟା । ଆଗାମୀ ଦିନରେ ଓଡ଼ିଶାର ଲୋକମାନେ ରୋଜଗାର ପାଇଁ ବାହାରକୁ ଯିବେ ନାହିଁ; ବରଂ ଅନ୍ୟ ରାଜ୍ୟର ଲୋକମାନେ ଚାକିରି ପାଇଁ ଓଡ଼ିଶା ଆସିବେ । ଓଡ଼ିଶାରୁ ମାଇଗ୍ରେସନ ନୁହେଁ, ବରଂ ରିଭର୍ସ ମାଇଗ୍ରେସନ୍ ହେବ । ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀଙ୍କୁ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଇ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଆଜିର ଏହି ଐତିହାସିକ ଦିନ ଓଡ଼ିଶା ଇତିହାସରେ ଏକ ଗୌରବମୟ ଅଧ୍ୟାୟ ଭାବେ ଲିପିବଦ୍ଧ ହୋଇ ରହିବ । ଗୋଟିଏ ମଞ୍ଚରେ ଦେଶର ମହାମହିମ ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ, ରାଜ୍ୟପାଳ ତଥା ମୁଖ୍ୟମନ୍ତ୍ରୀ ଉପସ୍ଥିତ ହୋଇ ଏକ ବିଶେଷ ଅବସରକୁ ପାଳନ କରିବା ନିଶ୍ଚିତ ▶▶ ୫




PATANJALI® पतंजलि®



### ଅନ୍ତର୍ଜାତୀୟ ଯୋଗ ଦିବସ
### ଯୋଗର ଆହ୍ୱାନ

ମୂଳତଃ, ଆମେ ଭାରତୀୟମାନେ ଯୋଗୀମାନଙ୍କର ବଂଶଧର । ସମୟ ଆମକୁ ବିଭିନ୍ନ ସମ୍ପ୍ରଦାୟ, ଜାତି ଏବଂ ଗୋଷ୍ଠୀରେ ବିଭକ୍ତ କରିଥାଇପାରେ, କିନ୍ତୁ ଅକୃତଜ୍ଞତାର ପାପରୁ ମୁକ୍ତ ରହିବା ପାଇଁ ଆମକୁ ଆମର ପୂର୍ବପୁରୁଷମାନଙ୍କ ନିକଟରେ ଋଣୀ ହୋଇ ରହିବାକୁ ପଡ଼ିବ । ତେଣୁ, ଆସନ୍ତୁ ସମସ୍ତେ ମିଶି ଯୋଗ ଅଭ୍ୟାସ କରିବା - ପ୍ରତ୍ୟେକ ଗ୍ରାମ ଏବଂ ସହରର ପଡ଼ାରେ ୧୦, ୨୦, ୫୦ କିମ୍ବା ୧୦୦ ଜଣଙ୍କର ଗ୍ରୁପ୍ ବା ଦଳ ଗଠନ କରିବା ଏବଂ ଅଧିକରୁ ଅଧିକ ଲୋକଙ୍କୁ ଅନୁପ୍ରାଣିତ କରିବା ପାଇଁ ଏହି ସମାବେଶର ଫଟୋ ଏବଂ ରିଲ୍ସ ସୋସିଆଲ ମିଡିଆରେ ସେୟାର କରିବା ।

ନିଜେ ଏକ ଆତ୍ମସଂକଳ୍ପ ନିଅନ୍ତୁ ଏବଂ ଯୋଗ, ଆୟୁର୍ବେଦ ଏବଂ ସ୍ୱଦେଶୀ ମାଧ୍ୟମରେ ଏକ ଆତ୍ମନିର୍ଭରଶୀଳ ଭାରତ ଗଠନ କରିବା ପାଇଁ ଅନ୍ୟମାନଙ୍କୁ ପ୍ରେରିତ କରନ୍ତୁ ।

ବିରୋଧ - ଯୋଗ, ଆୟୁର୍ବେଦ, ସ୍ୱଦେଶୀ ଏବଂ ସନାତନ ସଂସ୍କୃତିକୁ ତୀବ୍ର ବିରୋଧ ଓ ସମୂଳେ ବିନାଶ କରିବାର ଷଡ଼ଯନ୍ତ୍ରରେ ଅନେକ ଆସୁରିକ ଶକ୍ତି ସକ୍ରିୟ ରହିଛନ୍ତି । ପ୍ରକୃତ ସ୍ୱଦେଶପ୍ରେମୀ 'ସନାତନୀ' ଏହି ଦେବାସୁର ସଂଗ୍ରାମ (ଭଲ ଏବଂ ମନ୍ଦ ମଧ୍ୟରେ ଯୁଦ୍ଧ) କିମ୍ବା ଧର୍ମଯୁଦ୍ଧରେ ପତଞ୍ଜଳି ଏବଂ ପୂଜ୍ୟ ସ୍ୱାମୀ ରାମଦେବ ଜୀଙ୍କ ସହ ସହୃଦୟତା ପୂର୍ବକ ଅଟଳ ଭାବେ ଛିଡା ହେବା ଆବଶ୍ୟକ । ଯେଉଁଠାରେ ଧର୍ମ ଥାଏ, ସେଠାରେ ବିଜୟ ହୋଇଥାଏ; କେବଳ ସତ୍ୟର ହିଁ ଜୟ ହୁଏ । (ଯତୋ ଧର୍ମଃ ତତୋ ଜୟଃ, ସତ୍ୟମେବ ଜୟତେ ।)

ଲୁଟ୍ - କେବଳ ବିଗତ ୨୦୦-୨୫୦ ବର୍ଷ ମଧ୍ୟରେ ବିଦେଶୀ କମ୍ପାନୀଗୁଡ଼ିକ ଆମ ଦେଶରୁ ୧୦୦ ଟ୍ରିଲିୟନରୁ ଅଧିକ ଟଙ୍କା ଲୁଟି ନେଇଛନ୍ତି । ଏସବୁକୁ ନିଶ୍ଚିତ କରିବା ପାଇଁ ହେଲେ ଅକ୍ସଫାମ୍ ଇଣ୍ଟରନ୍ୟାସନାଲ୍ ରିପୋର୍ଟ ଏବଂ ଇଣ୍ଟରନେଟ୍‌ରେ ଉପଲବ୍ଧ ଅନ୍ୟାନ୍ୟ ପ୍ରାମାଣିକ ଉତ୍ସଗୁଡ଼ିକୁ ଏଆଇ ଟୁଲ୍ସ ବ୍ୟବହାର କରି ସନ୍ଧାନ କରାଯାଇପାରେ । ବହୁରାଷ୍ଟ୍ରୀୟ କମ୍ପାନୀ (ଏମ୍ଏନ୍ସି), ମକାଉଲେଙ୍କ ଶିକ୍ଷା ବ୍ୟବସ୍ଥା ଏବଂ ସାଂସ୍କୃତିକ ଦାସତ୍ୱ ଏହି ମହାନ୍ ଭାରତ ବର୍ଷକୁ ସର୍ବନାଶର ଗର୍ତ୍ତକୁ ଠେଲି ଦେଇଛି । ୫୦୦-୧୦୦୦ ବର୍ଷ ପୂର୍ବର ଆମର ସ୍ୱର୍ଣ୍ଣିମ ଯୁଗକୁ ମନେ ପକାଇ, ଆସନ୍ତୁ ଆମେ ଭାରତ-ବିରୋଧୀ ଶକ୍ତିମାନଙ୍କୁ ପରାସ୍ତ କରିବା ଏବଂ ଆମର ଋଷି, ଋଷିକା ଓ ଶହୀଦମାନଙ୍କ ସ୍ୱପ୍ନକୁ ସାକାର କରିବା ପୂର୍ବକ ଏକ ଗୌରବମୟ ତଥା ବିକଶିତ ଭାରତ ଗଠନ କରିବା ପାଇଁ କ୍ଲାନ୍ତିହୀନ ଏବଂ ଏକତାବଦ୍ଧ ଭାବେ କାର୍ଯ୍ୟ କରିବା ।

ପତଞ୍ଜଳିର ଅବଦାନ - ପୂଜ୍ୟ ସ୍ୱାମୀ ରାମଦେବ ଜୀ, ଆଚାର୍ଯ୍ୟ ଶ୍ରୀ ବାଲକୃଷ୍ଣ ଜୀ ଏବଂ ପତଞ୍ଜଳି ସଂଗଠନର ଅକ୍ଳାନ୍ତ ପରିଶ୍ରମ ଯୋଗୁଁ ଯୋଗ, ଆୟୁର୍ବେଦ, ସ୍ୱଦେଶୀ ଏବଂ ସନାତନ ସଂସ୍କୃତିର ଗୌରବ ଏବେ ସମଗ୍ର ବିଶ୍ୱରେ ପହଞ୍ଚିପାରିଛି । ପତଞ୍ଜଳି ଏହି ମହତ ସେବା କାର୍ଯ୍ୟ ପାଇଁ ଲକ୍ଷ ଲକ୍ଷ କୋଟି ଟଙ୍କାର ବିପୁଳ ପରିମାଣର ଅର୍ଥ ସହଯୋଗ କରିଛି । ପ୍ରାୟ ୧୦,୦୦୦ରୁ ଊର୍ଦ୍ଧ୍ୱ ଗବେଷଣା ପ୍ରୋଟୋକଲ୍ ଅନୁସରଣ କରି ପତଞ୍ଜଳିର ବିଦ୍ୱାନମାନେ ଅନ୍ତର୍ଜାତୀୟ ଜର୍ଣ୍ଣାଲଗୁଡ଼ିକରେ ୫୦୦ରୁ ଅଧିକ ପ୍ରବନ୍ଧ ପ୍ରକାଶ କରିଛନ୍ତି । ପତଞ୍ଜଳି ଗୁରୁକୁଳମ୍, ଆଚାର୍ଯ୍ୟକୁଳମ୍, ପତଞ୍ଜଳି ବିଶ୍ୱବିଦ୍ୟାଳୟ, ଭାରତୀୟ ଶିକ୍ଷା ବୋର୍ଡ (ବିଏସ୍‌ବି), ପତଞ୍ଜଳି କ୍ୟାରିୟର ଏକାଡେମୀ, ପତଞ୍ଜଳି ସିଭିଲ୍ ସର୍ଭିସେସ୍ ଏକାଡେମୀ (ପିସିଏସଏ), ପତଞ୍ଜଳି ୱେଲନେସ୍, ପତଞ୍ଜଳି ଯୋଗଗ୍ରାମ, ନିରାମୟମ୍, ପତଞ୍ଜଳି ରିସର୍ଚ୍ଚ ଫାଉଣ୍ଡେସନ୍ ଏବଂ ଗୋଶାଳା ଭଳି ସଂସ୍ଥାନଗୁଡ଼ିକୁ ଅନ୍ତର୍ଭୁକ୍ତ କରି ପତଞ୍ଜଳିର ଦେଶବ୍ୟାପୀ ନେଟୱାର୍କରେ ଲକ୍ଷ ଲକ୍ଷ ସ୍ୱେଚ୍ଛାସେବୀଙ୍କ ନିସ୍ୱାର୍ଥପର ସମର୍ପଣ ଓ ସାଧନା ଦ୍ୱାରା ଏକ ଐତିହାସିକ ସେବା ମିଶନ ଚାଲିଛି । ଶହ ଶହ ସନ୍ନ୍ୟାସୀଙ୍କ ତପସ୍ୟା, ଲକ୍ଷ ଲକ୍ଷ କର୍ମଯୋଗୀଙ୍କ ନିସ୍ୱାର୍ଥପର ସେବା ଏବଂ କୋଟି କୋଟି ଦେଶବାସୀଙ୍କ ସମର୍ଥନ ହିଁ ଆମର ଶକ୍ତି । ଆମର ଶେଷ ନିଶ୍ୱାସ ପର୍ଯ୍ୟନ୍ତ ଭାରତ ମାତା ଏବଂ ମାନବଜାତିର ସେବାରେ ଆମର ସମଗ୍ର ସତ୍ତାକୁ ସମର୍ପିତ କରିବା ଆମର ଦୃଢ଼ ସଂକଳ୍ପ ।

ସେବା କରିବା ପାଇଁ ଏବଂ ଯୋଗର ଗୁଣ ତଥା ପ୍ରଭୁ ରାମ, କୃଷ୍ଣ ଏବଂ ଶିବଙ୍କ ଗୁଣକୁ ନିଜ ମଧ୍ୟରେ ଧାରଣ କରିବା ପାଇଁ ପତଞ୍ଜଳି ସହିତ ଜଡ଼ିତ ହୁଅନ୍ତୁ । ସନାତନ ଧର୍ମ କେବଳ ପ୍ରଚାର କରିବା ପାଇଁ ନୁହେଁ, ବରଂ ଏହାକୁ ଜୀବନରେ ଜିଇଁବାକୁ ହୁଏ ।

ଆସ୍ଥା ଏବଂ ଇଣ୍ଡିଆ ଟିଭି ଭଳି ଚ୍ୟାନେଲଗୁଡ଼ିକ କିମ୍ବା ୟୁଟ୍ୟୁବ୍ ମାଧ୍ୟମରେ ପ୍ରତିଦିନ ଯୋଗ ଅଭ୍ୟାସ କରିବାକୁ ଏକ ଦୈନିକ ଅଭ୍ୟାସରେ ପରିଣତ କରନ୍ତୁ ।

आस्था LIVE — Everyday 5:00 am to 7:30 am and 8:00 pm | संस्कार — Everyday 9:00 am | INDIA TV — Everyday 8:00 am | YouTube, Facebook — Swami Ramdev | Acharya Bal Krishna

ପତଞ୍ଜଳିର ଗବେଷଣା-ଆଧାରିତ ସ୍ୱାସ୍ଥ୍ୟ ଉତ୍ପାଦ ଏବଂ ଔଷଧ ସହିତ ସ୍ୱଦେଶୀ ଉତ୍ପାଦ - ଗାଈ ଘିଅ, ଦନ୍ତ କାନ୍ତି, ମହୁ, କେଶ କାନ୍ତି, ଶରବତ, ଜୁସ୍ ଆଦି କିଣିବା ପାଇଁ - ଗୁଗୁଲ୍‌ରେ 'Patanjali Store Near Me' ସର୍ଚ୍ଚ କରନ୍ତୁ । ଏହି ଉତ୍ପାଦଗୁଡ଼ିକ ସାରା ଦେଶର ପ୍ରମୁଖ ଦୋକାନଗୁଡ଼ିକରେ ଉପଲବ୍ଧ । ଯଦି ନାହିଁ, ତେବେ ଆପଣଙ୍କ ଦୋକାନୀଙ୍କୁ ଏଗୁଡ଼ିକ ରଖିବା ପାଇଁ ଅନୁରୋଧ କରନ୍ତୁ ।

**ଅଧିକ ବିବରଣୀ ପାଇଁ, ପତଞ୍ଜଳିର ପ୍ରମୁଖ ସଂସ୍ଥାନଗୁଡ଼ିକର ୱେବସାଇଟ୍ ପରିଦର୍ଶନ କରନ୍ତୁ ।**

ସାମଗ୍ରିକ ସ୍ୱାସ୍ଥ୍ୟର ଲାଭ ଅନୁଭବ କରିବା ପାଇଁ ପତଞ୍ଜଳି ୱେଲନେସ୍ ପରିଦର୍ଶନ କରନ୍ତୁ; ପଞ୍ଜୀକରଣ ପାଇଁ ଦୟାକରି ଯୋଗାଯୋଗ କରନ୍ତୁ: **8954-666-111**

ଭାରତୀୟ ଶିକ୍ଷା ବୋର୍ଡ ଏବଂ ପତଞ୍ଜଳି ସିଭିଲ୍ ସର୍ଭିସେସ୍ ଏକାଡେମୀ ସମ୍ବନ୍ଧୀୟ ଅନୁସନ୍ଧାନ ପାଇଁ ଯୋଗାଯୋଗ କରନ୍ତୁ: **8954-555-999**


ଲେବାନନ୍ ଉପରେ ଇସ୍ରାଏଲ୍‌ର ଆକ୍ରମଣ ପ୍ରସଙ୍ଗ

# ପୁଣି ହର୍ମୁଜ୍ ବନ୍ଦ କଲା ଇରାନ୍

**ତେହରାନ, ୱାଶିଂଟନ, ୨୦।୬/ଏଜେନ୍ସି:**

ଇରାନ ପୁଣିଥରେ ହର୍ମୁଜ ପ୍ରଣାଳୀକୁ ବନ୍ଦ କରିଦେଇଛି । ଇରାନ୍‌ର ଜଏଣ୍ଟ ମିଲିଟାରୀ କମାଣ୍ଡ ସରକାରୀ ଟିଭିରେ ଏହି ଘୋଷଣା କରି କହିଛିଯେ, ଲେବାନନରେ ଚାଲିଥିବା ଇସ୍ରାଏଲୀ ଆକ୍ରମଣ ଯୋଗୁଁ ଏହି ନିଷ୍ପତ୍ତି ନିଆଯାଇଛି । ପ୍ରକାଶ, ଆମେରିକା ଏବଂ ଇରାନ ମଧ୍ୟରେ ଜୁନ୍ ୧୭ ରାତିରେ ଏକ ଶାନ୍ତି ଚୁକ୍ତି ସ୍ୱାକ୍ଷରିତ ହୋଇଥିଲା । ଏଥିରେ ହର୍ମୁଜ ପ୍ରଣାଳୀକୁ ଖୋଲିବା ଏବଂ ଲେବାନନରେ ଆକ୍ରମଣ ବନ୍ଦ କରିବା ପାଇଁ ସର୍ତ୍ତ ରହିଥିଲା । ତେବେ ଶାନ୍ତି ଚୁକ୍ତି ସ୍ୱାକ୍ଷର ହେବା ପରେ ମଧ୍ୟ ଇସ୍ରାଏଲ୍ ଲେବାନନରେ ଆକ୍ରମଣ ଜାରି ରଖିଥିଲା । ଏହାପରେ ଟ୍ରମ୍ପଙ୍କ ମଧ୍ୟସ୍ଥତାରେ ଜୁନ୍ ୧୯ ରାତିରେ ଇସ୍ରାଏଲ୍ ଏବଂ ଲେବାନନ ମଧ୍ୟରେ ଅସ୍ତ୍ରବିରତି (ସିଜ୍‌ଫାୟାର) ଘୋଷଣା କରାଯାଇଥିଲା । ତେବେ ଅସ୍ତ୍ରବିରତି ଘୋଷଣାର ମାତ୍ର ୮ ଘଣ୍ଟା ପରେ ହିଁ ଇସ୍ରାଏଲ୍ ଏବଂ ଲେବାନନ ମଧ୍ୟରେ ପୁଣି ସଂଘର୍ଷ ଆରମ୍ଭ ହୋଇଯାଇଥିଲା । 'ଅଲ୍ ▶▶ ୫

# ମନ୍ଦିର ଛାତ ଭୁଶୁଡ଼ି ୭ ମୃତ

**ପରଭଣୀ (ମହାରାଷ୍ଟ୍ର), ୨୦।୬/ଏଜେନ୍ସି:**

ମହାରାଷ୍ଟ୍ରର ପରଭଣୀ ଜିଲ୍ଲାର ୟଶବାଡ଼ି ଦେବସ୍ଥାନରେ ଥିବା ହନୁମାନ ମନ୍ଦିର ହଲ୍‌ର ନିର୍ମାଣାଧୀନ ଛାତ ଶନିବାର ଅପରାହ୍ନରେ ଭୁଶୁଡ଼ି ପଡ଼ିଛି । ଫଳରେ ଭଗ୍ନସ୍ତୂପ ତଳେ ଚାପି ହୋଇ ୭ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ୨୫ ଜଣ ଆହତ ହୋଇଛନ୍ତି, ଯାହାଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି । ରିପୋର୍ଟ ଅନୁଯାୟୀ, ଏଠାରେ ମନ୍ଦିର ସମ୍ମୁଖରେ ସଭାମଣ୍ଡପ ତିଆରି କାମ ଚାଲିଥିଲା । ଅପରାହ୍ନ ସମୟରେ ଲୋକମାନେ ପ୍ରସାଦ ନେଉଥିଲେ । ତେବେ ହଠାତ୍ ମନ୍ଦିରର ଗଠନ ଏବଂ ପଥରଗୁଡ଼ିକ ଭୁଶୁଡ଼ି ▶▶ ୫

# ଆଜି ନିଟ୍-ୟୁଜି ପୁନଃ ପରୀକ୍ଷା

**ନୂଆଦିଲ୍ଲୀ, ୨୦।୬/ଏଜେନ୍ସି:**

ଆସନ୍ତାକାଲି ଅର୍ଥାତ ରବିବାର ନିଟ୍-ୟୁଜି ପୁନଃ ପରୀକ୍ଷା । ପେପର୍ ଲିକ୍ ଯୋଗୁଁ ଗତ ମାସରେ ପରୀକ୍ଷା ବାତିଲ୍ ହେବାପରେ ଏଥର କଡ଼ାସୁରକ୍ଷା ସହିତ ତ୍ରୁଟିଶୂନ୍ୟ ଭାବେ ପରୀକ୍ଷା ପରିଚାଳନା ପ୍ରସ୍ତୁତିରେ ଲାଗିଛି ଏନଟିଏ । ମେ' ୩ ଏଣ୍ଟ୍ରାନ୍ସ ଟେଷ୍ଟରେ ପେପରେ ଲିକ୍ ଓ ପରୀକ୍ଷା ବାତିଲ୍ ପରେ ଆସନ୍ତାକାଲିର ପୁନଃପରୀକ୍ଷା ପାଇଁ ଅଭୂତପୂର୍ବ ସୁରକ୍ଷା ବ୍ୟବସ୍ଥା । କାଶ୍ମୀରଠୁ କନ୍ୟାକୁମାରୀ.. ଦେଶବ୍ୟାପି କରାଯାଇଛି ମକଡ୍ରିଲ୍ । ଏନଟିଏ ପକ୍ଷରୁ କରାଯାଇଥିବା ଏହି ମକ୍ ଡ୍ରିଲରେ ପରୀକ୍ଷା କେନ୍ଦ୍ରଗୁଡ଼ିକରେ ପ୍ରସ୍ତୁତି, ସୁରକ୍ଷା ବ୍ୟବସ୍ଥା ଏବଂ ବିଭିନ୍ନ ଏଜେନ୍ସି ମଧ୍ୟରେ ସମନ୍ୱୟକୁ ଯାଞ୍ଚ କରାଯାଇଛି । ଓଡ଼ିଶାର ▶▶ ୫








## ବିଜେପି ସରକାରକୁ ୨ ବର୍ଷ



# ଓଡ଼ିଶାକୁ ପ୍ରକଳ୍ପ ଭେଟି

ଐତିହାସିକ ମୁହୂର୍ତ୍ତ। ରାଷ୍ଟ୍ରପତିଙ୍କ ଜନ୍ମଦିନରେ, ପୁଣି ତାଙ୍କ ଜନ୍ମମାଟିରେ... ଗୋଟିଏ ମଞ୍ଚରେ ରାଷ୍ଟ୍ରମୁଖ୍ୟଙ୍କ ସହ ଏକାଠି ହେଲେ ସରକାରର ମୁଖ୍ୟ। ଉଭୟ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଉପସ୍ଥିତିରେ ଓଡ଼ିଶାକୁ ମିଳିଛି ବଡ଼ ଉପହାର। ରାଜ୍ୟରେ ବିଜେପି ସରକାରର ୨ ବର୍ଷ ପୂର୍ତ୍ତି ଅବସରରେ ରାଜ୍ୟବାସୀଙ୍କୁ ମିଳିଛି ୪୭ହଜାର ୬୦୦ କୋଟିର ପ୍ରକଳ୍ପ ଭେଟି। ଦେଶର ଦୁଇ ଟପ୍ ନେତୃତ୍ୱଙ୍କ ଉପସ୍ଥିତିରେ ରାଜ୍ୟରେ ବିଭିନ୍ନ ଜନକଲ୍ୟାଣ ପ୍ରକଳ୍ପର ଲୋକାର୍ପଣ ତଥା ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ଏଥିରେ ଶକ୍ତି, ରେଳବାଇ, ସଡ଼କ ସଂଯୋଗୀକରଣ, ସ୍ୱାସ୍ଥ୍ୟ ଏବଂ ଶିକ୍ଷା କ୍ଷେତ୍ରର ବଡ଼ ବଡ଼ ପ୍ରକଳ୍ପ ସାମିଲ ରହିଛି।













# ରାଷ୍ଟ୍ରପତିଙ୍କ ଗାଁ ବୁଲିଲେ ପ୍ରଧାନମନ୍ତ୍ରୀ

ଓଡ଼ିଶା ପାଇଁ ଶନିବାର ଏକ ସ୍ମରଣୀୟ ଦିନ। କାରଣ ପ୍ରଥମ ଥର ମୟୂରଭଞ୍ଜରେ ଏକାଠି ହୋଇଛନ୍ତି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ। ଶନିବାର ଥିଲା ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଜନ୍ମଦିନ। ଆଉ ଏହି ଅବସରରେ ରାଷ୍ଟ୍ରପତିଙ୍କ ଗାଁ ପରିଦର୍ଶନ କରିଛନ୍ତି ପ୍ରଧାନମନ୍ତ୍ରୀ। ମୋଦୀଙ୍କୁ ଗାଁ ବୁଲାଇଥିଲେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ। ପାହାଡ଼ପୁର ଗୋଷାଣୀ ପୀଠରେ ଆଦିବାସୀ ପରମ୍ପରାରେ ରାଷ୍ଟ୍ରପତିଙ୍କ ସହ ମିଶି ପୂଜା କରିଥିଲେ ପ୍ରଧାନମନ୍ତ୍ରୀ। ପ୍ରଧାନମନ୍ତ୍ରୀ ପୂଜାର୍ଚ୍ଚନା କରିଥିବା ଗୋଷାଣୀ ପୀଠ ହେଉଛି ସାନ୍ତାଳୀ ସଂପ୍ରଦାୟଙ୍କ ପବିତ୍ର ପୀଠ ଜାହିରା। ରାଷ୍ଟ୍ରପତି ସମୃଦ୍ଧ ଆଦିବାସୀ ପରମ୍ପରା ନେଇ ପ୍ରଧାନମନ୍ତ୍ରୀଙ୍କୁ ବୁଝାଇଥିଲେ। ଆଦିବାସୀଙ୍କ ଧର୍ମପୀଠରେ ପୂଜାର୍ଚ୍ଚନା କରିବା ସହିତ ରାଷ୍ଟ୍ରପତିଙ୍କ ଗାଁରେ ବୃକ୍ଷରୋପଣ କରିଥିଲେ ପ୍ରଧାନମନ୍ତ୍ରୀ। ଏହାଛଡ଼ା ରାଷ୍ଟ୍ରପତିଙ୍କ ସ୍ୱର୍ଗତ ସ୍ୱାମୀ ଓ ଦୁଇପୁତ୍ରଙ୍କ ସ୍ମୃତିରେ ପାହାଡ଼ପୁରରେ ପ୍ରତିଷ୍ଠିତ ଏସ୍‌ଏଲ୍‌ଏସ୍ ମେମୋରିଆଲ୍ ସ୍କୁଲକୁ ଯାଇ ସେମାନଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହ ଛାତ୍ରଛାତ୍ରୀଙ୍କ ସହ ଭାବର ଆଦାନ ପ୍ରଦାନ କରିଥିଲେ। ସେହିପରି ଦକ୍ଷତା ବିକାଶକେନ୍ଦ୍ରକୁ ଯାଇ ପ୍ରଶିକ୍ଷଣ ପରେ ଚାକିରି ପାଇଥିବା ଯୁବକଯୁବତୀଙ୍କ ସହିତ ବାର୍ତ୍ତାଳାପ କରିବା ପରେ ଆଞ୍ଚଳିକ ହସ୍ତଶିଳ୍ପ ମେଳା ବୁଲି ଦେଖିଥିଲେ।











# ପ୍ରାକୃତିକ ଓ ପ୍ରଗତିଶୀଳ କୃଷି ଆଲୋଚନାଚକ୍ର



**ଓଡ଼ଗାଁ,୨୦।୬/ଏନ୍ଏନ୍ଏସ୍:** ଓଡ଼ଗାଁ ବ୍ଲକ୍ ସଭାଗୃହରେ ବ୍ଲକ୍ ସ୍ତରୀୟ କୃଷକ ସମ୍ବାଦ ତଥା ପ୍ରାକୃତିକ ଓ ପ୍ରଗତିଶୀଳ କୃଷି ଆଲୋଚନାଚକ୍ର ଶନିବାର ଅନୁଷ୍ଠିତ ହୋଇଯାଇଛି। ଚାଷୀମାନେ କିପରି ଜୈବିକ ପଦ୍ଧତିରେ ଅଧିକରୁ ଅଧିକ ଫସଲ କରିବେ ତା' ଉପରେ ଗୁରୁତ୍ୱ ଦିଆଯାଇଥିଲା। ନୟାଗଡ଼ ଜିଲ୍ଲାରେ ଜଳବାୟୁ ସ୍ୱାଭାବିକ ରହୁଥିବାରୁ ଅଧିକ ଫସଲ ଅମଳ କରିବା ଜରୁରୀ ବୋଲି ବିଡ଼ିଓ କୃଷକମାନଙ୍କୁ ପରାମର୍ଶ ଦେଇଥିଲେ। ବର୍ତ୍ତମାନ ନୟାଗଡ଼ ଜିଲ୍ଲାର ୬୦ ପ୍ରତିଶତ ଚାଷୀ ଚାଷଉପରେ ନିର୍ଭର କରୁଛନ୍ତି ଓ ଧାନ, ମୁଗ, ବିରି, ବାଦାମ ଆଦି ଫସଲ ଆଦାୟ ହେଉଛି। ଚାଷୀ ଦେଶର ମେରୁଦଣ୍ଡ ସଦୃଶ। ସେମାନଙ୍କ ଅକ୍ଳାନ୍ତ ପରିଶ୍ରମ ଯୋଗୁ ଆମେ ଦିଓଳି ଦିମୁଠା ଖାଇବାକୁ ପାଉଥିବା ତହସିଲଦାର ପ୍ରକାଶ କରିଛନ୍ତି।କୃଷି ଅଧିକାରୀ ଚାଷୀମାନଙ୍କୁ ବିହନ, ସାର ସହ ସମସ୍ତ ସବସିଡ଼ି ଆଦି ଠିକ୍ ସମୟରେ ଯୋଗାଇବାକୁ ଚେଷ୍ଟା କରୁଥିବା କହିଛନ୍ତି। ଉଦ୍ୟାନ ବିଭାଗ ଅଧିକାରୀ ଶୀତ ଦିନିଆ ପସଲ ସଜନା, ଭଣ୍ଡା, ପିଜୁଳି, ଫୁଲ ଆଦି ନେଇ ବାଡ଼ି ବଗିଚାରେ ଲଗାଇବାକୁ ଚାଷୀମାନଙ୍କୁ ପ୍ରୋତ୍ସାହିତ କରିଥିଲେ। ଗେଣ୍ଡୁ, ଗୋଲାପ, ଛତୁଚାଷ କରି ଅନେକ ବ୍ୟକ୍ତି ସ୍ୱାବଲମ୍ବୀ ହୋଇଛନ୍ତି। ତେଣୁ ଚାଷ କାର୍ଯ୍ୟକୁ ଆପଣାନ୍ତୁ ବୋଲି ଚାଷୀମାନଙ୍କୁ ପରାମର୍ଶ ଦେଇଥିଲେ। ସେହିପରି ଗୋପାଳନ, ଛେଳି, ମେଣ୍ଢା, ଘୁଷୁରି, କୁକୁଡ଼ା ଚାଷ ଉପରେ ପଶୁସଂପଦ ଅଧିକାରୀ ନିଜ ବକ୍ତବ୍ୟ ରଖିଥିବା ବେଳେ ମତ୍ସ୍ୟ ଅଧିକାରୀ ମାଛଚାଷ କଲେ କଣକଣ ସୁବିଧା ପାଇବେ ତା ଉପରେ ପ୍ରକାଶ କରିଥିଲେ। ସଫଳ ଚାଷୀଭାବେ ସୁରେଶ ଚନ୍ଦ୍ର ହୋତା କିପରି ଚାଷ କାର୍ଯ୍ୟକୁ ଆପଣେଇଲେ ତା ଉପରେ ଚାଷୀମାନଙ୍କୁ ବୁଝାଇଥିଲେ। ଆତ୍ମା ଅଧକ୍ଷ ନିତ୍ୟାନନ୍ଦ ପ୍ରଧାନଙ୍କ ସଭାପତିତ୍ୱରେ ବିଡ଼ିଓ ପ୍ରୀତିବାଳା ରଣା, ତହସିଲଦାର ଡ଼. ମାନସ ରଞ୍ଜନ ଭୋଇ, ଗୋଷ୍ଠୀ କୃଷି ଅଧିକାରୀ ପ୍ରତିଭା ପ୍ରଧାନ, ଉଦ୍ୟାନ ସହକାରୀ ଅଧିକାରୀ ଅଜିତ କୁମାର ନାୟକ, ପଶୁ ସଂପଦ ଅଧିକାରୀ ପ୍ରକାଶ ଚନ୍ଦ୍ର ପଣ୍ଡିତ, ଭାରପ୍ରାପ୍ତ ମତ୍ସ୍ୟ ଅଧିକାରୀ ସ୍ନେହାଂଶୁ ପଣ୍ଡା, ଗୋଡ଼ିପଡ଼ା ସରପଞ୍ଚ ଅନ୍ତର୍ଯ୍ୟାମୀ ସାହୁ, କୃଷକ ମୋର୍ଚ୍ଚା ବ୍ଲକ୍ ସଂଯୋଜକ ଜଗନ୍ନାଥ ପାଣିଗ୍ରାହୀ, ପୂର୍ବତନ ଜିଲ୍ଲା କୃଷକ ମୋର୍ଚ୍ଚା ସଭାପତି ଶ୍ରୀନିବାସ ପ୍ରଧାନ, ୧ନଂ ମଣ୍ଡଳ ସଭାପତି ବିରୂପାକ୍ଷ ପ୍ରଧାନ, ଏନ୍ଏସି ମଣ୍ଡଳ ସଭାପତି କାର୍ତ୍ତିକ ପଣ୍ଡା, ଗ୍ରାମୀଣ ମଣ୍ଡଳ ସଭାପତି ଶ୍ରୀକାନ୍ତ କୁମାର ନାୟକ, ଗୋଡ଼ିପଡ଼ା ମଣ୍ଡଳ ସଭାପତି ଲକ୍ଷ୍ମୀଧର ସ୍ୱାଇଁଙ୍କ ସମେତ ୨ଶହରୁ ଊର୍ଦ୍ଧ୍ୱ ଚାଷୀ ଯୋଗଦେଇଥିଲେ।

## ଡ୍ରେନ୍ କାର୍ଯ୍ୟର ତଦାରଖ

**ଟାଙ୍ଗୀ,୨୦।୬/ଏନ୍ଏନ୍ଏସ୍:** ଟାଙ୍ଗୀ ଚୌଦ୍ୱାର ବ୍ଲକ ଭଟିମୁଣ୍ଡା ପଞ୍ଚାୟତ ୧୩ଓ୍ୱାର୍ଡ ରାମେଶ୍ୱର ମନ୍ଦିର ନିକଟରେ ଦିର୍ଘ ଦିନ ହେଲା ଡ୍ରେନ୍ ପାଣି ନିଷ୍କାସନ ନ ହୋଇ ପାରି ରାସ୍ତା ଉପରେ ପାଣି ଜମି ରହି ପୋକ ସାଲୁ ବାଲୁ ହେଉଥିଲା। ଯାହାକୁ ନେଇ ସାଧାରଣରେ ଲୋକେ ଉକ୍ତ ରାସ୍ତାରେ ଯାତାୟାତ କରିବା କଷ୍ଟକର ହୋଇ ପଡ଼ିବା ସହ ଅନେକ ସମସ୍ୟା ଭୋଗୁଥିଲେ। ସ୍ଥାନୀୟ ଲୋକେ ଅଭିଯୋଗ କରିବା ପରେ ଡ୍ରେନ୍ ସଫା ହେଉଥିଲେ ମଧ ପାଣି ନିଷ୍କାସନ ହେବାର ସ୍ଥାୟୀ ସମାଧାନ ନ ହେବାରୁ ପୂର୍ଣ୍ଣବାର ସେହି ଭଳି ସମସ୍ୟା ଦେଖା ଦେଉଥିଲା। ତେବେ ବଡ଼ ବର୍ଷା ଆରମ୍ଭ ପୂର୍ବରୁ ସାଲେପୁର ବିଧାୟକ ପ୍ରଶାନ୍ତ କୁମାର ବେହେରା ଓ ସରପଞ୍ଚ ତପସ୍ୱି ନାରାୟଣ ସାହୁଙ୍କ ନିଜସ୍ୱ ପାଣ୍ଠିରୁ ଅର୍ଥ ବିନିଯୋଗ କରି ଡ୍ରେନ୍‌ର ସ୍ଥାୟୀ ସମାଧାନ କରିବା ପାଇଁ କାର୍ଯ୍ୟ ଜାରି ରହିଥିବା ବେଳେ ସରପଞ୍ଚ ତପସ୍ୱି ନାରାୟଣ ସାହୁ ଉକ୍ତ କାର୍ଯ୍ୟକୁ ତଦାରଖ କରିବା ସହ ବର୍ଷା ହେବା ପୂର୍ବରୁ ପଞ୍ଚାୟତ ଯେଉଁ ଯେଉଁ ସ୍ଥାନରେ ଡ୍ରେନ୍ ସମସ୍ୟା ରହିଛି ତା'ର ସମାଧାନ କରାଯିବ ବୋଲି ମତପ୍ରକାଶ କରିଛନ୍ତି।

## ଚାଷୀ ପାଇଲେ ପିଏମ୍ କିଷାନ କିସ୍ତି

**କଣ୍ଟାପଡ଼ା,୨୦।୬/ଏନ୍ଏନ୍ଏସ୍:** କଣ୍ଟାପଡ଼ା ବ୍ଲକ୍ କୃଷି ବିଭାଗର କୃଷକ ଭବନ ସମ୍ମିଳନୀ କକ୍ଷରେ ପିଏମ୍ କିଷାନ ଉତ୍ସବ ଦିବସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଆଜି ସାରା ଭାରତ ବର୍ଷର କୃଷି ଓ କୃଷକର ସଶକ୍ତିକରଣ ଉଦ୍ଦେଶ୍ୟରେ ଭାରତର ଯଶସ୍ୱୀ ମାନ୍ୟବର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ପଶ୍ଚିମବଙ୍ଗର ତାରକେଶ୍ୱର, ହୁଗୁଳି ଠାରେ ଭାରତର କୃଷକମାନଙ୍କ ଉନ୍ନତି କଳ୍ପେ ସାରା ଦେଶର ଚାଷୀଙ୍କ ଉଦ୍ଦେଶ୍ୟରେ ଆଭାସୀ ମାଧମରେ ୨୩ତମ ପିଏମକିଷାନ କିସ୍ତି ୧୯ହଜାର କୋଟିଟଙ୍କା ଚାଷୀଙ୍କ ଆକାଉଣ୍ଟକୁ ୨ ହଜାର ଟଙ୍କା ଲେଖାଏଁ ସିଧାସଳଖ ଚାଷୀମାନେ ଡିବିଟି ମଧାମରେ ପ୍ରଧାନମନ୍ତ୍ରୀ ପ୍ରଦାନ କରିଛନ୍ତି। ଏହି ଉପଲକ୍ଷେ ରାଜ୍ୟ ସ୍ତରୀୟ ଜିଲ୍ଲାସ୍ତରୀୟ ଓ ବ୍ଲକ ସ୍ତରୀୟ କାର୍ଯ୍ୟକ୍ରମମାନ ଅନୁଷ୍ଠିତ ହୋଇଛି। ଉକ୍ତ କାର୍ଯ୍ୟକ୍ରମରେ କଣ୍ଟାପଡ଼ା ବ୍ଲକ ଆତ୍ମା ଅଧକ୍ଷ ପ୍ରଦୀପ୍ତ ପାତ୍ର, କୃଷି ସଂପ୍ରସାରଣ ଅଧିକାରୀ ଶୁଭଶ୍ରୀ ନନ୍ଦଙ୍କ ସମେତ ସମସ୍ତ କୃଷି ବିଭାଗର ବିଭାଗୀୟ କର୍ମଚାରୀ ଓ ସମସ୍ତ ୨୮ ଗୋଟି କୃଷିମିତ୍ର ଶତାଧିକ ଚାଷୀମାନେ ଉପସ୍ଥିତ ଥିଲେ। ପ୍ରଧାନମନ୍ତ୍ରୀଙ୍କ ଆଭାସୀ ମାଧମରେ ଦେଇଥିବା ବାର୍ତ୍ତାକୁ ଯେପରି ଚାଷୀମାନେ ଚାଷୀଙ୍କ ଉନ୍ନତି କଳ୍ପେ ଆସୁଥିବା ଟଙ୍କା ସଠିକ ଉପଯୋଗ କରିବେ ତାକୁ ଧ୍ୟାନଦେବାକୁ ଉପସ୍ଥିତ ଚାଷୀମାନଙ୍କୁ ଆତ୍ମା ଅଧକ୍ଷ ପରାମର୍ଶ ଦେଇଥିଲେ। କୃଷି କମିଚାରୀ ଅବନୀକୁମାର ସୁନ୍ଦରାୟ ଓ ସତ୍ୟରଂଜନ ସାଠୁଆ କାର୍ଯ୍ୟକ୍ରମକୁ ପରିଚାଳନାରେ ପୂର୍ଣ୍ଣ ସହଯୋଗ କରିଥିଲେ।

### ଦୁଇ ହାଇସ୍କୁଲର ବିକଳ ଚିତ୍ର: ଅସୁରକ୍ଷିତ ଟିଣ ଘରେ ଛାତ୍ରୀଙ୍କ ଭବିଷ୍ୟତ

# ପ୍ରବଳ ଗରମ ଓ ଗୁଳୁଗୁଳିରେ ସିଝୁଛନ୍ତି ପିଲା

**ଓଡ଼ଗାଁ,୨୦।୬/ଏନ୍ଏନ୍ଏସ୍:** ଦୀର୍ଘଦିନ ଗ୍ରୀଷ୍ମ ଛୁଟିପରେ ନୟାଗଡ଼ ଜିଲ୍ଲାର ସମସ୍ତ ସ୍କୁଲ ଗୁରୁବାର ଠାରୁ ଖୋଲିଯାଇଛି। ଗରମ, ଗୁଳୁଗୁଳିରେ ଅଣନିଶ୍ୱାସୀ ହେଉଛନ୍ତି ଛାତ୍ରଛାତ୍ରୀ। କେବଳ ଛାତ୍ରଛାତ୍ରୀ ନୁହଁନ୍ତି ଶିକ୍ଷକ, ଶିକ୍ଷୟିତ୍ରୀ ମଧ ଏଥିରୁ ବାଦ ପଡିନାହାଁନ୍ତି। କିନ୍ତୁ ସରକାରଙ୍କ ନିୟମକୁ ମାନି ଛାତ୍ରଛାତ୍ରୀ ଓ ଶିକ୍ଷକ ପାଠପଢା ଉପରେ ଗୁରୁତ୍ୱ ଦେଉଛନ୍ତି। ଏବେ ଅସୁରକ୍ଷିତ ଟିଣଘରେ ଛାତ୍ରୀମାନଙ୍କ ଭବିଷ୍ୟତ ଗଢାହେଉଥିବା ଦେଖିବାକୁ ମିଳିଛି। ଓଡ଼ଗାଁ ବ୍ଲକ୍ ଅନ୍ତର୍ଗତ କୁରାଳ ଆନନ୍ଦ ସାହୁ ବାଳିକା ଉଚ୍ଚ ବିଦ୍ୟାଳୟରେ ଏଭଳି ଦୟନୀୟ ଚିତ୍ର ଦେଖିବାକୁ ମିଳିଛି। ଏହି ବିଦ୍ୟାଳୟରେ ୬ଷ୍ଠରୁ ୧୦ମ ଶ୍ରେଣୀ ପର୍ଯ୍ୟନ୍ତ ୧୫୫ଜଣ ଛାତ୍ରୀ ଅଧୟନ କରନ୍ତି। ବିଦ୍ୟାଳୟରେ ଶ୍ରେଣୀଗୃହ ନଥିବାରୁ ଷଷ୍ଠ, ସପ୍ତମ ଓ ଅଷ୍ଟମ ଶ୍ରେଣୀର ୬୪ଜଣଛାତ୍ରୀ ଟିଣଘରେ ବସି ଅଧୟନ କରୁଛନ୍ତି। ଗରମ, ଗୁଳୁଗୁଳି ଯୋଗୁ ଛାତ୍ରୀମାନେ ଅସ୍ତବ୍ୟସ୍ତ ହୋଇପଡୁଥିବାରୁ ପାଠପଢାରେ ବ୍ୟାଘାତ ସୃଷ୍ଟି ହୋଇଛି। ଟିଣଘରେ ଉତ୍ତାପ ଅଧିକ ହେଉଥିବାରୁ ପଙ୍ଖା କାମକରୁନି କି ବସିବା ସମ୍ଭବ ହେଉନଥିବା ଶିକ୍ଷକମାନେ କହିଛନ୍ତି। ତଥାପି ଷ୍ଟାଣ୍ଡ ଫ୍ୟାନ୍ ଲଗାଯାଇଛି। ୨ବର୍ଷ ତଳେ ଫାଇଭ୍-ଟି ଯୋଜନାରେ ବିଦ୍ୟାଳୟର ବିଭିନ୍ନ କାର୍ଯ୍ୟ କରାଯାଇଥିଲେ ମଧ ଶ୍ରେଣୀଗୃହ ଉପରେ କାହାରି ଦୃଷ୍ଟି ନଥିଲା। ବିଦ୍ୟାଳୟ ଶ୍ରେଣୀଗୃହ ଉପରଘର ତିଆରିହୋଇ ଛାତପତନ ପର୍ଯ୍ୟନ୍ତ ରହିଥିବା ଦେଖିବାକୁ ମିଳିଛି।ଛାତ ପଡ଼ିବାକୁ ଅର୍ଥର ଘୋରଅଭାବ ଥିବାରୁ ଘର ସଂପୂର୍ଣ୍ଣ ହୋଇପାରୁନଥିବା ପ୍ରଧାନଶିକ୍ଷୟିତ୍ରୀ ପ୍ରକାଶ କରିଛନ୍ତି। ଏ ନେଇ ସେ ବିଡ଼ିଓଙ୍କୁ ଲିଖିତଭାବେ ଜଣାଇଥିଲେ ମଧ କୌଣସି ପ୍ରତିକାର କରାଯାଇନାହିଁ। ଏବେ ଛାତ୍ରୀଙ୍କ ପାଠପଢାକୁ ନେଇ ଶିକ୍ଷକ, ଶିକ୍ଷୟିତ୍ରୀଙ୍କ ମଧ୍ୟରେ ଚିନ୍ତା ବଢିଯାଇଛି। ଅତ୍ୟଧିକ ଗରମ ଯୋଗୁ ଯଦି ଅଂଶୁଘାତ ହୁଏ କିମ୍ବା କିଏ ଅଚେତହୁଏ ସେଥିପାଇଁ ଦାୟୀ କିଏ ରହିବବୋଲି ଅଭିଭାବକ ମହଲରେ ମତପ୍ରକାଶ ପାଇଛି। କେବଳ ଆନନ୍ଦସାହୁ ବାଳିକା ଉଚ୍ଚ ବିଦ୍ୟାଳୟ ନୁହଁ କୁରାଳ ନୋଡାଲ ହାଇସ୍କୁଲର ଛାତ୍ରଛାତ୍ରୀମାନେ ପୁରୁଣା ଟିଣ ଘରେ ବସି ପାଠପଢୁଥିବା ଦେଖିବାକୁ ମିଳିଛି। ଦେଢଶହରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀଙ୍କ ଭବିଷ୍ୟତକୁ ଅନ୍ଧାର ଭିତରକୁ ଠେଲି ଦିଆ ଯାଉଛି। କେବେ ଟିଣଘର ବଦଳରେ ଛାତଘରେ ପିଲା ପାଠପଢିବାର ସୁବିଧା ପାଇବେ ତାକୁନେଇ ଆଲୋଚନା ହେଉଛି। ଏହି ଘଟଣାରେ ଗୋଷ୍ଠୀ ଶିକ୍ଷାଧିକାରୀ ପିଣ୍ଟୁ ପ୍ରଧାନ ସରକାରଙ୍କ ପକ୍ଷରୁ ନୂଆ ଶ୍ରେଣୀଗୃହ ପାଇଁ ସେମିତି କିଛି ଅନୁଦାନ ଆସୁନାହିଁ ବୋଲି କହିଛନ୍ତି। ବର୍ଷକୁ ଗୋଟିଏ ସ୍କୁଲ ଘରପାଇଁ ଅନୁଦାନ ଆସୁଥିବାରୁ ସମସ୍ୟା ସୃଷ୍ଟି ହୋଇଛି। ତଥାପି ଆମେ ଚେଷ୍ଟାକରିବୁ ବୋଲି ଗଣମାଧ୍ୟମକୁ କହିଛନ୍ତି।



## କୁମାରବସ୍ତରେ ଶୀତଳଷଷ୍ଠୀ ଓ ଶିବବିବାହ ଉତ୍ସବ

**ଖୋର୍ଦ୍ଧା,୨୦।୬/ଏନ୍ଏନ୍ଏସ୍:** ଖୋର୍ଦ୍ଧା ନିକଟବର୍ତ୍ତୀ କୁମାରବସ୍ତ ଗ୍ରାମସ୍ଥିତ ଶ୍ରୀ ଶ୍ରୀ ଲୋକନାଥ ଦେବଙ୍କ ପବିତ୍ର ପୀଠରେ ଆଧାତ୍ମିକ ପରିବେଶ ମଧ୍ୟରେ ଭକ୍ତି, ଶ୍ରଦ୍ଧା ଓ ଉତ୍ସାହର ସହିତ ଶୀତଳ ଷଷ୍ଠୀ ଅବସରରେ ପ୍ରଭୁ ଶିବ ଓ ମା' ପାର୍ବତୀଙ୍କ ଐତିହାସିକ ଦିବ୍ୟ ବିବାହ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ପବିତ୍ର ଧାର୍ମିକ ଉତ୍ସବରେ ହଜାର ହଜାର ଶ୍ରଦ୍ଧାଳୁ ଓ ଭକ୍ତଙ୍କ ସମାଗମରେ ସମଗ୍ର ଅଞ୍ଚଳ ଭକ୍ତିମୟ ପରିବେଶରେ ମୁଖରିତ ହୋଇଉଠିଥିଲା। ପୁରାଣ ବର୍ଣ୍ଣିତ ପରମ୍ପରା ଅନୁଯାୟୀ ଭଗବାନ ଶିବ ଓ ମା' ପାର୍ବତୀଙ୍କ ବିବାହକୁ ଆଧାର କରି ଆୟୋଜିତ ଏହି ମହୋତ୍ସବରେ ଶିବ ବରଯାତ୍ରା ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଥିଲା। ବାଦ୍ୟ, ଘଣ୍ଟ, ଶଙ୍ଖଧ୍ୱନି ଓ ହରିବୋଲ ଧ୍ୱନିରେ ସମଗ୍ର ପରିବେଶ ପ୍ରକମ୍ପିତ ହୋଇଥିଲା। ରଙ୍ଗୀନ ଆଲୋକମାଳା ଓ ଫୁଲରେ ସୁସଜ୍ଜିତ ମନ୍ଦିର ପରିସର ଭକ୍ତମାନଙ୍କୁ ଆକର୍ଷିତ କରିଥିଲା। ଶିବ ବିବାହର ସମସ୍ତ ବୈଦିକ ନୀତିକାନ୍ତି ଓ ପୂଜାର୍ଚ୍ଚନା ପୁରୋହିତମାନଙ୍କ ଦ୍ୱାରା ସମ୍ପନ୍ନ ହୋଇଥିଲା। ବର ଓ କନ୍ୟା ପକ୍ଷର ଭୂମିକାରେ ଗ୍ରାମବାସୀମାନେ ସାମିଲ ହୋଇ ପରମ୍ପରାକୁ ଜୀବନ୍ତ ରଖିଥିଲେ। ବିବାହ ମଣ୍ଡପରେ ହୋମ, ଯଜ୍ଞ, ମନ୍ତ୍ରୋଚ୍ଚାରଣ ଓ ମଙ୍ଗଳାଷ୍ଟକ ମଧ୍ୟରେ ଦେବାଦିଦେବ ମହାଦେବ ଓ ମା' ପାର୍ବତୀଙ୍କ ବିବାହ ସମ୍ପନ୍ନ ହେବା ପରେ ଉପସ୍ଥିତ ଭକ୍ତମାନେ ଆଧାତ୍ମିକ ଆନନ୍ଦ ଅନୁଭବ କରିଥିଲେ। ଏହି ଅବସରରେ ଭଜନ, କୀର୍ତ୍ତନ, ସାଂସ୍କୃତିକ କାର୍ଯ୍ୟକ୍ରମ ଓ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା। ଆଖପାଖ ଅଞ୍ଚଳର ବହୁ ଭକ୍ତ, ଶ୍ରଦ୍ଧାଳୁ ଓ ଗଣ୍ୟମାନ୍ୟ ବ୍ୟକ୍ତି ଉପସ୍ଥିତ ରହି ଏହି ମହାନ ଧାର୍ମିକ ଉତ୍ସବରେ ସାମିଲ ହୋଇଥିଲେ। ଗ୍ରାମବାସୀ ଓ ଉତ୍ସବ କମିଟିର ସକ୍ରିୟ ସହଯୋଗରେ ଅନୁଷ୍ଠିତ ଏହି ଶୀତଳ ଷଷ୍ଠୀ ଓ ଶିବ ବିବାହ ଉତ୍ସବ କେବଳ ଏକ ଧାର୍ମିକ କାର୍ଯ୍ୟକ୍ରମରେ ସୀମିତ ନରହି ଭ୍ରାତୃତ୍ୱ, ସାମାଜିକ ସଦଭାବ ଓ ସାଂସ୍କୃତିକ ଏକତାର ବାର୍ତ୍ତା ପ୍ରଦାନ କରିଥିଲା। ଭକ୍ତମାନଙ୍କ ବିଶ୍ୱାସ ଅନୁସାରେ ଏହି ଦିବ୍ୟ ବିବାହ ଦର୍ଶନ କଲେ ସୁଖ, ଶାନ୍ତି ଓ ସମୃଦ୍ଧି ଲାଭ ହୋଇଥାଏ। ଏହି କାରଣରୁ ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ ଉତ୍ସବରେ ଅପାର ଜନସମାଗମ ଦେଖିବାକୁ ମିଳିଥିଲା। ସମଗ୍ର କାର୍ଯ୍ୟକ୍ରମ ଶୃଙ୍ଖଳିତ ଭାବେ ସମ୍ପନ୍ନ ହୋଇଥିବା ବେଳେ ଭକ୍ତମାନେ 'ହର୍ ହର୍ ମହାଦେବ' ଧ୍ୱନିରେ ପରିବେଶ ଭକ୍ତିମୟ କରିଦେଇଥିଲେ।

## ସଂପୁରଗଡ଼ ରଜ ମହୋତ୍ସବ ଉଦ୍‌ଯାପିତ



**ବୋଲଗଡ଼,୨୦।୬/ଏନ୍ଏନ୍ଏସ୍:** ବୋଲଗଡ଼ ବ୍ଲକ ଅନ୍ତର୍ଗତ ପାଞ୍ଚଗଡ଼ ମଧ୍ୟରୁ ସଂପୁରଗଡ଼ରେ ପ୍ରସିଦ୍ଧ ରଜ ମହୋତ୍ସବ ଉଦଯାପିତ ହୋଇଛି। ଏହି ରଜ ମହୋତ୍ସବରେ ଯୁବ ସମାଜସେବୀ ନିରଂଜନ ନାୟକଙ୍କ ଅଧକ୍ଷତାରେ ଆୟୋଜିତ ଉତ୍ସବରେ ମୁଖ୍ୟଅତିଥି ଭାବେ ସ୍ଥାନୀୟ ବିଧାୟକ ପ୍ରଦୀପ କୁମାର ସାହୁ, ମୁଖ୍ୟବକ୍ତା ଭାବେ ଜିଲ୍ଲା ପରିଷଦ ସଦସ୍ୟାଙ୍କ ପ୍ରତିନିଧି ଶୁଭେନ୍ଦ୍ର କୁମାର ସାହୁ ଓ ସମ୍ମାନିତ ଅତିଥି ଭାବେ ଖଙ୍ଗୁରିଆ ଗ୍ରାମ ପଞ୍ଚାୟତ ବିଜେଡି ସଭାପତି ଚିତ୍ତ ରଞ୍ଜନ ମିଶ୍ର, ପୂର୍ବତନ ସରପଞ୍ଚ ଅର୍ଜୁନ କୁମାର ସାହୁ, ନୟାଗଡ଼ ଜିଲ୍ଲା ଉଜିବନି ବ୍ୟାଙ୍କ ପରିଚାଳକ ସୌମ୍ୟରଞ୍ଜନ ମହାନ୍ତି, ଯୁବ ସମାଜସେବୀ ମାନସ ରଞ୍ଜନ ସାମନ୍ତରା, ହେମନ୍ତ କୁମାର ଦେଓ, ବାଦଲ କୁମାର ଓ ଖବରଦାତା ପାଣ୍ଡବ ସାହୁ ପ୍ରମୁଖ ଯୋଗଦେଇ ରଜ ଉତ୍ସବ ସମସ୍ତଙ୍କୁ ଏକତା ସୂତ୍ରରେ ବାନ୍ଧି ରଖିଥାଏ ବୋଲି ମତପ୍ରକାଶ କରିଥିଲେ। ସାଧାରଣତଃ ରଜ ପର୍ବ ଏକ ଗଣ ପର୍ବ ଓ ଭାଇଚାରାର ପର୍ବ ଭାବେ ସର୍ବଗ୍ରାହ୍ୟ ହୋଇପାରିଛି ବୋଲି ଅତିଥି ମାନେ ମତବ୍ୟକ୍ତ କରିଥିଲେ। ତେବେ ବ୍ଲକ ଅଞ୍ଚଳରେ ୪ଦିନ ରଜ ପାଳନ ହେଉଥିବା ବେଳେ ସଂପୁରଗଡ଼ ଗ୍ରାମରେ ଏହି ପର୍ବକୁ ଦୀର୍ଘ ୬ଦିନ ବ୍ୟାପି ବିଭିର୍ଣ୍ଣ ସାଂସ୍କୃତିକ କାର୍ଯ୍ୟକ୍ରମ ମାଧ୍ୟମରେ ବେଶ ଧୁମଧାମରେ ଆନନ୍ଦ ଉଲ୍ଲାସର ସହ ପାଳନ କରାଯାଇଛି। ତେବେ ଉଦଯାପନୀ ଶୁକ୍ରବାର ସନ୍ଧ୍ୟାରେ ଶ୍ରୀ ଶ୍ରୀ ଜଗନ୍ନାଥ ନାଟ୍ୟ ପରିଷଦ ପକ୍ଷରୁ ନିଆରା ଢଙ୍ଗରେ ସମସ୍ତ ଅନୁଷ୍ଠାନ ମାନଙ୍କୁ ସମ୍ବର୍ଦ୍ଧନା କରାଯାଇଥିଲା। ସେହିପରି ସଂପୁର ରଜ ଉତ୍ସବକୁ ସରସ ସୁନ୍ଦର କରୁଥିବା ଅନୁଷ୍ଠାନ ତଥା ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ନାମ ସଂକୀର୍ତ୍ତନ ମଣ୍ଡଳୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିରେ ବରଷ୍ଠ ସଦସ୍ୟ ଶେଷଦେବ ସ୍ୱାଇଁ ସ୍ୱାଗତ ଭାଷଣ ଦଇଥିବାବେଳେ ଶାନ୍ତନୁ କୁମାର ଛୋଟରାୟ ଧନ୍ୟବାଦ ଅର୍ପଣ କରିଥିଲେ।

## 'ବିକାଶ ଧାରା, ଓଡ଼ିଶା ସାରା'



**କଣ୍ଟିଲୋ,୨୦।୬/ଏନ୍ଏନ୍ଏସ୍:** କଣ୍ଟିଲୋ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଶନିବାର 'ବିକାଶର ଧାରା, ଓଡିଶା ସାରା' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମ ୩ ଦିନ ବ୍ୟାପୀ ଅନୁଷ୍ଠିତ ହେବ। ଆୟୋଜିତ ପ୍ରଥମ ଦିନ କାର୍ଯ୍ୟକ୍ରମରେ ସରପଂଚ ଶ୍ରୀୟାରାଣୀ ବେହେରା, ନାୟବ ସରପଂଚ ପ୍ରଭାତ କୁମାର ସାହୁ, ପୂର୍ବତନ ସରପଞ୍ଚ ପ୍ରତାପ ଚନ୍ଦ୍ର ସାହୁ, ଏଡିଓ ଅଭିନାଶ ନାୟକ, ରବିନ୍ଦ୍ର କୁମାର ବେହେରା ପ୍ରମୁଖ ଯୋଗଦେଇ ରାଜ୍ୟ ସରକାରଙ୍କ ଦୁଇ ବର୍ଷ ପୂର୍ତ୍ତି ଅବସରରେ ହୋଇଥିବା ବିଭିନ୍ନ କଲ୍ୟାଣମୂଳକ ତଥା ବିକାଶ ମୂଳକ କାର୍ଯ୍ୟ ସଂପର୍କରେ ସୂଚନା ପ୍ରଦାନ କରିଥିଲେ। ଏ ଅବସରରେ ଉପସ୍ଥିତ ଥିବା ନୂତନ ହିତାଧିକାରୀମାନଙ୍କୁ ରାସନ କାର୍ଡ ପ୍ରଦାନ କରାଯାଇଥିଲା। ଆୟୋଜିତ କାର୍ଯ୍ୟକ୍ରମରେ ଶତାଧିକ ଜନସାଧାରଣ ଉପସ୍ଥିତ ଥିଲେ। ସେହିପରି ଏହି ଯୋଜନାକ୍ରମେ ରବିବାର ଯୋଗ ପ୍ରଶିକ୍ଷଣ ଓ ସୋମବାର ଏକ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ରହିଥିବା ଜଣାପଡ଼ିଛି।

## ବିଭିନ୍ନ ଶୈବପୀଠରେ ଶୀତଳଷଷ୍ଠୀ ଓ ଶିବପାର୍ବତୀଙ୍କ ବିବାହ ମହୋତ୍ସବ

**ନିଶ୍ଚିନ୍ତକୋଇଲି,୨୦।୬/ଏନ୍ଏନ୍ଏସ୍:** ପବିତ୍ର ଶୀତଳଷଷ୍ଠୀ ଅବସରରେ ନିଶ୍ଚିନ୍ତକୋଇଲି ବ୍ଲକ ଅଞ୍ଚଳରେ ବିଭିନ୍ନ ଶୈବ ପୀଠରେ ଶିବ ପାର୍ବତୀଙ୍କ ବିବାହ ମହୋତ୍ସବ ମହାଆଡ଼ମ୍ବରରେ ପାଳିତ ହୋଇଯାଇଛି। ଏହି ଅବସରରେ ବରପଡ଼ା ସ୍ଥିତ ସୋମନାଥ ପୀଠରେ ଦେବଦମ୍ପତ୍ତିଙ୍କ ବିବାହ ଉତ୍ସବ ଅନୁଷ୍ଠିତ ହୋଇଛି। ଅନୁଷ୍ଠିତ ଉତ୍ସବରେ ବର ପିତାମାତା ଭାବେ ଡ଼ଃ. ଦେବ୍ ମହାନ୍ତି, ହରପ୍ରିୟା ମହାନ୍ତି ଏବଂ କନ୍ୟା ପିତାମାତା ଭାବେ ବିପିନ୍ ବିହାରୀ ଦଣ୍ଡପାଟ, ପୁଷ୍ପବିହାରୀ ଦଣ୍ଡପାଟ କାର୍ଯ୍ୟନିର୍ବାହ କରିଥିଲେ। ପ୍ରଶାନ୍ତ ପଣ୍ଡା, ଚନ୍ଦ୍ରଶେଖର ପଣ୍ଡା, ଅକ୍ଷୟ ପଣ୍ଡା, କୃଷ୍ଣଚନ୍ଦ୍ର ପଣ୍ଡାଙ୍କ ସମେତ ସୋମନାଥ ମନ୍ଦିରର ସମସ୍ତ ପୂଜକ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ସରପଞ୍ଚ ରମାକାନ୍ତ ମହାନ୍ତି, ପୂର୍ବତନ ସରପଞ୍ଚ କ୍ଷୀରୋଦ ପରିଡ଼ା,ରାୟଗୁରୁ ବିଜୟ ମିଶ୍ର, ସମିତିସଭ୍ୟ ଭବାନୀଶଙ୍କର ବେହେରା ପ୍ରମୁଖଙ୍କ ସମେତ ବହୁ ଶ୍ରଦ୍ଧାଳୁ ଉପସ୍ଥିତ ଥିଲେ। ସେହିପରି ପାଇକରାପୁର ସ୍ଥିତ ଶ୍ରୀ ଶ୍ରୀ ସିଦ୍ଧେଶ୍ୱର ମହାଦେବଙ୍କ ପୀଠରେ ଦେବଦମ୍ପତ୍ତିଙ୍କ ବିବାହରେ କନ୍ୟାପିତା ଭାବେ ପଦ୍ମଚରଣ ଆଚାର୍ଯ୍ୟ, ବରପିତା ଭାବେ ଶଶଧର ମିଶ୍ର ବିବାହ କାର୍ଯ୍ୟ ସମ୍ପନ୍ନ କରିଥିବା ବେଳେ ଅନୁଷ୍ଠାନର କାର୍ଯ୍ୟକର୍ତ୍ତା ବସନ୍ତ କୁମାର ମହାରଣା, ଓମ୍ ଜୟ ଜଗନ୍ନାଥ ଜୟ ଶ୍ରୀରାମ୍, ପବିତ୍ରମୋହନ ପ୍ରଧାନ, ସରପଞ୍ଚ ବୈଷ୍ଣବଚରଣ ସାମଲ, ନିରଞ୍ଜନ ପ୍ରଧାନ, ମହେଶ୍ୱର ମହାରଣା, ପଦ୍ମଚରଣ ସାମଲ ପ୍ରମୁଖ ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ।

### ପ୍ରଥମ ସାଲେପୁର ରଜ ମହୋତ୍ସବ ଉଦ୍‌ଯାପିତ

# କ୍ରିତିକାଙ୍କୁ 'ରଜ ସୁନ୍ଦରୀ-୨୦୨୬' ମୁକୁଟ

**ସାଲେପୁର,୨୦।୬/ଏନ୍ଏନ୍ଏସ୍:** ସାଇ ସମୀକ୍ଷା ଏଜୁକେଶନାଲ ଚାରିଟେବୁଲ ଟ୍ରଷ୍ଟ,ବୁଦ୍ଧିଜୀବୀ, ନାଗରିକ ମଞ୍ଚ ପକ୍ଷରୁ ଆୟୋଜିତ ହେଉଥିବା ପ୍ରଥମ ସାଲେପୁର ରଜ ମହୋତ୍ସବ ୨୦୨୬ ହର୍ଷ ଉଲ୍ଲାସ ଓ ଶାନ୍ତି ଶୃଙ୍ଖଳାରେ ଶେଷ ହୋଇଛି।ଏହାର ମୁଖ୍ୟ ଆକର୍ଷଣ ଥିଲା ବିଭିନ୍ନ ପ୍ରତିଯୋଗିତା। ଏଥିରେ ବହୁ ସଂଖ୍ୟାରେ ପ୍ରତିଯୋଗୀ ମାନେ ଭାଗ ନେଇଥିଲେ। ଯେମିତିକି ରଜ ସୁନ୍ଦରୀ, ପିଠା, ମ୍ୟୁଜିକ ଚେୟାର, ଅଳତା, କୁକୁମ, ଝୋଟି, ମୁରୁଜ, କ୍ୟାରମ ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ସବୁଠାରୁ ଆକର୍ଷଣ ର କେନ୍ଦ୍ର ବିନ୍ଦୁ ଥିଲା ରଜ ସୁନ୍ଦରୀ ପ୍ରତିଯୋଗିତା। ଏଥର ସାଲେପୁର ରଜ ସୁନ୍ଦରୀ ଭାବେ ଶିଶୁଆ ଗ୍ରାମର ଜଗନ୍ନାଥ ସାହୁଙ୍କ ଝିଅ କ୍ରିତିକା ସାହୁ ବିଜୟୀ ହୋଇଥିଲେ। ମଧୁସୂଦନ ମଣ୍ଡପ ପରିସରରେ ମହୋତ୍ସବ କମିଟିର ଆବାହକ ତଥା ସମାଜସେବୀ ହରିବନ୍ଧୁ ଶତପଥୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଶେଷ ସନ୍ଧ୍ୟାରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ମୁଖ୍ୟ ଶାସନ ସଚିବ ବିଜୟ କୁମାର ପଟ୍ଟନାୟକ, ମୁଖ୍ୟ ବକ୍ତା ଭାବେ ଫକୀର ମୋହନ ବିଶ୍ୱ ବିଦ୍ୟାଳୟର ଅବସରପ୍ରାପ୍ତ କୁଳପତି ପ୍ର. କୁମରବର ଦାସ ଯୋଗଦେଇ ସଭ୍ୟତାର ବିକାଶ



ବିନା ସଂସ୍କୃତିର ବିକାଶ ଅସମ୍ଭବ ବୋଲି ମତପ୍ରକାଶ କରିଥିଲେ। ସମ୍ମାନିତ ଅତିଥି ଭାବେ ମହାନଦୀ ବଞ୍ଚାଅ ଆନ୍ଦୋଳନର ଆବାହକ ସୁଦର୍ଶନ ଦାସ, ବରିଷ୍ଠ ସାମ୍ବାଦିକ ଅକ୍ଷୟ କୁମାର ଦାଶ ଯୋଗଦେଇ ସାଲେପୁରରେ ଏଭଳି ଏକ ନିଆରା ଢଙ୍ଗରେ ରଜ ମହୋତ୍ସବ ଆୟୋଜନ କରୁଥିବାରୁ କମିଟିର ଆବାହକ ହରିବନ୍ଧୁ ଶତପଥୀଙ୍କୁ ପ୍ରଶଂସା କରିଥିଲେ। ଉଦ୍‌ଯାପନୀ ସନ୍ଧ୍ୟାରେ ଯାଦୁଗର ପପୁଙ୍କ ଯାଦୁଖେଳ, ଛାତ୍ରଛାତ୍ରୀମାନଙ୍କ ପରିବେଷିତ ନୃତ୍ୟ ଦର୍ଶକମାନଙ୍କୁ ଭରପୂର ମନୋରଞ୍ଜନ ଯୋଗାଇଥିଲା। ପ୍ରଥମେ ଅତିଥିମାନେ ପହଞ୍ଚିବା ପରେ କୁଆଁପାଳ ରୋଡ଼ ଛକ ଠାରୁ ବାଜା ବଜାର ପାଛୋଟି ଆଣିଥିଲେ। ସେଠାରେ ଥିବା ମଧୁବାବୁଙ୍କ ପ୍ରତିମୂର୍ତ୍ତି ଓ ମଣ୍ଡପ ପରିସରରେ ଥିବା ମଧୁବାବୁଙ୍କ ପ୍ରତିମୂର୍ତ୍ତିରେ ଅତିଥିମାନେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଏହି ଅବସରରେ ଅତିଥିମାନେ ରଜସୁନ୍ଦରୀ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରିଥିବା କ୍ରିତିକା ସାହୁଙ୍କୁ ବିଜୟ ମୁକୁଟ ପିନ୍ଧାଇଥିବା ବେଳେ ଦ୍ୱିତୀୟ ଉପବିଜେତା ଭାବେ ଶ୍ରୀୟା ସ୍ମିସ୍ମା ପ୍ରିୟଦର୍ଶିନୀ ରନର୍ସଅପ୍, ତୃତୀୟ ଉପ ବିଜେତା ଭାବେ ବିଶ୍ୱ ବିସ୍ମିତା ରାଉତ ମନୋନୀତ ହୋଇଥିଲେ। ଗାଳ୍ପିକ ଡ. ଗିରୀଶ ଚନ୍ଦ୍ର ସାହୁ ସଭାପତିତ୍ୱରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବା ବେଳେ ସାମ୍ବାଦିକ ଶାରଦା ପ୍ରସନ୍ନ ପଣ୍ଡା ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମକୁ ଶିକ୍ଷୟିତ୍ରୀ ନାଗମଣି ସ୍ୱାଇଁ, ଦୀପ୍ତିମୟୀ ରାଉତ, ହେମନ୍ତ ନନ୍ଦ, ସମ୍ପିତ ଦାସ, ରବୀନ୍ଦ୍ର ଜେନା, ମାନସ ରଞ୍ଜନ ଦାଶ, ରାଜା ସିଂ, ଦୀପକ ଜେନା, ନଜରୁଲ ହାସନ, ବୈକୁଣ୍ଠ ନାଥ ସ୍ୱାଇଁଙ୍କ ସମେତ ମହୋତ୍ସବ କମିଟିର କର୍ମକର୍ତ୍ତା ଓ ସଦସ୍ୟ ପରିଚାଳନା କରିଥିଲେ।

## ଭିନ୍ନକ୍ଷମଙ୍କ ଭତ୍ତା ଟଙ୍କା ହଡ଼ପ ଅଭିଯୋଗ

**ଓଡ଼ଗାଁ,୨୦।୬/ଏନ୍ଏନ୍ଏସ୍:** ରାଜ୍ୟ ଆଉ କେନ୍ଦ୍ର ସରକାର ଭିନ୍ନକ୍ଷମ, ବୃଦ୍ଧ, ବୃଦ୍ଧା, ବିଧବା, ଅସହାୟ ବ୍ୟକ୍ତିଙ୍କୁ ଭତ୍ତା ଯୋଜନାରେ ସାମିଲ କରିଥିବାବେଳେ ସେହିଭତ୍ତା ଟଙ୍କାକୁ କିପରି ବାଟମାରଣା କରିବେ ସେଥିପାଇଁ ସମସ୍ତେ ଯୋଜନା କରିଛନ୍ତି। ଓଡ଼ଗାଁ ବ୍ଲକ୍ କୋମଣ୍ଡ ପଞ୍ଚାୟତରେ ଏଭଳି ଦୁର୍ନୀତିର ଗନ୍ଧ ଦେଖିବାକୁ ମିଳିଛି। ଜଣେ ଭିନ୍ନକ୍ଷମ ବ୍ୟକ୍ତିଙ୍କୁ ୧୨ଶହ ଟଙ୍କା ଭତ୍ତା ଦେବା ବଦଳରେ ହଜାରେ ଟଙ୍କା ଦିଆଯାଉଥିବା ଘଟଣା ପଦାକୁ ଆସିଛି। ଏହାର ତଦନ୍ତ କରାଯିବ ବୋଲି ଜିଲ୍ଲା ସମାଜମଙ୍ଗଳ ଅଧିକାରୀ କହିଛନ୍ତି। ଅଭିଯୋଗ ଅନୁଯାୟୀ କଥାରେ ଅଛି ମତେଯେତେ ମାଠିବୁ ମାଠ୍ ମୁଁ ସେଇ ଦରପଡା କାଠ୍ ଏହି ନ୍ୟାୟରେ ସମାଜମଙ୍ଗଳ ବିଭାଗ କାର୍ଯ୍ୟ କରିଆସୁଛି। କେତେବେଳେ ଭେଣ୍ଡିଆଙ୍କୁ ବୃଦ୍ଧ ସଜେଇ ଦିଆଯାଉଛି ତ ଆଉ କେତେବେଳେ ସ୍ୱାମୀ ବଞ୍ଚିଥାଉ ଥାଉ ସ୍ତ୍ରୀକୁ ବିଧବା ସଜେଇ ଭତ୍ତା ପ୍ରଦାନ କରାଯାଉଛି। ଆଉ ଏବେ ଭିନ୍ନକ୍ଷମଙ୍କ ଭତ୍ତା ଟଙ୍କା ବାଟମାରଣା ହେଉଥିବା କୋମଣ୍ଡ ଗ୍ରାମର କୁନି ସେନାପତି ଅଭିଯୋଗ କରିଛନ୍ତି। ସରକାରୀ ନିୟମ କହୁଛି ୪୦ ପ୍ରତିଶତରୁ ଊର୍ଦ୍ଧ୍ୱ ଭିନ୍ନକ୍ଷମଙ୍କୁ ୧୨ ଶହଟଙ୍କା ଭତ୍ତା ପ୍ରଦାନ କରାଯିବ। କିନ୍ତୁ କୁନି ୬୦ ପ୍ରତିଶତ ଭିନ୍ନକ୍ଷମ ହୋଇ ତାଙ୍କୁ ୧୨ଶହ ବଦଳରେ ୧ହଜାର ଟଙ୍କା ଦିଆଯାଉଛି। କେବଳ କୁନିଙ୍କ କ୍ଷେତ୍ରରେ ଏଭଳି ଘଟଣା ଘଟିଛି ତାହାନୁହଁ ପ୍ରତି ପଞ୍ଚାୟତର ଭିନ୍ନକ୍ଷମଙ୍କୁ ହଜାରେ ଟଙ୍କା ଦିଆଯାଉଥିବା ଅଭିଯୋଗ ହୋଇଛି। ଏଠି ରାଧେ ରାଧେ ନ୍ୟାୟରେ ଭିନ୍ନକ୍ଷମ ବ୍ୟକ୍ତିଙ୍କ ଟଙ୍କାକୁ ହଡ଼ପକରି ନିଆଯାଉଛି। ଭିନ୍ନକ୍ଷମ କିମ୍ବା ବୃଦ୍ଧ,ବୃଦ୍ଧା ଭତ୍ତା ଟଙ୍କାରେ ଔଷଧ ଖାଇବା ସହିତ ନିଜର ଖର୍ଚ୍ଚ ତୁଲାଇଥାନ୍ତି। କିନ୍ତୁ ସେହି ଟଙ୍କାରୁ ଭାଗ ମାରିବାକୁ ବସିଛନ୍ତି ଅଧିକାରୀ।ବ୍ଲକ୍ ସମାଜମଙ୍ଗଳ ଅଧିକାରୀଙ୍କ ଠାରୁ ଆରମ୍ଭକରି ପଞ୍ଚାୟତ ପିଇଓଙ୍କ ପର୍ଯ୍ୟନ୍ତ ଦୁର୍ନୀତିର ଚେର ଲମ୍ବିଥିବା କୁହାଯାଉଛି। କୁନିଙ୍କ ସ୍ୱାମୀ ବସନ୍ତ ସେନାପତି ଭତ୍ତା ସଂପର୍କରେ ଜାଣିବାପରେ ସେ ପ୍ରଥମେ ବ୍ଲକକୁ ଆସି ଅଭିଯୋଗ କରିଥିଲେ କିନ୍ତୁ ବ୍ଲକ୍ ସମାଜମଙ୍ଗଳ ଅଧିକାରୀ ତାଙ୍କୁ ବିଳିବିଳାଇ ତଡ଼ି ଦେଇଥିଲେ। ଏହାପରେ ସେ ଜିଲ୍ଲା ସମାଜମଙ୍ଗଳ ଅଧିକାରୀଙ୍କୁ ଭେଟିଥିଲେ। ହେଲେ କିଛି ଲାଭ ମିଳିନଥିଲା। ସେ ବିଡ଼ିଓଙ୍କୁ ଭେଟିବା ପରେ ଘଟଣାର ଯାଞ୍ଚ କରିବାକୁ ବିଏସଏସଓଙ୍କୁ ନିର୍ଦ୍ଦେଶ ଦେଇଥିଲେ। କୁନିଙ୍କ ଭତ୍ତା ଖାତା ଯାଞ୍ଚ କରିବାପରେ ସମସ୍ତେ ତାଜୁବ ହୋଇଯାଇଥିଲେ ଏବଂ ପଞ୍ଚାୟତକୁ ଯାଅ ଭତ୍ତା ଆଣିବବୋଲି କହି ତଡି ଦେଇଥିଲେ। ଏବେ ପଞ୍ଚାୟତରୁ ମାସକୁ ୧୨ଶହ ଟଙ୍କା ଦିଆଯାଇଥିବା କୁନି କହିଛନ୍ତି। ତାଙ୍କ କହିବାକଥା ପ୍ରତିମାସରେ ହଜାରେ ଟଙ୍କା ଭତ୍ତାଦେଇ ୨ଶହ ଟଙ୍କା ବାଟମାରଣା କରାଯାଉଥିଲା।ଏହାର ତଦନ୍ତକରି କାର୍ଯ୍ୟାନୁଷ୍ଠାନ ନେବାକୁ ସେ ଦାବି କରିଛନ୍ତି। ଘଟଣାରେ ଜିଲ୍ଲା ସମାଜମଙ୍ଗଳ ଅଧିକାରୀ ସର୍ବେଶ୍ୱର ପାଣିଗ୍ରାହୀ ଏହାର ତଦନ୍ତ କରାଯିବ ଓ ସତ୍ୟାସତ୍ୟ ଥିଲେ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବବୋଲି ଗଣମାଧ୍ୟମକୁ ସୂଚନା ଦେଇଛନ୍ତି।

ନିତିଦିନ NITIDIN
ରବିବାର, ୨୧ ଜୁନ ୨୦୨୬

ନିତି ଭାରତୀ

ପ୍ରକୃତ ଯୋଗ ଶରୀରର ଆକାରକୁ ସୁଠାମ କରିବା ପାଇଁ ନୁହେଁ, ଏହା ଜୀବନକୁ ସୁନ୍ଦର ସରସ କରିବା ପାଇଁ। ଯୋଗ ସଂପାଦନ କରିବା ନିମନ୍ତେ ନୁହେଁ, ଯୋଗରେ ବଞ୍ଚିବା ଆବଶ୍ୟକ।
- ଆଦିଲ ପାଲକିୱାଲା

# ଯୋଗ ହିଁ ଜୀବନ: ଜୀବନ ହିଁ ଯୋଗ



ଡାକ୍ତର ଦୁର୍ଯ୍ୟୋଧନ ଦାସ

ଯୋଗୀ ଶ୍ରୀ ଅରବିନ୍ଦ କହିଛନ୍ତି, 'ଜୀବନ ହିଁ ଯୋଗ'। ଏକଥାଟି ସତ କାରଣ- କୋଟି କୋଟି ଜୀବକୋଷ, ଶତ ଶତ ରାସାୟନିକ ପ୍ରକ୍ରିୟା ରକ୍ତ-ମାଂସ-ସ୍ନାୟୁର ପରିମିତ ସଂହତିରେ 'ଶରୀର' ଗଠିତ ହେବା ସଙ୍ଗେ ସଙ୍ଗେ ସେଥିରେ ଜୀବ ସତ୍ତାର ସଂଚାର ଘଟିଛି। ମସ୍ତିଷ୍କରେ 'ମନ'ର ଆବିର୍ଭାବ ହେଉ ହେଉ ବିବିଧ ଆବେଗ, ଜ୍ଞାନ-ବିଜ୍ଞାନ ଓ ଚିନ୍ତନ ଶକ୍ତିର ବିକାଶ ହୋଇଛି। ସେଥିରେ ବି ସନ୍ନିବେଶିତ ହୋଇଛି ଆଧ୍ୟାତ୍ମିକ ଚେତନା। ବସ୍ତୁତଃ, ପ୍ରତ୍ୟେକ ବ୍ୟକ୍ତି ଏକ ବିଶିଷ୍ଟ 'ଯୌଗିକ'- ଭୌତିକ ବିଗ୍ରହରେ- ଚୈତ ସତ୍ତାରେ। ଏହି ତଥ୍ୟକୁ ଗାଣିତିକ ସୂତ୍ରରେ ପ୍ରକାଶ କଲେ ଏୟା ହେବ ଯେ ଜୀବନ ଏକ 'ବୃହତ୍ ଜୈବିକ ସେଟ୍', ଯେଉଁଥିରେ ଅଛି ଅନେକ ଆଙ୍ଗିକ, ରାସାୟନିକ ଓ ମାନସିକ 'ସବ୍ ସେଟ୍' ଏବଂ 'ଉପାଦାନ' ରୂପରେ ବିଦ୍ୟମାନ ସୁଖ-ଦୁଃଖ, ମାନ-ଅପମାନ ଓ ଉତ୍ସାହ-ଅବସାଦ ଇତ୍ୟାଦି ଅନୁଭୂତି।

ଯେଉଁ ବୃହତ୍ତର ରାଶି ନେଇ ଜୀବନ ଗର୍ବ କରେ, ବୟସ ତା' ଠାରୁ କ୍ରମଶଃ ହରଣ କରିନିଏ ଅନେକ ଉପାଦାନ। ଚକ୍ଷୁରୁ କମିଯାଏ ଦୃଷ୍ଟିଶକ୍ତି, ମନରୁ ସ୍ମୃତି, ମାଂସପେଶୀରୁ ତାକତ, ମସ୍ତିଷ୍କରୁ ଜ୍ଞାନ ଓ ଅନ୍ତଃସ୍ରାବୀ ଗ୍ରନ୍ଥିରୁ ହରମୋନ୍। ଆଧୁନିକ ସମୟର କଠୋର ପ୍ରତିଦ୍ୱନ୍ଦ୍ୱିତା, ପ୍ରଦୂଷିତ ପରିବେଶ ଏବଂ ସଂଘର୍ଷପୂର୍ଣ୍ଣ ସହାବସ୍ଥାନ ଜୀବନରୁ ଛଡ଼ାଇ ନେଉଛି ସୁଖ-ଶାନ୍ତି-ଆନନ୍ଦ। ଏ ପରିସ୍ଥିତିରେ ଆମ ଭିତରେ ଥିବା କାମ-କ୍ରୋଧ-ଲୋଭ-ମୋହ-ମାତ୍ସର୍ଯ୍ୟ ପରି ଷଡ଼ ରିପୁ ଏବଂ ବାହାରେ ଅତିଷ୍ଠ କରୁଥିବା ଅସହିଷ୍ଣୁତା, ଈର୍ଷା, ରାଗ-ଦ୍ୱେଷ ଏବଂ ଧାର୍ମିକ ଧାରଣା ଆମ ଅନ୍ତଃକରଣରୁ ବିୟୋଗ କରି ଚାଲିଛନ୍ତି ସ୍ନେହ-ଶ୍ରଦ୍ଧା, ତ୍ୟାଗ-ତିତିକ୍ଷା ଓ ଦୟା-କ୍ଷମା ପରି ନୈସର୍ଗିକ ଗୁଣାବଳୀ। ପରିଣାମରେ ପ୍ରତିଭାର ପଲ୍ଲବ, ଅସ୍ମିତାର ଅଗ୍ରମୁକୁଳ ଏବଂ ପୁରୁଷାର୍ଥର ପୁଷ୍ପ ଫଳ ହରାଇ ମଣିଷ ହୋଇ ଯାଉଛି ନଣ୍ଡା ବଟବୃକ୍ଷ। ସ୍ୱାଭାବିକ ସକାରାତ୍ମକ ମନନ ସ୍ଥାନରେ ମୁଣ୍ଡ ଟେକୁଛି ନକାରାତ୍ମକ ଭାବନା।

ବସ୍ତୁତଃ ନକାରାତ୍ମକ ଭାବର ସଂଯୋଗ ଏବଂ ସକାରାତ୍ମକ ମନୋବୃତ୍ତିର ବିୟୋଗରେ ଜୀବନ ହେଉଛି ହୀନବଳ, ନୀଚମନସ୍କ ଏବଂ କ୍ଷୁଦ୍ର-ଚେତନ। ବିନୟ, ବିଶ୍ୱାସ, ବୁଦ୍ଧିମତ୍ତା ମନକୁ ଆଚ୍ଛନ୍ନ ନ କରି ଆବୃତ୍ତି କରୁଛି ଅନ୍ଧବିଶ୍ୱାସ ଏବଂ ଛନ୍ଦ କପଟ। ମାନବିକ ସ୍ୱଭାବ ବିସର୍ଜିତ ମାନବ ହୋଇ ଯାଉଛି ଅବସାଦ ଓ ଅସହାୟତାର ଶିକାର। ମାନସିକ ଚାପ ବୃଦ୍ଧି ତାକୁ କରି ଦେଉଛି ଉଦ୍‌ବିଗ୍ନ- ଉଚ୍ଛନ୍ନ- ଉତ୍କ୍ଷିପ୍ତ। ସବୁ ଥାଇ ସେ ନିଃସ୍ୱ- ସବୁ ପାଇ ସେ ଅତୃପ୍ତ- ସମ୍ପର୍କର ଗହଳି ଭିତରେ ସେ ନିସଙ୍ଗ। ଯଦିଓ ଅନେକ ଅନିଷ୍ଟର କାରଣ ହୋଇ ଆସିଥାନ୍ତି 'ଷ୍ଟ୍ରେସ୍' ଏବଂ 'ଟେନ୍‌ସନ୍', ବୈଜ୍ଞାନିକ ବିଶ୍ଳେଷଣରେ ତାହା ହେଉଛି ଜୀବନ ଯୁଦ୍ଧରେ ଲିପ୍ତ ରହିବା ବା ପଳାୟନ ପାଇଁ ପ୍ରେରଣା ପ୍ରଦାନକାରୀ ପ୍ରତିକ୍ରିୟା। ବହୁବିଧ ବାଧା ବିପଦକୁ ପରାଜିତ କରି ବଞ୍ଚିବା ଜୀବନର ଯେପରି ଲକ୍ଷ୍ୟ, ବଡ଼ ଶତ୍ରୁ ପାଖରୁ ପରାଜୟ ପୂର୍ବରୁ ପଳାୟନ କରିବା ସେହିପରି କାମ୍ୟ। ଏହି ଜୀବନ ଯୁଦ୍ଧ ପରିଚାଳନା ପାଇଁ ଶରୀର ପ୍ରସ୍ତୁତ କରେ ଦୁଇଟି ସେନାନୀ- ଏଚ୍‌ପିଏ ଏବଂ ଏସ୍‌ଏମ୍‌ଏ। 'ହାଇପୋଥାଲାମସ୍ ପିଟ୍ୟୁଟାରି ଆଡ୍ରିନାଲ ଆକ୍‌ସିସ୍' ଜରିଆରେ ମସ୍ତିଷ୍କ 'କର୍ଟିସଲ' ନାମକ ହରମୋନ୍ କ୍ଷରଣ କରାଇ ଶରୀରକୁ କରେ ସଶକ୍ତ, ମନକୁ ଦୃଢ଼ ଓ ଏକାଗ୍ର। 'ସିମ୍ପାଥେଟିକ ଏଡ୍ରେନୋମେଡୁଲାରି ଏକ୍ସିସ' ମାଧ୍ୟମରେ 'ଏପିନେଫ୍ରିନ୍' ଓ 'ନରଏପିନେଫ୍ରିନ୍' ସୃଷ୍ଟି କରି ଅଙ୍ଗ ପ୍ରତ୍ୟଙ୍ଗରେ ଭରେ ସାମର୍ଥ୍ୟ ଏବଂ ମନରେ ଉଦ୍ଦାମତା। ମାତ୍ର ଆମର ସାମାଜିକ ଓ ବ୍ୟକ୍ତିଗତ ଜୀବନ ଏତେ ମାତ୍ରାରେ ବିପନ୍ନ ହୋଇ ଯାଇଛି ଯେ କେହି ଚାପମୁକ୍ତ ହୋଇ ପାରୁ ନାହାନ୍ତି। ଫଳରେ ଉପରୋକ୍ତ ଷ୍ଟ୍ରେସ୍ ହରମୋନ୍‌ର କବଳରେ ପଡ଼ି ଛଟପଟ ହେଉଛନ୍ତି। ଫଳରେ ମୁଣ୍ଡବିନ୍ଧା, ଅନିଦ୍ରା, କ୍ରୋଧ, ବିସ୍ମରଣଠାରୁ ଆରମ୍ଭ କରି ଉଚ୍ଚ ରକ୍ତଚାପ, ହୃଦ୍‌ଘାତ, ମଧୁମେହ ଏପରିକି କ୍ୟାନସର ଯାଏଁ ପ୍ରକାଶ ପାଉଛି ତା'ର ଉପସର୍ଗ। ଏସବୁରୁ ମୁକ୍ତି ପାଇଁ ସଫଳ ଡାକ୍ତରୀ ଚିକିତ୍ସା ନଥିବାରୁ ଯୋଗ ସାଧନାର ଉପଦେଶ ଦେଉଛନ୍ତି ବିଶେଷଜ୍ଞ ଚିକିତ୍ସକ।

'ଯୁଜ୍' ଧାତୁ ନିଷ୍ପନ୍ନ 'ଯୋଗ'ର ଅର୍ଥ ଯୋଗ କରିବା। ତେଣୁ ଯୋଗ ଦୁର୍ବଳ ଶରୀରରେ ଯୁକ୍ତ କରେ, ଶକ୍ତି- ଅବସନ୍ନ ମନରେ ଉତ୍ସାହ- ଭ୍ରଷ୍ଟ ଚରିତ୍ରରେ ନୈତିକତା- ନାସ୍ତିକ ବିଚାରରେ ଆଧ୍ୟାତ୍ମିକତା। ପତଞ୍ଜଳିଙ୍କ ଅଷ୍ଟାଙ୍ଗ ଯୋଗ ସୂତ୍ର ଅନୁସାରେ ଏଥିରେ ଅଛି ଯମ, ନିୟମ, ଆସନ, ପ୍ରାଣାୟାମ, ପ୍ରତ୍ୟାହାର, ଧାରଣା, ଧ୍ୟାନ ଏବଂ ସମାଧି। ଯମର ଅଂଶାବଳୀ ଅହିଂସା, ସତ୍ୟ, ଅସ୍ତେୟ, ବ୍ରହ୍ମଚର୍ଯ୍ୟ ଏବଂ ଅପରିଗ୍ରହ ହେଲା ବେଳେ ନିୟମର ଅଂଶଚୟ ହେଉଛି ଶୌଚ (ବାହ୍ୟ ଓ ଅନ୍ତର), ସନ୍ତୋଷ, ଶୃଙ୍ଖଳା, ସ୍ୱାଧ୍ୟାୟ ଓ ସମର୍ପଣ। ଦେହକୁ ଶୁଦ୍ଧ ଓ ମନକୁ ପବିତ୍ର ରଖିବା ପାଇଁ ଅନୁସୃତ ଅନେକ ଶାରୀରିକ ମୁଦ୍ରାକୁ 'ଆସନ' କୁହାଯାଏ। ସେହିପରି ପୂରକ-କୁମ୍ଭକ-ରେଚକ କ୍ରିୟା ମାଧ୍ୟମରେ ଶ୍ୱାସ-ପ୍ରଶ୍ୱାସ ନିୟନ୍ତ୍ରଣର ନାମ 'ପ୍ରାଣାୟାମ'। 'ପ୍ରତ୍ୟାହାର'ର ଅର୍ଥ ଫେରେଇ ଆଣିବା। ଇନ୍ଦ୍ରିୟକୁ ଇନ୍ଦ୍ରିୟ ବିଳାସରୁ ଏବଂ ମନକୁ କୁଚିନ୍ତାରୁ ନିବୃତ୍ତ କରିବା ହେଉଛି ଏହାର ଲକ୍ଷ୍ୟ। ଏକାଗ୍ର ଚିତ୍ତକୁ 'ଧାରଣା'ର ମାନ୍ୟତା ମିଳିଲା ବେଳେ ଉଚ୍ଚତର ଯୋଗ ସାଧନାରେ ରହିଛି 'ଧ୍ୟାନ' ଓ 'ସମାଧି'।




ପତଞ୍ଜଳିଙ୍କ ମତରେ 'ଯୋଗଶ୍ଚିତ୍ତ ବୃତ୍ତି ନିରୋଧଃ'- ଅର୍ଥାତ୍ ତମୋଭାବାପନ୍ନ ହୋଇ ବହିଃଗମନ କରୁଥିବା ପ୍ରବୃତ୍ତିକୁ ଅନ୍ତର୍ମୁଖୀ କରିବା। କ୍ଷିପ୍ର ଓ ବିକ୍ଷିପ୍ତ ମନକୁ ଏକାଗ୍ର କରି କଲ୍ୟାଣମୟୀ କାର୍ଯ୍ୟରେ ପ୍ରବୃତ୍ତ କରିବା। ବାହ୍ୟ ଚାକଚକ୍ୟ, ଲୋଭ ମୋହରେ ମତ୍ତ ହେବାକୁ ନ ଦେବା। ଶ୍ରୀମଦ୍ ଭଗବଦ୍ ଗୀତାରେ କୁହାଯାଇଛି, 'ସମତ୍ୱ ଯୋଗଃ ଉଚ୍ୟତେଃ', ଅର୍ଥାତ୍ ସୁଖ-ଦୁଃଖ, ଜୟ-ପରାଜୟ, ହାନି-ଲାଭକୁ ସମାନ ମଣିବା। ସେହି କ୍ରମରେ ମଧ କଥିତ ଅଛି 'ଦୁଃଖେଷ୍ୱନୁଦ୍‌ବିଗ୍ନମନାଃ ସୁଖେଷୁ ବିଗତ ସ୍ପୃହ/ ବୀତରାଗଭୟକ୍ରୋଧଃ ସ୍ଥିତର୍ଧୀମୁନିରୁଚ୍ୟତେ' (୨-୫୬)। ଯେ ଦୁଃଖରେ ଉଦ୍‌ବିଗ୍ନ ନୁହେଁ କି ସୁଖରେ ଆତ୍ମହରା ନୁହେଁ ଏବଂ ରାଗ-ଭୟ ତ୍ୟାଗୀ ବ୍ୟକ୍ତି ହିଁ ଯୋଗୀ। ଗୀତା ଦ୍ୱିତୀୟ ଅଧ୍ୟାୟ ୫୦ ଶ୍ଳୋକରେ କୁହାଯାଇଛି, 'ଯୋଗ କର୍ମସୁକୌଶଳମ୍'। ତେଣୁ ବୁଦ୍ଧି ଜ୍ଞାନ ଓ ବିବେକାନୁମୋଦିତ ଶ୍ରେଷ୍ଠ କାର୍ଯ୍ୟ ହିଁ ଯୋଗ।

ଯୋଗ ଦିବସର ପ୍ରତିଜ୍ଞା ଓ ପ୍ରୟାସ: ୨୦୧୫ ମସିହାଠାରୁ 'ବିଶ୍ୱ ଯୋଗ ଦିବସ'ରେ ଯୋଗର ବହୁମୁଖୀ ପ୍ରଭାବ ସଂପର୍କରେ ଜନସାଧାରଣଙ୍କୁ ଅବହିତ କରିବା ପାଇଁ ପ୍ରତି ବର୍ଷ ଭିନ୍ନ ଭିନ୍ନ ବିଷୟ ଉପରେ ଗୁରୁତ୍ୱ ଆରୋପ କରାଯାଇ ଆସୁଛି। 'ବସୁଧୈବ କୁଟୁମ୍ବକମ୍' ପାଇଁ ଯୋଗ, 'ନାରୀ ସଶକ୍ତିକରଣରେ ଯୋଗ' ଏବଂ 'ଏକ ପୃଥିବୀ ଓ ଏକ ସ୍ୱାସ୍ଥ୍ୟ' ବିଷୟଗୁଡ଼ିକ ଥିଲା ଯଥାକ୍ରମେ ୨୦୨୩, ୨୪ ଏବଂ ୨୫ ବର୍ଷ ପାଇଁ। ଏ ବର୍ଷର ବିଷୟ ରହିଛି 'ସୁସ୍ଥ ବୟୋବୃଦ୍ଧି ପାଇଁ ଯୋଗ'। 'ବୟୋବୃଦ୍ଧି' ଏକ ପ୍ରାକୃତିକ ପ୍ରକ୍ରିୟା, ଯେଉଁଥିରେ ରହିଛି ଜନ୍ମଠାରୁ ମୃତ୍ୟୁଯାଏଁ ବିସ୍ତୃତ ଜୀବନ ବୃତ୍ତାନ୍ତ; ଏଇ ଯେମିତି ଶୈଶବରୁ ବାର୍ଦ୍ଧକ୍ୟ ଯାଏଁ ଶାରୀରିକ ଓ ମାନସିକ ବିକାଶ, ସୁଖ-ଦୁଃଖ-ବିରହ-ମିଳନର ଆବେଗିକ ଆତସବାଜି ଏବଂ ରୋଗ ବ୍ୟାଧି-ଜରା ମୃତ୍ୟୁର ଭୟାନକ ଅନୁଭୂତି। ବୟସ ହେଉଛି ସେହିସବୁ ସ୍ମୃତିର ଡାଏରୀ, ଯେଉଁଥିରେ ସମୟ ଆରମ୍ଭର କେତୋଟି ଅଧ୍ୟାୟ ଯଥା- 'ବାଲ୍ୟ', 'ଶୈଶବ' ଓ 'ଯୌବନ'କୁ ଲେଖିଛି ସବୁଜ କାଳିରେ ଏବଂ 'ପୌଢ଼' ଓ 'ବାର୍ଦ୍ଧକ୍ୟ'କୁ ଲେଖିଛି ଲାଲ ସ୍ୟାହିରେ। ସବୁଜରେ ରହିଛି ସୁଖ-ସମୃଦ୍ଧି ଏବଂ ବିଜୟ ଓ ବିଭୋରତାର ବର୍ଣ୍ଣନା। ମାତ୍ର ଲାଲ୍ କାଳି ଲିଖିତ ପୃଷ୍ଠାରେ ରହିଛି ଯନ୍ତ୍ରଣାର ପୋଡ଼ା ଦାଗ, ଅବସାଦ ଓ ବିଷାଦର କ୍ଷତ ଚିହ୍ନ ଏବଂ ସଂକୁଚିତ ସାମର୍ଥ୍ୟରେ ଜୀବନକୁ ବୋହି ନପାରି ଆଣ୍ଠେଇ ପଡ଼ିଥିବା କଙ୍କାଳସାର କାଙ୍ଗାଳର କରୁଣ କାହାଣୀ। ମାତ୍ର ଯୋଗ ଯେ ଜୀବନକୁ ଏସବୁ ବିପତ୍ତିରୁ ତ୍ରାଣ କରି ପାରିବ- ଏଥିରେ ସନ୍ଦେହ ନାହିଁ। ଜୀବନକୁ ନିରାମୟ, ନିର୍ବିଘ୍ନ ଓ ନୈସର୍ଗିକ କରିବାର ପ୍ରତିଶ୍ରୁତି ଅଛି ଯୋଗ ପାଖରେ। ଖାଲି ବାର୍ଦ୍ଧକ୍ୟ ନୁହେଁ, ବୟସର ପ୍ରତ୍ୟେକ ସ୍ତରକୁ ସୁନ୍ଦର ଭାବରେ ଗଢ଼ି ତୋଳିବାର ସଫଳ ପ୍ରଶିକ୍ଷଣ କଳା ମଧ୍ୟ ଅଛି ତା' ନିକଟରେ।

ମାତ୍ର ମଣିଷ କ'ଣ ଚାହେଁ? ବୟସ ବିଜୟ- ପାଚୁର୍ଯ୍ୟଭରା ପରମାୟୁ- ଯଶୋ ଦେହେ ଅମରତ୍ୱ। ଏସବୁ ପ୍ରଦାନରେ ପ୍ରତିବନ୍ଧକ ସାଜନ୍ତି ଆନୁବଂଶିକ ଜିନୀୟ ବିକୃତି, ବ୍ୟବହାରିକ ମନ୍ଦ ଅଭ୍ୟାସ, ପାରିପାର୍ଶ୍ୱିକ ପ୍ରତିକୂଳ ପରିବେଶ ଏବଂ ପ୍ରଶାସନିକ ଅବହେଳାଜନିତ ସଂକୁଚିତ ସ୍ୱାସ୍ଥ୍ୟସେବା ଓ ସୀମିତ ସଚେତନତା। ବୟୋବୃଦ୍ଧି ସହ ସଂପୃକ୍ତ ଅନେକ ଗୁଣପିଣ୍ଡ ସଂଶ୍ଳିଷ୍ଟ। ଗୁଣସୂତ୍ର ୧୯ରେ ଥିବା ଗୁଣପିଣ୍ଡ APOEର୨ (୧୯q୧୩) ହୃଦ୍‌ରୋଗ ଏବଂ ଆଲଜେମିଆର ରୋଗକୁ ପ୍ରତିରୋଧ କଲାବେଳେ APOEର୪ ଗୁଣପିଣ୍ଡଟି ସେମାନଙ୍କୁ ସ୍ୱାଗତ କରେ। ଗୁଣସୂତ୍ର ୬ରେ ଥିବା ଗୁଣପିଣ୍ଡ FOXO3A (୬q୨୧) କୋଷ କ୍ଷୟ ବନ୍ଦ କରିବା ସହିତ ଭାଙ୍ଗି ଯାଉଥିବା ଡିଏନ୍‌ଏର ମରାମତି କରେ। ତେଣୁ ଶତାୟୁଙ୍କଠାରେ ଏହା ଥାଏ ପ୍ରଚୁର ପରିମାଣରେ। ଗୁଣସୂତ୍ର ୧୦ରେ ଥିବା SIRT1 (୧୦q ୨୧.୩) ଡିଏନ୍‌ଏ ଭଙ୍ଗାରୁଜାର ମରାମତି କରିଥାଏ। କ୍ରୋମୋଜୋମ୍ ୧୨ରେ ଥିବା ଗୁଣପିଣ୍ଡ ଓଏର୧ (୧୨q ୨୩.୨) ସ୍ନେହାଣୁ ଗଠନ ଏବଂ ଗ୍ରୋଥ୍ ହର୍‌ମୋନ୍ ନିୟନ୍ତ୍ରଣ କରିଥାଏ। ଏହା ବୟୋବୃଦ୍ଧିକୁ ମନ୍ଥର କରିବା ସଙ୍ଗେ ସଙ୍ଗେ ବୟସଜନିତ ରୋଗକୁ ପ୍ରତିହତ କରେ। ପରୀକ୍ଷାରୁ ଜଣାପଡ଼ିଛି, ଯୋଗ ଜିନ୍‌କୁ ପ୍ରଭାବିତ କରି ବୟୋବୃଦ୍ଧିକୁ ରୋକିଥାଏ। କ୍ରୋମୋଜୋମ୍‌ର ଅଗ୍ରଭାଗରେ ଥିବା ଟେଲିମେରେଜ ବିଭକ୍ତ ହୋଇ ହୋଇ ଛୋଟ ହେବାକୁ ଆରମ୍ଭ କରେ। ଫଳରେ କୋଷ ନ ବଢ଼ି ନଷ୍ଟ ହୁଏ, ମାତ୍ର ଯୋଗ ସୃଷ୍ଟି କରୁଥିବା ସକାରାତ୍ମକ ଚିନ୍ତାଧାରା ଶରୀର ରସାୟନକୁ ସମୃଦ୍ଧ କରି ଟେଲିଗେରେଜକୁ ସୁରକ୍ଷା ଦିଏ। ଡିଏନ୍‌ଏ ମରାମତିର ଦାୟିତ୍ୱରେ ଥିବା ଜିନ୍‌କୁ ମଧ୍ୟ ସମୃଦ୍ଧ କରେ।

ବିଭିନ୍ନ ରାସାୟନିକ ପ୍ରକ୍ରିୟା ଯୋଗୁଁ ଶରୀରରେ ଅସଂଖ୍ୟ ଅଶାନ୍ତ ଅଣୁ (Free Radicals/ Oxidants) ସୃଷ୍ଟି ହେଉଛନ୍ତି। ଏମାନେ ସ୍ଥିର ଅଣୁଠାରୁ ଇଲେକ୍ଟ୍ରନ୍ ଚୋରି କରି ନିଜେ ଶାନ୍ତ ହେଉ ହେଉ ଅସଂଖ୍ୟ ଅଶାନ୍ତ ଅଣୁ ଉତ୍ପନ୍ନ କରୁଛନ୍ତି। ପ୍ରତି ସେକେଣ୍ଡରେ ୧୦ ହଜାର ଥର ଅଶାନ୍ତ ଅଣୁର ଆଘାତ ପାଇ ସୁସ୍ଥ କୋଷାଭରଣ ଫାଟି ଜରାକୁ ଆମନ୍ତ୍ରଣ କରୁଛି। ଅଭ୍ୟାସଗତ ମଦ୍ୟପାନ, ଧୂମପାନ, ଡ୍ରଗ୍ ସେବନ କ୍ୟାନ୍‌ସର୍‌ର କାରଣ ହେଲା ବେଳେ ଦୁଶ୍ଚିନ୍ତା, ପରଶ୍ରୀକାତରତା, ଘୃଣା ଓ ହିଂସା ମାନସିକ ଅବସାଦ ସୃଷ୍ଟି ସହିତ କ୍ଷତିକାରକ ହରମୋନ୍‌ର ସୁନାମିରେ ବ୍ୟକ୍ତିକୁ ଅକ୍ରାମାକ୍ତା କରୁଛି। ଫଳରେ ବୟସ ବଢ଼ିବା ସଙ୍ଗେ ସଙ୍ଗେ ହୃଦ୍‌ରୋଗ, ମଧୁମେହ ଓ କ୍ୟାନ୍‌ସର୍ ଆଶଙ୍କା ବଢୁଛି।

ମାତ୍ର ଯୋଗ ମନ ଓ ଦେହକୁ ଶୌଚ କରେ। ପ୍ରାଣାୟାମ ଅମ୍ଳଜାନର ସଞ୍ଜିବନୀରେ ପ୍ଲାବନ କରେ। ବୟୋବୃଦ୍ଧି ବୈରୀ ନ ହୋଇ ହୁଏ ବନ୍ଧୁ।

ଜଗନ୍ନାଥପୁର, ଭଦ୍ରକ
ମୋ: ୯୪୩୭୨୧୪୦୨୧

# ସାମ୍ବାଦିକତା ଓ ସୁରେନ୍ଦ୍ରୀୟ ଶୈଳୀ



ପ୍ରଫୁଲ୍ଲ କୁମାର ସାହୁ

ବୌଦ୍ଧିକ ସାମ୍ବାଦିକତାର ପ୍ରବର୍ତ୍ତକ ସୁରେନ୍ଦ୍ର ମହାନ୍ତି। ସାହିତ୍ୟ, ରାଜନୀତି ଓ ସାମ୍ବାଦିକତାର ଏକ ସମନ୍ୱିତ ବ୍ୟକ୍ତିତ୍ୱ। ସାହିତ୍ୟକୁ ସେ ଜୀବନର ନିଶା ଭାବରେ ଗ୍ରହଣ କରିଥିବା ବେଳେ ରାଜନୀତି ଥିଲା ତାଙ୍କ ପାଇଁ ଏକ ବୌଦ୍ଧିକ ବିଳାସ; ତାଙ୍କ ସାହିତ୍ୟର ଏକ ପ୍ରସାରଣ। ମାତ୍ର କର୍ମମୟ ଜୀବନ ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ବୃତ୍ତିଗତ ଭାବେ ସେ ଥିଲେ ଜଣେ ସାମ୍ବାଦିକ। ତାଙ୍କ ମତରେ, 'ନିଷ୍କାମ ଭାବରେ କଲମ ଚଳାଇବା ହେଉଛି ସାମ୍ବାଦିକତାର କର୍ମ ଓ ଧର୍ମ। ଯେଉଁ ସାମ୍ବାଦିକ ତା'ର ବୃତ୍ତି ଧର୍ମରେ ଆଙ୍ଗୁଠି ପୋଡ଼ି ନାହିଁ, ସେ ତା'ର ସ୍ୱଧର୍ମ ପାଳନ କରିନାହିଁ।' ଏହି ଦୃଷ୍ଟିଭଙ୍ଗୀ ନେଇ ସେ ନିଜର ବୃତ୍ତିଗତ ଜୀବନ ଆରମ୍ଭ କରିଥିଲେ ସାପ୍ତାହିକ 'ଜନତା'ର ସଂପାଦକ ଭାବରେ। ସେତେବେଳେ (୧୯୪୫) ଓଡ଼ିଶାର ଏକମାତ୍ର ସରକାର ବିରୋଧୀ ପତ୍ରିକା ଭାବରେ 'ଜନତା'ର ନିର୍ଭୀକ ସମାଲୋଚନାରୁ କ୍ୱଚିତ୍ ବର୍ତ୍ତି ପାରୁଥଲା କୌଣସି ରାଜନେତାଙ୍କ ଜନ ବିରୋଧୀ ଆଚରଣ। ଫଳରେ ସେ ଆପେ ଆପେ ସରକାରଙ୍କ କୋପ ଦୃଷ୍ଟିକୁ ଆସିଗଲେ ଏବଂ ଡିଫେନ୍ସ ଅଫ୍ ଓଡ଼ିଶା ଆକ୍ଟରେ ୩୬ ଦିନ ଜେଲ୍ ଦଣ୍ଡ ଭୋଗିଲେ, ଓଡ଼ିଶାର ଅଗ୍ରଗଣ୍ୟ ନେତା ହରେକୃଷ୍ଣ ମହତାବଙ୍କୁ କଳିଙ୍ଗ ନିରୋ କହି ସମାଲୋଚନା କରିଥିବା କାରଣରୁ। ମାତ୍ର ଏଥିରେ ସେ ଦବିଯିବା ପରିବର୍ତ୍ତେ ଆହୁରି ଶାଣିତ ହୋଇଥିଲା ତାଙ୍କ ସରକାର ବିରୋଧୀ ସ୍ୱର। ସତେ ଯେମିତି ସେ ଜେଲ୍‌ରୁ ବାହାରି ଥିଲେ ଚାଣକ୍ୟର ଆତ୍ମା ନେଇ ନନ୍ଦବଂଶ ଧ୍ୱଂସ କରିବାର ବଜ୍ର ଶପଥ ଧରି। ମାତ୍ର ଦୁର୍ଭାଗ୍ୟର ବିଷୟ, ଆର୍ଥିକ ସଂକଟ କାରଣରୁ ବେଶି ଦିନ ତିଷ୍ଠି ପାରିଲାନି 'ଜନତା'। ୧୯୫୨ ସାଧାରଣ ନିର୍ବାଚନ ବେଳେ 'ଜନତା' ବନ୍ଦ ହୋଇଗଲା ସତ, ହେଲେ ସୁରେନ୍ଦ୍ରଙ୍କ ଭିତରେ ଲୁଚି ରହିଲା ସଂପାଦନାର ଏକ ଉତ୍କଟ ଶୋଷ। ପରବର୍ତ୍ତୀ ସମୟରେ ଦୈନିକ 'ଗଣତନ୍ତ୍ର', 'କଳିଙ୍ଗ' ଓ ବିଶେଷକରି 'ସମ୍ବାଦ' ଭଳି ଏକ ଆଧୁନିକ ଖବରକାଗଜର ସଂପାଦନା ଦାୟିତ୍ୱ ଗ୍ରହଣ କରି ସାମ୍ବାଦିକତା ଜଗତ ପାଇଁ ସୃଷ୍ଟି କଲେ ନିଷ୍ଠା ଓ ନିର୍ଭୀକତାର ଅନେକ ଉଦାହରଣ। କଳିଙ୍ଗର ସଂପାଦକ ଥିଲା ବେଳର ଏକ (୧୯୬୮) ଘଟଣା। ଓଡ଼ିଶା ହାଇକୋର୍ଟର ମୁଖ୍ୟ ବିଚାରପତି ଥାଆନ୍ତି ଏସ୍‌କେ ବର୍ମନ୍। ହାଇକୋର୍ଟ ଛାତ ଉପରେ ନିର୍ମିତ ଗମ୍ବୁଜ, ଟାୱାର ଓ ଅନ୍ୟ କିଛି ପ୍ରକଳ୍ପକୁ ଉଦ୍‌ଘାଟନ କରିବା ପାଇଁ ଆମନ୍ତ୍ରିତ ହୋଇ ଆସିଥିଲେ ତତ୍କାଳୀନ ରାଜ୍ୟପାଳ ଡକ୍ଟର ଏଏନ୍ ଖୋସ୍‌ଲା ଓ ମୁଖ୍ୟମନ୍ତ୍ରୀ ରାଜେନ୍ଦ୍ର ନାରାୟଣ ସିଂହଦେଓ। ମୁଖ୍ୟମନ୍ତ୍ରୀଙ୍କ ସାଥୀରେ ବି ଆସିଥିଲେ ଡକ୍ଟର ହରେକୃଷ୍ଣ ମହତାବ। ସେମାନଙ୍କୁ ସଭାସ୍ଥଳକୁ ମୁଖ୍ୟ ବିଚାରପତି ପାଛୋଟି ଆଣିଥିଲେ, ଯାହାକୁ ଆଦୌ ଗ୍ରହଣ କରିପାରି ନଥିଲା ସାମ୍ବାଦିକ ସୁରେନ୍ଦ୍ର ମହାନ୍ତିଙ୍କ ବିବେକ ଓ ବିଚାର। କାରଣ, ସେତେବେଳ ଖାନ୍ନା କମିଶନ୍‌ଙ୍କ ନିଯୁକ୍ତିର ବୈଧତାକୁ ନେଇ ହାଇକୋର୍ଟରେ ସେ ଏକ ରିଟ୍ ପିଟିସନ ଦାଖଲ କରିଥିଲେ, ଯାହାର ପକ୍ଷ ଥିଲେ ମୁଖ୍ୟମନ୍ତ୍ରୀ ଓ ମହତାବ। ଏହି ମାମଲା ବିଚାରାଧୀନ ଥିବାରୁ ସେମାନଙ୍କ ପ୍ରତି ମୁଖ୍ୟ ବିଚାରପତିଙ୍କର ଏଭଳି ଆଭିମୁଖ୍ୟକୁ ସମାଲୋଚନା କରିବା ପାଇଁ ଅନ୍ତରାତ୍ମା ନିର୍ଦ୍ଦେଶରେ ସେ ଲେଖିଥିଲେ ଦୁଇ ସ୍ତମ୍ଭ ବ୍ୟାପି ଅଗ୍ରଲେଖ। ପରିଣାମ ସ୍ୱରୂପ, ତାଙ୍କ ବିରୋଧରେ ଅଦାଲତ ଅବମାନନା ଅଭିଯୋଗ ଆସିଲା, ଯାହାକୁ ଦୃଢ଼ତାର ସହିତ ସାମ୍ନା କରିବାକୁ ଯାଇ ସେ କୁହନ୍ତି, 'ମୁଁ ଜାଣିଥିଲି ଏହାର ସମାଲୋଚନା କଲେ ମୋତେ କଣ୍ଟେମ୍ପ୍‌ଟ୍‌ର ସମ୍ମୁଖୀନ ହେବାକୁ ପଡ଼ିବ। ଅନ୍ୟ ପକ୍ଷରେ, ଏହା ବିରୋଧରେ ସ୍ୱର ଉତ୍ତୋଳନ ନ କଲେ କେବଳ ଯେ ମୁଁ କ୍ଲୀବ ଓ ଭୀରୁ ତାଲିକାରେ ରହିଯିବି ତା' ନୁହେଁ, ନ୍ୟାୟ ବିଚାରରେ ସମ୍ମାନିତ ମୂଲ୍ୟବୋଧକୁ ଜବତ କରାଯାଉଥିବା ବେଳେ ମୁଁ ତା'ର ନିରବଦ୍ରଷ୍ଟା ହୋଇ ରହିଯିବି। ତେଣୁ ପରିଣତି ଯାହା ହେଉ ପଛେ, ମୋତେ ତା'ର ସାମ୍ନା କରିବାକୁ ପଡ଼ିବ।'



ସାମ୍ବାଦିକତା ପ୍ରତି ତାଙ୍କର ଦୃଷ୍ଟିଭଙ୍ଗୀ ପ୍ରକାଶ ପାଇଛି ତାଙ୍କ ଅଗ୍ରଲେଖ, ଗଳ୍ପ, ଉପନ୍ୟାସ, ଜୀବନ ସ୍ମୃତି ଓ ବକ୍ତବ୍ୟରେ। ଜୀବନଧର୍ମୀ ଆଭିମୁଖ୍ୟର ବିଶ୍ୱସ୍ତ ପ୍ରତିଲିପି ହେଉଛି ତାଙ୍କ ବୌଦ୍ଧିକ ସାମ୍ବାଦିକତାର ମୂଳକଥା। ସେହି ଜୀବନବାଦୀ ଭାବନା ନେଇ ସେ 'କୃଷ୍ଣଚୂଡ଼ା' ଗଳ୍ପରେ କଳାଘୁମର ମେଘଢଙ୍କା ଆକାଶ ତଳେ ପୁଷ୍ପିତ କୃଷ୍ଣଚୂଡ଼ାର ଶୋଭା ଦେଖି ଜଣେ ସାମ୍ବାଦିକ ଭାବରେ ନିଜକୁ ନିଜେ ପ୍ରଶ୍ନ କରିଥିଲେ-ଏଇ ପୁଷ୍ପିତ କୃଷ୍ଣଚୂଡ଼ା ଆଜି ଦିନର ଶ୍ରେଷ୍ଠ ସମ୍ବାଦ ନହେବ

## ଜନ୍ମତିଥି ଅବସରରେ

କାହିଁକି ? ଅର୍ଥାତ୍ ସମ୍ବାଦ କେବଳ ଘର ପୋଡ଼ିଯିବା ବା କ୍ଷେତ ଉଜୁଡ଼ି ଯିବା ନୁହେଁ, ତା' ସହିତ ଆଷାଢ଼ ଆସିବା ଓ କଦମ୍ବ ବିକଶିତ ହେବା ମଧ୍ୟ ସମ୍ବାଦ। ବିଡ଼ମ୍ବନାର ବିଷୟ, ଜୀବନଠାରୁ ଦୂରେଇ ଯାଇ ଆଜିର ସମ୍ବାଦପତ୍ର ସାଜିଛି ରାଜା, ମନ୍ତ୍ରୀ, ଶିଳ୍ପପତି, ଦସ୍ୟୁ, ବାବା ଓ ସେଲିବ୍ରିଟିମାନଙ୍କର କଥନୀ ଆଉ କରଣୀର ଇସ୍ତାହାର। ସେଥିରେ ପ୍ରକାଶ ପାଉନି ସାଧାରଣ ମଣିଷର ଆନନ୍ଦ ଓ ବିଷାଦର କାହାଣୀ। ତାଙ୍କ ମତରେ, ସାହିତ୍ୟ ଓ ସାମ୍ବାଦିକତା କେହି କାହାରିଠାରୁ ଅଲଗା ନୁହେଁ, ବରଂ ପରସ୍ପରର ପରିପୂରକ। ଏହି ଆଭିମୁଖ୍ୟ ନେଇ 'ଗଣତନ୍ତ୍ର'ର 'ସାହିତ୍ୟ ଓ ସମାଜ' ସ୍ତମ୍ଭରେ ସେ ଅନୁଶୀଳନ ଆରମ୍ଭ କରିଥିଲେ ଏବଂ ତାହା ପରିପୂର୍ଣ୍ଣତା ଲାଭ କରିଥିଲା 'ସମ୍ବାଦ'ର ଶେଷ ସ୍ତମ୍ଭରେ। ଏଥିରେ ପ୍ରକାଶ ପାଉଥିବା ଅଗ୍ରଲେଖର ଅନ୍ତର୍ନିହିତ ବକ୍ତବ୍ୟ ହେଉଛି ତାଙ୍କ ଆତ୍ମାର ଉଚ୍ଚାରଣ, ଯାହା ଉଚ୍ଚାଙ୍ଗ ସାହିତ୍ୟର ନିଦର୍ଶନ। ତାଙ୍କ ସଂପାଦକୀୟ ଲେଖା ଏତେ ରସସିକ୍ତ, ଭାବଧର୍ମୀ ଓ ସୃଷ୍ଟିଧର୍ମୀ ସାହିତ୍ୟର ନିକଟବର୍ତ୍ତୀ ହେବାର କାରଣ ତାଙ୍କ ଶବ୍ଦ ଚୟନ ଦକ୍ଷତା।

ସାମ୍ବାଦିକତା କ୍ଷେତ୍ରରେ ନିତ୍ୟ ନୂତନତା ଆଣିବାରେ ସେ ଥିଲେ ନିରନ୍ତର ପ୍ରୟାସୀ। ତାଙ୍କର ଭିନ୍ନ ଭିନ୍ନ ଲେଖାରେ ଦେଖିବାକୁ ମିଳେ ନୂଆ ନୂଆ ଶବ୍ଦ ଓ ତା'ର ପ୍ରୟୋଗ ଅନୁଶୀଳନ। 'ଓଡ଼ିଆ ଭାଷା ଓ ଆମେ' ଶୀର୍ଷକ ଶେଷ ସ୍ତମ୍ଭରେ ସେ ଲେଖିଥିଲେ- ଊନବିଂଶ ଶତାବ୍ଦୀରେ ଓଡ଼ିଆ ଭାଷାରେ ବହୁ ବହିରାଗତ ଶବ୍ଦ ଗ୍ରଥିତ କରା ଯାଇଥିଲା। ତାହା ଥିଲା ଓଡ଼ିଆ ଭାଷାର ପ୍ରବର୍ଦ୍ଧମାନ କାଳ। ସମ୍ପ୍ରତି ଓଡ଼ିଆ ଭାଷାରେ ଏକ ଖପରାଡିଆଁ ପ୍ରବୃତ୍ତି ପରିଲକ୍ଷିତ ହେଉଛି। କୌଣସି ବଙ୍ଗଳା, ହିନ୍ଦୀ, ଇଂରାଜୀ ଶବ୍ଦ ଓଡ଼ିଆ ସାହିତ୍ୟରେ ପରିଲକ୍ଷିତ ହେଲେ ଭାଷାର ବିଶୁଦ୍ଧତା ନଷ୍ଟ ହେଲା ବୋଲି ଆର୍ତ୍ତନାଦ ଶୁଭୁଛି। ସେଥିପାଇଁ ଏକ୍‌ଜିକ୍ୟୁଟିଭ୍ ଇଞ୍ଜିନିୟର ଜାଗାରେ ନିର୍ବାହୀ ଯନ୍ତ୍ରୀ, ସେକ୍ରେଟାରୀଏଟ ସ୍ଥାନରେ ମହାକରଣିକ ବା ସଚିବାଳୟ ପରି ବହୁ କିମ୍ଭୁତ କିମାକାର ଶବ୍ଦ ସୃଷ୍ଟି ହେଉଛି। ସେକ୍ରେଟାରୀଏଟ୍ କହିଲେ ସମସ୍ତେ ବୁଝିବେ, କିନ୍ତୁ ମହାକରଣିକ କହିଲେ ଅଭିଧାନ ଖୋଜିବାକୁ ପଡ଼ିବ। ଏକ୍‌ଜିକ୍ୟୁଟିଭ୍ ଇଞ୍ଜିନିୟର କହିଲେ କଣ୍ଟ୍ରାକ୍ଟରଠାରୁ ମଜୁରିଆ ପର୍ଯ୍ୟନ୍ତ ସମସ୍ତେ ବୁଝିବେ। ହେଲେ ନିର୍ବାହୀ ଯନ୍ତ୍ରୀ କହିଲେ କେତେ ଜଣ ବୁଝିବେ? ରିଟ୍ ବଦଳରେ ଯାଚିକା କହିଲେ ବୁଝିବା କ'ଣ ସହଜ? ଓଡ଼ିଆ ଭାଷାର ବିଶୁଦ୍ଧତାକୁ ଅଗ୍ରପ୍ରାଧାନ୍ୟ ଦେବା ଉଚିତ୍। ମାତ୍ର ସେ ଶବ୍ଦ ଯଦି ଭାବ ପ୍ରକାଶରେ ଅକ୍ଷମ, ତେବେ ଅନ୍ୟ ଭାଷାର ଶବ୍ଦ ପ୍ରୟୋଗ କରିବାରେ ପ୍ରତିବନ୍ଧକ ରହିବା ଉଚିତ୍ ନୁହେଁ।

ସୁରେନ୍ଦ୍ର ମହାନ୍ତିଙ୍କ ସାମ୍ବାଦିକତା ହେଉଛି ତାଙ୍କ ଦୀର୍ଘ ରାଜନୈତିକ ଜୀବନର ବହୁ ଅଭିଜ୍ଞତା ଶାଣିତ ପରିପ୍ରକାଶ। ଏ ସଂପର୍କରେ ସେ ଜୀବନ ସ୍ମୃତିରେ କୁହନ୍ତି- ରାଜନୈତିକ ଉଦ୍ଦେଶ୍ୟ ଚରିତାର୍ଥ କରିବା ପାଇଁ ସମ୍ବାଦପତ୍ରକୁ ବ୍ୟବହାର କରିବା ସାମ୍ବାଦିକତାର ବିକାଶ ଦିଗରେ ପ୍ରଧାନ ଅନ୍ତରାୟ। ମାତ୍ର ନିରପେକ୍ଷତାର ଆବରଣ ତଳେ ସମ୍ବାଦପତ୍ରଗୁଡ଼ିକ ଭୁଲି ଗଲେଣି ସମାଜ ଓ ରାଷ୍ଟ୍ର ପ୍ରତି ଥିବା ତାଙ୍କର ଦାୟବଦ୍ଧତା। କେବଳ ବ୍ୟବସାୟିକ ସଫଳତା ହି ତାଙ୍କର ଏକମାତ୍ର ଲକ୍ଷ୍ୟ। ମଣିଷର ଦୁର୍ଯୋଗ ସୁଦ୍ଧା ଏମାନଙ୍କ ବ୍ୟବସାୟର ପଣ୍ୟ। ତରୁଣ ସାମ୍ବାଦିକଙ୍କ ଉଦ୍ଦେଶ୍ୟରେ ସେ କୁହନ୍ତି, ପ୍ରବୀଣମାନଙ୍କ ପରି ସେମାନେ ପ୍ରଶସ୍ତି ନିମନ୍ତେ ଲାଳାୟିତ ନ ହୋଇ ଅଭିସମ୍ପାତ ଶୁଣିଲେ ବରଂ ଅଧିକ ତୀକ୍ଷ୍ଣ ଓ ଶାଣିତ ହେବା ଉଚିତ୍। କାରଣ, ଜୀବନର ତୃଷ୍ଣା ଯଦି କେଇ ବିନ୍ଦୁ ଜଳରେ ତୃପ୍ତ ହୁଏ, ତେବେ ସମୁଦ୍ରକୁ ଶୋଷିବ କିଏ? କିଏ ବୋଲାଇବ ଅଗସ୍ତିର ବଂଶଧର? ସାମ୍ବାଦିକତାର ଅର୍ଥ ସେ ବୁଝିଥିଲେ ସୃଜନଶୀଳ ଆତ୍ମାର ପ୍ରକାଶ ନିମନ୍ତେ ପ୍ରତିବଦ୍ଧତା। ସେଥିପାଇଁ ଜଣେ ସାମ୍ବାଦିକର ଦୃଷ୍ଟିଭଙ୍ଗୀ ନେଇ ସେ ପ୍ରତ୍ୟେକ ଘଟଣାକୁ ପର୍ଯ୍ୟବେକ୍ଷଣ କରୁଥିଲେ ଏବଂ ପ୍ରାଣରେ ଓ ଆବେଗରେ ନିରୁତା କବିଟିଏ ପରି ତାକୁ ପ୍ରକାଶ କରୁଥିଲେ ଚମତ୍କାର କଳାତ୍ମକ ଶୈଳୀରେ।

ଅବସରପ୍ରାପ୍ତ ଅଧ୍ୟକ୍ଷ
ମୋ: ୬୩୭୧୬୪୨୪୬୪

# ଯୋଗଶ୍ଚିତ୍ତ ବୃତ୍ତି ନିରୋଧଃ



ସୁଧାଂଶୁ ଶେଖର ଦ୍ୱିବେଦୀ

ଈଶ୍ୱର ସର୍ବବ୍ୟାପକ, ପରନ୍ତୁ ମନୁଷ୍ୟର ଆତ୍ମା କେବଳ ଶରୀରରେ ଅବସ୍ଥିତ। ଯେଉଁଠାରେ ଦୁହେଁ ଅବସ୍ଥିତ, ଦୁହିଙ୍କ ମିଳନ ଚିରନ୍ତନ। ଈଶ୍ୱର ସର୍ବତ୍ର ବ୍ୟାପକ ହେତୁ ମନୁଷ୍ୟ ଶରୀରରେ ବି ବ୍ୟାପ୍ତ। ସେଥିପାଇଁ ମନୁଷ୍ୟର ଶରୀର ଏଭଳି ସ୍ଥାନ, ଯେଉଁଠି ଆତ୍ମା ଏବଂ ପରମାତ୍ମାର ମିଳନ ହୋଇଥାଏ। ଭାରତୀୟ ପୁରାତନ ଗ୍ରନ୍ଥରେ କୁହା ଯାଇଛି, ମନୁଷ୍ୟର ଶରୀର ପରମାତ୍ମାଙ୍କ ପୂଜାସ୍ଥଳ। ଏହା ଯୋଗ ବିଦ୍ୟାର ସାରବସ୍ତୁ। ଆସନ ଏବଂ ପ୍ରାଣାୟାମ ଯୋଗର ବହିଃରଙ୍ଗ ରୂପେ ସ୍ଥିତ, ଯାହା ଯୋଗ ସାଧନାରେ ସହାୟକ ହୋଇଥାଏ। ଯେମିତି ଆସନ ଶରୀରକୁ ନିରୋଗ ରଖିଥାଏ, ସେମିତି ପ୍ରାଣାୟାମ ମନର ଏକାଗ୍ରତାକୁ ବଢ଼ାଇ ଥାଏ। ଯୋଗର ଶରୀର, ମନ ଏବଂ ଆତ୍ମା ସହିତ ସମ୍ପର୍କ ରହିଛି।

ପ୍ରକୃତି ମାନବ ମାତ୍ରକୁ ଏକା ପରି ସୃଷ୍ଟି କରିଛି। ସମସ୍ତଙ୍କୁ ଶରୀର, ମନ ଏବଂ ଆତ୍ମା ଦେଇଛି। ମନୁଷ୍ୟ ଯେଉଁଠାରେ ବି ଜନ୍ମ ହେଉ ନା କାହିଁକି- ତାହା ସାଇବେରିଆର ଅତି ଶୀତଳ ସ୍ଥାନ ହୋଇଥାଉ ବା ସାହାରାର ମରୁସ୍ଥଳ ହେଉ- ମାନବ ଶରୀରର ତାପମାନ ସମସ୍ତ ସ୍ଥାନରେ +୩୭ ଡିଗ୍ରୀ ସେଲସିୟସ ରହିବ। ମନୁଷ୍ୟ ଆମେରିକାବାସୀ ହୋଇଥାଉ କି ଆଫ୍ରିକାବାସୀ, ତା'ର କ୍ରୋଧର ଆବେଶରେ ରକ୍ତଚାପ ବଢ଼ିଥାଏ। ହୃଦୟର ଗତି ତୀବ୍ର ହୋଇଯାଏ। ନାଡ଼ି ଅତିଶୀଘ୍ର ଧପ୍ ଧପ୍ ହୁଏ; ମୁହଁ ଲାଲ୍ ପଡ଼ିଯାଏ। ସେତେବେଳେ କୌଣସି ଔଷଧ ଅବା ରୋଗର ଶରୀର ଉପରେ ପ୍ରଭାବ ପଡ଼ିବା ପୂର୍ବରୁ କାହାରି ବି ନାଗରିକତା ଏବଂ ଧାର୍ମିକ ଆସ୍ଥାର ଯାଞ୍ଚ ହୋଇ ନଥାଏ। ଠିକ୍ ସେହିପରି ଯୋଗକ୍ରିୟା ମାନବ ଶରୀର ଉପରେ ଅବିକଳ ସମାନ ପ୍ରଭାବ ପକାଇ ଥାଏ। ଯୋଗ ପଦ୍ଧତି ଧର୍ମନିରପେକ୍ଷ ତଥା ମାନବ ଶରୀର ନିମନ୍ତେ ହିତକାରୀ ଅଟେ। ଏଥିପାଇଁ ସଂଯୁକ୍ତ ରାଷ୍ଟ୍ରର ମିଳିତ ନିର୍ଣ୍ଣୟକ୍ରମେ ଜୁନ୍ ମାସ ୨୧ ତାରିଖକୁ ଅର୍ନ୍ତରାଷ୍ଟ୍ରୀୟ ଯୋଗ ଦିବସ ରୂପେ ପାଳନ କରିବାକୁ ନିଷ୍ପତ୍ତି ନିଆ ହୋଇଛି, ଯାହାକି ସର୍ବସମ୍ମତି ରୂପେ ୧୭୭ଟି ଦେଶଙ୍କ ଦ୍ୱାରା ଅନୁମୋଦିତ।

୨୦୧୫ ମସିହା ଜୁନ୍ ମାସ ୨୧ ତାରିଖରେ ପ୍ରଥମ ଥର ପାଇଁ ଯୋଗ ଦିବସ ଆରମ୍ଭ ହୋଇଥିଲା। ପ୍ରତି ବର୍ଷ ଏକ ବିଶେଷ ବିଷୟବସ୍ତୁର ଅନୁମୋଦନ ଅନୁସାରେ ଯୋଗ ଦିବସ ପାଳିତ ହୁଏ। ଯୋଗ ଏକ ବିସ୍ତୃତ ଆଧ୍ୟାତ୍ମିକ ପଦ୍ଧତି ଭାବରେ ପରିଚିତ, ଯାହାର ଧ୍ୟେୟ ଆତ୍ମା ସହିତ ପରମାତ୍ମାର ମିଳନ ହୋଇଥାଏ। ତେବେ ପତଞ୍ଜଳି ମହର୍ଷିଙ୍କ ଯୋଗ ଦର୍ଶନ ଗ୍ରନ୍ଥରେ ଆସନ ଉପରେ କେବଳ ୪ଟି ସୂତ୍ର ରହିଛି। ଆସନର ପରିଭାଷା 'ସ୍ଥିରମ୍ ସୁଖମ୍ ଆସନମ୍' ଭାବେ ହେବା ଆବଶ୍ୟକ। ଅର୍ଥାତ୍ ସ୍ଥିରତା ସହକାରେ ସୁଖପୂର୍ବକ ଏକ ସ୍ଥିତିରେ ରହିବାକୁ ଆସନ କୁହାଯାଏ। ବିଭିନ୍ନ ପ୍ରକାରର ଗବେଷଣାରୁ ନିଷ୍କର୍ଷ ମିଳିଛି ଯେ ଧ୍ୟାନ କଲେ ମାନସିକ ଚିନ୍ତା, ଅବସାଦରୁ ମୁକ୍ତି ମିଳିଥାଏ। ଏହା ଛଡ଼ା ଉଚ୍ଚ ରକ୍ତଚାପ କମିଯିବା, ଶ୍ୱାସ-ପ୍ରଶ୍ୱାସର ଗତି ସନ୍ତୁଳିତ ରହିବାରେ ଧ୍ୟାନ ପ୍ରକ୍ରିୟା ଅନେକ ସହାୟକ ହୋଇଥାଏ। ଯୋଗ ପଦ୍ଧତି ସାଧକ ଓ ସାଂସାରିକ- ଉଭୟଙ୍କ ପାଇଁ ଅତ୍ୟନ୍ତ ଲାଭଦାୟକ। ପରନ୍ତୁ, ବର୍ତ୍ତମାନ ପ୍ରଚଳିତ ସମୟରେ ଯୋଗାଭ୍ୟାସ ହଠଯୋଗ ପଦ୍ଧତିରେ ସଂଚାଳିତ ହେଉଛି। ହଠଯୋଗ ଗ୍ରନ୍ଥରେ ପଶୁ-ପକ୍ଷୀଙ୍କ ଆକାର ଅନୁସାରେ ୮୪ଟି ଆସନ ବର୍ଣ୍ଣନା ହୋଇଛି। ସେସବୁ ଆସନ ସ୍ୱାସ୍ଥ୍ୟ ପାଇଁ ଅତି ଉପକାରୀ।

ଯୋଗ ଦୁଇ ପ୍ରକାରର ହୋଇଥାଏ- ଲୌକିକ ଏବଂ ଆଧ୍ୟାତ୍ମିକ। ଲୌକିକ ବିଷୟ ପ୍ରତି ଧ୍ୟାନ ଲଗାଇଲେ ଲୌକିକ ସିଦ୍ଧି ପ୍ରାପ୍ତ ହୋଇଥାଏ। ଯେମିତି- ନିଉଟନ୍ ଗଛରୁ ଖସୁଥିବା ସେଓ ପ୍ରତି ଧ୍ୟାନ ଲଗାଇ ସଫଳ ହୋଇଥିଲେ। ସେହିପରି ଆଧ୍ୟାତ୍ମିକ ବିଷୟ ପ୍ରତି ଧ୍ୟାନ ଲଗାଇଲେ ଆଧ୍ୟାତ୍ମିକ ଶକ୍ତି ପ୍ରାପ୍ତ ହୋଇଥାଏ। ଯୋଗାସନରେ ମୁଖ୍ୟତଃ ତିନୋଟି ଆସନ ସ୍ୱାସ୍ଥ୍ୟ ପାଇଁ ନିଶ୍ଚିତ ମହତ୍ତ୍ୱପୂର୍ଣ୍ଣ ହୋଇଥାଏ, ଯଥା- ସୂର୍ଯ୍ୟ ନମସ୍କାର, ଶୀର୍ଷାସନ ଏବଂ ସର୍ବାଙ୍ଗାସନ। ଏହି ତିନୋଟି ଆସନ ସହାୟତାରେ ଶରୀରର ପ୍ରତିଟି ଅଙ୍ଗ-ପ୍ରତ୍ୟଙ୍ଗ ସୁଚାରୁ ରୂପେ କାର୍ଯ୍ୟକ୍ଷମ ହେବା ସହ ସୁଦୃଢ଼ ହୋଇଥାଏ।




ବୈଦିକ ମତ ଅନୁସାରେ, ସୂର୍ଯ୍ୟର ଅର୍ଥ ଈଶ୍ୱର। ବେଦରେ ଈଶ୍ୱରଙ୍କୁ ସୂର୍ଯ୍ୟ, ଅଗ୍ନି, ଇନ୍ଦ୍ର, ବିଷ୍ଣୁ ଆଦି କେତେ କେତେ ନାମରେ ବର୍ଣ୍ଣନା କରା ହୋଇଛି। ବେଦରେ ପ୍ରଯୁକ୍ତ ଇନ୍ଦ୍ର, ବରୁଣ, ସୂର୍ଯ୍ୟ ଆଦି ଦେବତାବାଚକ ଶବ୍ଦ ଯୋଗୁଁ ସମସ୍ତେ ପରୋକ୍ଷ ରୂପେ ସୂଚକ ଅଟନ୍ତି। ଦୃଶ୍ୟ ପଛରେ ଅଦୃଶ୍ୟ, ଶାନ୍ତ ପଛରେ ଅଶାନ୍ତ, ଅପରା ପଛରେ ପରା, ଦିବ୍ୟ ପଛରେ ଦିବ୍ୟତା ଭଳି ସର୍ବବ୍ୟାପକ ଏବଂ ସର୍ବଶକ୍ତିମାନର ସୂଚକ ହୋଇ ରହିଥାନ୍ତି। ସୂର୍ଯ୍ୟ ଏକ ପ୍ରାକୃତିକ ଶକ୍ତି ରୂପେ ଦେବତା ହୋଇ ପୂଜା ପାଆନ୍ତି। ଉଲ୍ଲେଖନୀୟ ଏହା ଯେ ଦେବତା ଯାହା ଦେଇଥାନ୍ତି, ଅର୍ଥାତ୍ ଚମକୁଥାନ୍ତି। ଆମ ଧର୍ମଗ୍ରନ୍ଥରେ ଏହା ବି କୁହାଯାଇଛି ଯେ ସୂର୍ଯ୍ୟ, ଚନ୍ଦ୍ର, ତାରା, ଅଗ୍ନି ଆଦି ସମସ୍ତେ ଈଶ୍ୱରଙ୍କ ପ୍ରକାଶରେ ପ୍ରକାଶିତ ହୋଇଥାନ୍ତି।

ଯୋଗ ଶୁଦ୍ଧ ଧର୍ମର ପର୍ଯ୍ୟାୟବାଚୀ ଅଟେ। ଏହା ଶରୀର ଓ ମନ ମଧ୍ୟରେ ବନ୍ଧନ ସୃଷ୍ଟି କରେ। ଶ୍ୱାସ-ପ୍ରଶ୍ୱାସର ସମତ୍ୱ ଅଭ୍ୟାସର ଅଙ୍ଗ ଅଟେ। ଯୋଗ ହିଁ ଆଧ୍ୟାତ୍ମିକତା, ଯୋଗ ହିଁ ଶୁଦ୍ଧ ଧର୍ମ। ଯୋଗ ଅଭ୍ୟାସର ପ୍ରକୃତ ଉଦ୍ଦେଶ୍ୟ ଲୋକଙ୍କୁ ପ୍ରକୃତି ସହିତ ଜଡ଼ିତ କରିବା, ଏକାଗ୍ରତାର ଅଭ୍ୟାସ କରିବା ତଥା ସ୍ୱାସ୍ଥ୍ୟ ନିମନ୍ତେ ଉତ୍ପନ୍ନ ରୋଗକୁ ବହିଷ୍କାର କରିବା। ଶରୀର କେବଳ ହାଡ଼-ମାଂସର ସମ୍ମିଶ୍ରଣରେ ନିର୍ମିତ ହୋଇନାହିଁ। ଭୌତିକ ଶରୀର ଅତିରିକ୍ତ ଅନ୍ୟ ଶରୀର ମଧ୍ୟ ଏଥିରେ ସମାହିତ। ଶରୀରକୁ ତିନୋଟି ଶ୍ରେଣୀରେ ଭାଗ କରା ହୋଇଛି- ସ୍ଥୂଳ ଶରୀର (ଭୌତିକ ଶରୀର), ମାନସିକ ଶରୀର (ମନ ଶରୀର), ସୂକ୍ଷ୍ମ ଶରୀର (ଚେତନ ଶରୀର)। ଏହି ତିନୋଟି ଶରୀର ମନ ମାଧ୍ୟମରେ ଚେତନରେ ସ୍ଥିତ ରହିବାକୁ ଆଧ୍ୟାତ୍ମିକତା କୁହାଯାଏ। ଏଥିପାଇଁ ଚିତ୍ତର ଶୁଦ୍ଧତା ନିହାତି ଅନିବାର୍ଯ୍ୟ। ଚିତ୍ତର ଶୁଦ୍ଧତା କେବଳ ଯୋଗ ଦ୍ୱାରା ହିଁ ସମ୍ଭବ ହୋଇଥାଏ- ଯୋଗଶ୍ଚିତ୍ତ ବୃତ୍ତି ନିରୋଧଃ।

ବିସି-୭୪, ସଲ୍ଟ ଲେକ୍, କୋଲକାତା
ମୋ: ୯୮୩୧୩୭୩୫୧୨

ଲେଖା ପଠାଇବାର ଠିକଣା, ସମ୍ପାଦକ, 'ନିତିଦିନ', Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, e-mail: nitidinedit@gmail.com

ନିତିଦିନ NITIDIN

ଆମ ଜିଲ୍ଲା

ଗ

## ପିକଅପ୍‌କୁ ଧକ୍କା ଦେଲା ଟ୍ରକ୍



**ସୋର,୨୦।୬/ଏନ୍‌ଏନ୍‌ଏସ୍:** ସୋର ଥାନା ୧୬ ନମ୍ବର ଜାତୀୟ ରାଜପଥ ମାଟିଆପଲ୍ଲା ଛକ ନିକଟରେ ଟ୍ରକ୍ ଧକ୍କାରେ ଏକ ରାସନ୍ ବୋଝେଇ ପିକଅପ୍ ଭାଙ୍ଗିରୁଜି ଚୁରମାର୍ ହୋଇଯାଇଛି। ଫଳରେ ଲକ୍ଷାଧିକ ଟଙ୍କାର ଗ୍ରୋସେରୀ ସାମଗ୍ରୀ ନଷ୍ଟ ହୋଇଯାଇଛି। ଶନିବାର ଅପରାହ୍ନରେ ଏକ ପିକଅପ୍ ଭ୍ୟାନ୍ ବାଲେଶ୍ୱରରୁ ଗ୍ରୋସେରୀ ସାମଗ୍ରୀ ବୋଝେଇ କରି ତୁଡ଼ିଗଡ଼ିଆ ଅଭିମୁଖେ ଯାଉଥିଲା। ମାଟିଆପଲ୍ଲା ଛକ ନିକଟରେ ପିକଅପ୍ ତଳ ରାସ୍ତାକୁ ଖସୁଥିବାବେଳେ ପଛରୁ ଝାଡ଼ଖଣ୍ଡରୁ ବିଜୟୱାଡ଼ା ଯାଉଥିବା ଏକ ଟ୍ରକ୍ ଧକ୍କା ଦେଇଥିଲା। ସୌଭାଗ୍ୟବଶତଃ ପିକଅପ୍ ଚାଳକ ଅଳ୍ପକେ ରକ୍ଷା ପାଇଥିଲେ। ଖବରପାଇ ସୋର ପୁଲିସ୍ ଘଟଣାସ୍ଥଳରେ ପହଞ୍ଚି ଗାଡ଼ି ୨ଟିକୁ ଜବତ କରି ଥାନାକୁ ଆଣିବା ସହିତ ଘଟଣାର ତଦନ୍ତ ଆରମ୍ଭ କରିଛି।

# କାଗଜପତ୍ରରେ ସୀମିତ ଅତ୍ୟାଧୁନିକ ବସ୍‌ଷ୍ଟାଣ୍ଡ

**ଧାମନଗର,୨୦।୬/ଏନ୍‌ଏନ୍‌ଏସ୍:** ସରକାର ବଦଳିଲେ ଭାଗ୍ୟ ବଦଳେ ବୋଲି ସାଧାରଣରେ କୁହାଯାଏ। ହେଲେ ଧାମନଗର ବ୍ଲକ୍ ଦୋବଲ ବସ୍‌ଷ୍ଟାଣ୍ଡ କ୍ଷେତ୍ରରେ ଏହା ଭୁଲ୍ ପ୍ରମାଣିତ ହୋଇଛି। ସରକାର ବଦଳିବା ସହ ଦୋବଲ୍ ଅଞ୍ଚଳବାସୀଙ୍କ ବର୍ଷ ବର୍ଷର ସ୍ୱପ୍ନ ଏବେ ଅଧାବାଟରେ ଅଟକି ଯାଇଛି। ସବୁଠାରୁ ଆଶ୍ଚର୍ଯ୍ୟର କଥା ହେଉଛି ସରକାର ଆସିବା ପୂର୍ବରୁ ଯେଉଁ ସ୍ଥାନୀୟ ନେତାମାନେ 'ଦୋବଲ ବସ୍‌ଷ୍ଟାଣ୍ଡ ସୁରକ୍ଷା ମଞ୍ଚ' ଗଠନ କରି ଗାଁ ଗାଁ ବୁଲି ଲୋକଙ୍କୁ ଏକାଠି କରୁଥିଲେ, ଆନ୍ଦୋଳନ ଓ ରାସ୍ତାରୋକର ଚେତାବନୀ ଦେଉଥିଲେ, ସେମାନେ ଏବେ ନୀରବଦ୍ରଷ୍ଟା ସାଜିଛନ୍ତି। ୨୦୨୩ ମସିହାରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଦୋବାଲ୍‌ରେ ଏକ ଅତ୍ୟାଧୁନିକ ବସ୍‌ଷ୍ଟାଣ୍ଡ ନିର୍ମାଣ ପାଇଁ ଭର୍ଚୁଆଲ୍ ମାଧ୍ୟମରେ ଶିଳାନ୍ୟାସ କରିଥିଲେ। ଏଥିପାଇଁ ସମୁଦାୟ ୫ କୋଟି ୮୨ ଲକ୍ଷ ଟଙ୍କାର ବ୍ୟୟବରାଦ ହୋଇଥିଲା। ଯାତ୍ରୀଙ୍କ ସୁବିଧା ପାଇଁ ବିଶ୍ରାମଗାର, ଡ୍ରାଇଭରଙ୍କ ରେଷ୍ଟରୁମ୍ ଓ ଅତ୍ୟାଧୁନିକ ଶୌଚାଳୟ ଆଦିର ନକ୍ସା ପ୍ରସ୍ତୁତ ହୋଇଥିଲା। ଏହି କାର୍ଯ୍ୟ ପାଇଁ ମୁସ୍ତଫାପୁର ମୌଜାର ଘୋଡ଼ାଗଣ୍ଡ ନାଳ ପାଖରେ ଥିବା ସରକାରୀ ଜମିକୁ ଚିହ୍ନଟ କରାଯାଇ ଠିକାଦାର୍ ପ୍ରାୟ ୫୦ ଲକ୍ଷ ଟଙ୍କା ଖର୍ଚ୍ଚ କରି କାମ ମଧ୍ୟ ଆରମ୍ଭ କରିଥିଲେ। ହେଲେ ରାଜ୍ୟରେ ଶାସନ ପରିବର୍ତ୍ତନ ହେବା ମାତ୍ରେ ହିଁ ଏହି ପ୍ରକଳ୍ପ ଉପରେ ରୋକ୍ ଲାଗିଗଲା। ନୂଆ ସରକାର ଆସିବା ପରେ ସେଠାରେ କାମ ସମ୍ପୂର୍ଣ୍ଣ ବନ୍ଦ କରିଦିଆଗଲା। ଫଳରେ ପୂର୍ବରୁ ଖର୍ଚ୍ଚ ହୋଇଥିବା ଲକ୍ଷାଧିକ ସରକାରୀ ଟଙ୍କା ପାଣିରେ ପଡ଼ିବା ସଦୃଶ ହୋଇଛି।

**ସରକାର ବଦଳିଲା, ନେତା ସାଜିଲେ ନୀରବଦ୍ରଷ୍ଟା**

**କାଦୁଅ ଓ ପାଣିରେ ଯାତ୍ରୀ ହିନସ୍ତା**

**ପାଣିରେ ପଡ଼ିଲା ସରକାରୀ ଅର୍ଥ**



ଅନ୍ୟପଟେ ଦୋବଲ ବଜାର ଷ୍ଟେଟ୍ ବ୍ୟାଙ୍କ ସାମ୍ନାରେ ଥିବା ପୁରୁଣା ବସ୍‌ଷ୍ଟାଣ୍ଡର ସ୍ଥିତି ଦିନକୁଦିନ ଅତ୍ୟନ୍ତ ଶୋଚନୀୟ ହେବାରେ ଲାଗିଛି। ମୁସ୍ତଫାପୁର ମୌଜାର ଖାତା ନଂ ୬୧୩, ପ୍ଲଟ୍ ନଂ ୭୩୨ ଅନ୍ତର୍ଗତ ଏହି ପ୍ରାୟ ୬୦ରୁ ୭୦ ବର୍ଷର ପୁରୁଣା ବସ୍‌ଷ୍ଟାଣ୍ଡ ଜମିକୁ ଚାରିଆଡୁ ଆବଦ୍ଧ କରି କବ୍‌ଜା କରାଯାଉଛି। ବସ୍‌ଷ୍ଟାଣ୍ଡକୁ ଲାଗି ରହିଥିବା ଆରାଧନାସ୍ଥଳୀ ଓ ମସଜିଦ୍ ପାର୍ଶ୍ୱରୁ କିଛି ନିର୍ଦ୍ଦିଷ୍ଟ ଗୋଷ୍ଠୀର ଲୋକେ ବାରମ୍ବାର ମାଟି ପକାଇ ସ୍ଥାନଟିକୁ ଉଚ୍ଚା କରୁଛନ୍ତି। କେବଳ ସେତିକି ନୁହେଁ, ବସ୍‌ଷ୍ଟାଣ୍ଡରୁ ଜଳ ନିଷ୍କାସନ ପାଇଁ ଥିବା ହ୍ୟୁମ୍‌ପାଇପ୍ ମଧ୍ୟ ବନ୍ଦ ହୋଇଯାଇଛି। ଫଳରେ ସାମନ୍ୟ ବର୍ଷା ହେଲେ ପୁରୁଣା ବସ୍‌ଷ୍ଟାଣ୍ଡ ପରିସରରେ ଆଣ୍ଠୁଏ ଉଚ୍ଚର ପାଣି ଜମି ରହୁଛି। ଫଳରେ ଯାତ୍ରୀମାନେ ବାଧ୍ୟହୋଇ ମୁଖ୍ୟରାସ୍ତା ଉପରେ ବିପଦପୂର୍ଣ୍ଣ ଭାବେ ବସ୍‌କୁ ଅପେକ୍ଷା କରୁଛନ୍ତି ଯଦ୍ୱାରା ପ୍ରତିଦିନ ସେଠାରେ ଦୁର୍ଘଟଣାର ଆଶଙ୍କା ଓ ଟ୍ରାଫିକ୍ ସମସ୍ୟା ଉପୁଜୁଛି। ବସ୍ ରହିବା ପରିବର୍ତ୍ତେ ସେଠାରେ ଟ୍ରକ୍ ଓ ଟ୍ରାକ୍ଟର୍ ରହୁଛି।

ସୂଚନାଥାଉକି ୨୦୨୨ ଜୁଲାଇ ଓ ଅଗଷ୍ଟ ମାସରେ ଏହି ଜମି ବିବାଦକୁ ନେଇ ଦୋବଲରେ ନିଆଁ କୁହୁଳିଥିଲା। ତତ୍କାଳୀନ ତହସିଲଦାର୍ କ୍ଷୀରୋଦ ପଣ୍ଡାଙ୍କ ଅଧପନ୍ତରିଆ ମାପଚୁପକୁ ବିରୋଧ କରି 'ଦୋବଲ୍ ବସ୍‌ଷ୍ଟାଣ୍ଡ ସୁରକ୍ଷା ମଞ୍ଚ' ସାମ୍ବାଦିକ ସମ୍ମିଳନୀ କରି ପ୍ରଶାସନ ଉପରେ ବର୍ଷିଥିଲା। ସେତେବେଳର ବିରୋଧୀ ଦଳ ନେତା ତଥା ସୁରକ୍ଷା ମଞ୍ଚ ସଭାପତି ଅମୀୟ ମହାନ୍ତି, ଅରବିନ୍ଦ ପତି, ରଞ୍ଜିତ ମହାନ୍ତି, ମଦନମୋହନ ଦାସ, ମନୋରଞ୍ଜନ ମଲିକ, ରବୀନ୍ଦ୍ର ପାଣିଗ୍ରାହୀ, ଅଶୋକ ପଣ୍ଡା ଓ ଅଭିମନ୍ୟୁ ମିଶ୍ର ପ୍ରମୁଖ ଘନ ଘନ ବୈଠକ କରି ଆନ୍ଦୋଳନର ହୁଙ୍କାର ଦେଉଥିଲେ। ସେହିପରି ୨୪ ଅଗଷ୍ଟ ୨୦୨୨ରେ ଶାସକ ଦଳର ପ୍ରଣବ ପ୍ରକାଶ ଦାସଙ୍କ ଉପସ୍ଥିତିରେ ଉଭୟ ସମ୍ପ୍ରଦାୟକୁ ନେଇ ବୈଠକ ବସିଥିଲା ଓ ସମାଧାନର ପ୍ରତିଶ୍ରୁତି ଦିଆଯାଇଥିଲା। ସେତେବେଳେ ତତ୍ପରତା ଦେଖାଉଥିବା ସେହି ନେତାମାନେ ଆଜି ନିଜ ସରକାର ଥାଇ ମଧ୍ୟ କାହିଁକି ଚୁପ୍ ସେନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ତେବେ ପ୍ରଶାସନ ଓ ସ୍ଥାନୀୟ ନେତୃବୃନ୍ଦଙ୍କ ଏହି ନୀରବତା ଏବେ ଦୋବଲବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ସୃଷ୍ଟି କରିଛି।

## ମତଦାତା ସଚେତନତା ପ୍ରତିଯୋଗିତା

**ବାଲେଶ୍ୱର,୨୦।୬/ଏନ୍‌ଏନ୍‌ଏସ୍:** ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଆରମ୍ଭ ହୋଇଥିବା ରାଜ୍ୟସ୍ତରୀୟ ମତଦାତା ସଚେତନତା ପ୍ରତିଯୋଗିତା ଅବସରରେ ବାଲେଶ୍ୱର ଜିଲ୍ଲା ପ୍ରଶାସନ ପକ୍ଷରୁ ସକ୍ରିୟ ଅଂଶଗ୍ରହଣ ପାଇଁ ଆହ୍ୱାନ ଦିଆଯାଇଛି। ଏହି ପ୍ରତିଯୋଗିତାରେ ସ୍ଲୋଗାନ୍, ସ୍କିଟ୍ (ଲଘୁ ନାଟିକା) ଓ ରିଲ୍ ମେକିଂ ସାମିଲ୍ ରହିଛି। ସ୍ଲୋଗାନ୍ ପ୍ରତିଯୋଗିତାରେ ଅଂଶଗ୍ରହଣକାରୀମାନେ ନିଜର ନାମ, ଠିକଣା ଓ ମୋବାଇଲ୍ ନମ୍ବର ସହିତ ସ୍ଲୋଗାନ୍‌କୁ ଇ-ମେଲ୍ ମାଧ୍ୟମରେ ପଠାଇ ପାରିବେ। ସେହିପରି ସ୍କିଟ୍ ପ୍ରତିଯୋଗିତାରେ ମତଦାତାଙ୍କ ଅଧିକାର ଓ ଦାୟିତ୍ୱ, ସ୍ୱତନ୍ତ୍ର ଗଭୀର ସଂଶୋଧନର ଗୁରୁତ୍ୱ, ଗଣନା ଫର୍ମପୂରଣ ପ୍ରକ୍ରିୟା ଓ ଭୋଟର୍ ତାଲିକାରେ ନାମ ଅନ୍ତର୍ଭୁକ୍ତି ସମ୍ପର୍କିତ ବିଷୟବସ୍ତୁ ଉପରେ ୧ରୁ ୫ ମିନିଟ୍ ସମୟାବଧିର ଭିଡିଓ ପ୍ରସ୍ତୁତ କରି ଦାଖଲ କରିପାରିବେ। ରିଲ୍ ମେକିଂ ପ୍ରତିଯୋଗିତାରେ ଅଂଶଗ୍ରହଣକାରୀମାନେ ନିଜ ସୋସିଆଲ୍ ମିଡିଆ ହ୍ୟାଣ୍ଡେଲ୍‌ରେ ଅପଲୋଡ୍ କରି ନିଜର ନାମ ଓ ଜିଲ୍ଲା ଉଲ୍ଲେଖ କରିବା ସହିତ ଜିଲ୍ଲା ପ୍ରଶାସନ ଏବଂ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ସୋସିଆଲ୍ ମିଡିଆ ହ୍ୟାଣ୍ଡେଲ୍‌କୁ ଟ୍ୟାଗ୍ କରିବାକୁ ହେବ। ପ୍ରତିଯୋଗିତାରେ ଉତ୍କୃଷ୍ଟ ପ୍ରଦର୍ଶନ କରିଥିବା ପ୍ରତିଯୋଗୀଙ୍କୁ ଆକର୍ଷଣୀୟ ନଗଦ ପୁରସ୍କାର ପ୍ରଦାନ କରାଯିବ। ସ୍ଲୋଗାନ୍ ପ୍ରତିଯୋଗିତାରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ବିଜେତାଙ୍କୁ କ୍ରମଶଃ ୩,୦୦୦, ୨,୫୦୦ ଓ ୨,୦୦୦ ଟଙ୍କା ପୁରସ୍କାର ରାଶି ପ୍ରଦାନ କରାଯିବ। ସେହିପରି ସ୍କିଟ୍ ପ୍ରତିଯୋଗିତାରେ ପ୍ରଥମ ପୁରସ୍କାର ୩୦,୦୦୦ , ଦ୍ୱିତୀୟ ପୁରସ୍କାର ୨୦,୦୦୦ ଓ ତୃତୀୟ ପୁରସ୍କାର ୧୦,୦୦୦ ଟଙ୍କା ରହିଛି। ରିଲ୍ ମେକିଂ ପ୍ରତିଯୋଗିତାରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ବିଜେତାଙ୍କୁ କ୍ରମଶଃ ୨୦,୦୦୦ , ୧୦,୦୦୦ ଓ ୫,୦୦୦ ଟଙ୍କା ନଗଦ ପୁରସ୍କାର ପ୍ରଦାନ କରାଯିବ। ତେଣୁ ଜିଲ୍ଲାର ସମସ୍ତ ଯୁବବର୍ଗ, ଛାତ୍ରଛାତ୍ରୀ, ସାମାଜିକ ଗଣମାଧ୍ୟମ ବ୍ୟବହାରକାରୀ ଓ ସଚେତନ ନାଗରିକ ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରି ମତଦାତା ସଚେତନତା ଅଭିଯାନକୁ ସଫଳ କରିବା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ଆହ୍ୱାନ ଦିଆଯାଇଛି।

## ଅଲେଖ ମହିମା ଅନୁଗାମୀଙ୍କୁ ହତ୍ୟା ଘଟଣା, ଜଣେ ଗିରଫ



**କେନ୍ଦୁଝର,୨୦।୬/ଏନ୍‌ଏନ୍‌ଏସ୍:** କେନ୍ଦୁଝର ଜିଲ୍ଲା ବାଂଶପାଳ ବ୍ଲକ୍ ଆମୁଣି ଗାଁରେ ଗତ ୧୯ ତାରିଖ ଜଣେ ଅଲେଖ ମହିମା ଅନୁଗାମୀ ଶ୍ରୀକାନ୍ତ ମହାକୁଡ଼ (୬୦)ଙ୍କୁ ବିଭତ୍ସ ଭାବେ ହତ୍ୟା କରାଯାଇଥିଲା। ଏନେଇ ପୁଲିସ୍ ଏକ ହତ୍ୟା ମାମଲା ରୁଜୁ କରି ତଦନ୍ତ ଚଳାଇଥିବାବେଳେ ଶନିବାର ଜଣକୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ଜଣକ ହେଲେ ଆମୁଣି ଗ୍ରାମର ପାଟେଶ୍ୱର ବାରିକ(୨୬)। ଅଁରା ଗ୍ରାମର ଅଲେଖ ଦୀକ୍ଷା ଗ୍ରହଣ କରିଥିବା ବାବା ଶ୍ରୀକାନ୍ତ ୧୯ ତାରିଖ ସକାଳ ୫ଟାରେ ପୋଖରୀକୁ ଗାଧୋଇବାକୁ ଯାଇଥିବାବେଳେ ତାଙ୍କୁ ଏକୁଟିଆ ପାଇ କେହି ହତ୍ୟା କରି ଫେରାର୍ ହୋଇଯାଇଥିଲା। ହତ୍ୟା ଘଟଣା ପରେ ଗାଁରେ ଚାପା ଉତ୍ତେଜନା ଦେଖାଦେଇଥିଲା। ଏହି ଘଟଣାରେ ସଦର ପୁଲିସ୍ ଅଭିଯୁକ୍ତକୁ ଗିରଫ କରି ସିନ୍ ରିକ୍ରିଏଟ୍ କରିଥିବା ନେଇ ସଦର ଥାନାଧିକାରୀ ଅମିତ କୁମାର ଭୂୟାଁ ପ୍ରକାଶ କରିଛନ୍ତି। ତେବେ ଜମିଜମା ବିବାଦକୁ ନେଇ ବାବାଙ୍କୁ ହତ୍ୟା କରିଥିବା ନେଇ ଅଭିଯୁକ୍ତ ପୁଲିସ୍ ନିକଟରେ ସ୍ୱୀକାର କରିଛି।

## ବିପର୍ଯ୍ୟୟ ପ୍ରଶମନ ପାଇଁ ମକ୍‌ଡ୍ରିଲ୍

**କେନ୍ଦୁଝର,୨୦।୬/ଏନ୍‌ଏନ୍‌ଏସ୍:** ହାଟଡ଼ିହି ବ୍ଲକ୍‌ର କରଗୋଳା, ରତକଣା, ହାବେଳେଶ୍ୱର ଓ ଘଷିପୁରା ବ୍ଲକ୍‌ର ବନ୍ୟା ଆଶ୍ରୟସ୍ଥଳୀରେ ବିପର୍ଯ୍ୟୟ ମୁକାବିଲା ପାଇଁ ମକଡ୍ରିଲ୍ ମାଧ୍ୟମରେ ସ୍ଥାନୀୟ ବାସିନ୍ଦାଙ୍କୁ ସଚେତନ କରାଯାଇଛି। ଉକ୍ତ ବନ୍ୟା ଆଶ୍ରୟସ୍ଥଳୀମାନଙ୍କରେ ଏକ ମକଡ୍ରିଲ୍ ସହିତ କିପରି ଏହାକୁ କାର୍ଯ୍ୟରେ ଉପଯୋଗ କରାଯିବ ତାହା ରେସ୍କ୍ୟୁ ଅପରେସନ୍ ଟିମ୍ ଦ୍ୱାରା ପ୍ରଦର୍ଶିତ କରାଯାଇଥିଲା। ବିପର୍ଯ୍ୟୟ ପୂର୍ବରୁ ସ୍ଥାନୀୟ ଲୋକଙ୍କୁ ସଚେତନ କରିବା ସହ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତରିତ କରିବା ପାଇଁ କୁହାଯାଇଥିଲା। ବିଶେଷକରି ଶିଶୁ, ବୃଦ୍ଧ, ଅସହାୟ ମହିଳା, ଭିନ୍ନକ୍ଷମ ଓ ଗର୍ଭବତୀ ମହିଳାଙ୍କୁ ଗୁରୁତର ଭାବେ ସୁରକ୍ଷିତ ରଖିବା ସହ ସେମାନଙ୍କ ପାଇଁ ଖାଦ୍ୟ ଓ ପାନୀୟଜଳ ମହଜୁଦ୍ ରଖିବା ପାଇଁ ପରାମର୍ଶ ଦିଆଯାଇଥିଲା। ସେହିପରି ବିପର୍ଯ୍ୟୟ ପରେ ସ୍ୱଚ୍ଛତା ଅବଲମ୍ବନ କରାଯିବା ସହ ଏହି ଅସହାୟ ଲୋକଙ୍କୁ କିପରି ପ୍ରାଥମିକତା ଦିଆଯିବ ସେସମ୍ପର୍କରେ ଉପସ୍ଥିତ ଅଧିକାରୀମାନେ ମତବ୍ୟକ୍ତ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଭିନ୍ନ ବିଭାଗର ଅଧିକାରୀ, ଅଗ୍ନିଶମ ବିଭାଗ କର୍ମଚାରୀ, ସ୍ୱେଚ୍ଛାସେବୀ ବାହିନୀର ସଦସ୍ୟ, ସ୍ଥାନୀୟ ଜନପ୍ରତିନିଧି, ମହିଳା ଗୋଷ୍ଠୀର ସଦସ୍ୟ ଓ ଯୁବ ଗୋଷ୍ଠୀ ସାମିଲ୍ ହୋଇଥିଲେ।



## ଦୁର୍ଘଟଣାର ୨୬ ଦିନ ପରେ କୈଳାଶଙ୍କ ମୃତ୍ୟୁ

**ଖଇରା,୨୦।୬/ଏନ୍‌ଏନ୍‌ଏସ୍:** ବାଲେଶ୍ୱର ଜିଲ୍ଲା ସୋର-କୁପାରି ରାସ୍ତାର ବଟେଶ୍ୱର ନିକଟରେ ମେ' ୨୩ ତାରିଖରେ ଏକ କାର୍ ଧକ୍କାରେ ସାଇକେଲ୍ ଆରୋହୀ କୈଳାଶ ଦାସ ଗୁରୁତର ହୋଇଥିଲେ। ଭୁବନେଶ୍ୱରସ୍ଥିତ ଏକ ଘରୋଇ ମେଡିକାଲ୍‌ର ଆଇସିୟୁରେ ୨୬ ଦିନ ଧରି ଚିକିତ୍ସିତ ହେଉଥିବା କୈଳାଶଙ୍କ ବୁଧବାର ରାତିରେ ପରଲୋକ ହୋଇଛି। ମାତ୍ର ବିଡ଼ମ୍ବନାର ବିଷୟ ଦୁର୍ଘଟଣା ଘଟାଇ ଫେରାର୍ ହୋଇଯାଇଥିବା କାର୍‌କୁ ପୁଲିସ୍ ଏପର୍ଯ୍ୟନ୍ତ ଠାବ କରିପାରି ନାହିଁ। କୈଳାଶ ଦୀର୍ଘଦିନ ଧରି ଖଇରା ବଜାରରେ ଭେଣ୍ଡର୍ କାମ କରିବା ସହ ରିଟେଲର୍ ଭାବେ ପରିବାରର ଭରଣପୋଷଣ କରୁଥିଲେ। ତେବେ ପ୍ରତିଦିନ ଭଳି ୨୩ ତାରିଖ ସେ ନିଜର ଭେଣ୍ଡର୍ କାମ ସାରି କଣ୍ଠାପଡ଼ାସ୍ଥିତ ଘରକୁ ଫେରୁଥିବାବେଳେ ଅଜଣା କାର୍ ତାଙ୍କୁ ଧକ୍କା ଦେଇ ଫେରାର୍ ହୋଇଯାଇଥିଲା। ଉପସ୍ଥିତ ଲୋକମାନେ ତାଙ୍କୁ ଚିକିତ୍ସା ପାଇଁ ପ୍ରଥମେ ଖଇରା ଓ ପରେ ଭୁବନେଶ୍ୱର ସ୍ଥାନାନ୍ତର କରିଥିଲେ। ତେବେ ଏନେଇ ପରିବାର ଲୋକ ନ୍ୟାୟ ପ୍ରଦାନ କରିବାକୁ ସରକାରଙ୍କ ନିକଟରେ ଦାବି ରଖିଛନ୍ତି।



## 'ବିକାଶର ଧାରା, ଓଡ଼ିଶା ସାରା' କାର୍ଯ୍ୟକ୍ରମ ଉଦ୍‌ଯାପିତ

**ସୋର,୨୦।୬/ଏନ୍‌ଏନ୍‌ଏସ୍:** ରାଜ୍ୟ ସରକାରଙ୍କ ଦୁଇ ବର୍ଷ ପୂର୍ତ୍ତି ଉପଲକ୍ଷେ ସୋର ବ୍ଲକ୍ ପଞ୍ଚାୟତ ସମିତି ଆନୁକୂଲ୍ୟରେ 'ବିକାଶର ଧାରା, ଓଡ଼ିଶା ସାରା' କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ସୋର ବ୍ଲକ୍ ଅଧ୍ୟକ୍ଷା ଅନୁସୟା ମଲ୍ଲିକ, ବିଡିଓ ସୁବ୍ରତ କୁମାର ବେହେରା, ସମ୍ମାନିତ ଅତିଥିଭାବେ ସ୍ଥାନୀୟ ବିଧାୟକଙ୍କ ପ୍ରତିନିଧି ଫକୀରମୋହନ ଦାସ, ଭଦ୍ରକ ସାଂସଦଙ୍କ ପ୍ରତିନିଧି ଦିପ୍ତୀକାନ୍ତ ପଣ୍ଡା, ଏବିଡିଓ ଅମୀୟ ରଞ୍ଜନ ନାଥ, ଏସ୍‌ଡିପିଓ ହାରମଣି ନାୟକ, ଜିଲ୍ଲାପରିଷଦ ଜୟନ୍ତ ସ୍ୱାଇଁ ଓ ଜୟରାମ ଦାସ ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ଅବସରରେ ଅତିଥିଗଣ ସୋର ପଞ୍ଚାୟତ ସମିତି ଅନ୍ତର୍ଗତ ବିଭିନ୍ନ ଅଞ୍ଚଳରୁ ଆସିଥିବା ହିତାଧିକାରୀଙ୍କୁ ଶ୍ରମ ବିଭାଗ ପକ୍ଷରୁ ଶ୍ରମିକଙ୍କୁ ଜବ୍ କାର୍ଡ, ଖାଉଟି ଯୋଗାଣ ବିଭାଗ ପକ୍ଷରୁ ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନା କାର୍ଡ, ବସୁନ୍ଧରା ଯୋଜନାରେ ଭୂମିହୀନଙ୍କୁ ଜମିପଟ୍ଟା, ସମସ୍ତ ଅଙ୍ଗନବାଡ଼ି କର୍ମୀଙ୍କୁ ମୋବାଇଲ୍ ଫୋନ୍ ଓ ସରକାରୀ ନିଜସ୍ୱ ପଟ୍ଟା ବାଣ୍ଟିଥିଲେ।



## ସରିଲା ବାବା ଆଖଣ୍ଡଳେଶ୍ୱରଙ୍କ ବିବାହ



**ଖଇରା,୨୦।୬/ଏନ୍‌ଏନ୍‌ଏସ୍:** ବାଲେଶ୍ୱର ଜିଲ୍ଲା ଅନ୍ତର୍ଗତ ଖଇରାର ଆରାଧ୍ୟ ଦେବତା ବାବା ଆଖଣ୍ଡଳେଶ୍ୱରଙ୍କ ବିବାହ ଶୁକ୍ରବାର ଧୁମଧାମ୍‌ରେ ପାଳିତ ହୋଇଯାଇଛି। ୨୦ ବର୍ଷ ପୂର୍ତ୍ତି ଅବସରରେ ଏଥର ସ୍ୱତନ୍ତ୍ର ଭାବେ ଆୟୋଜନ କରାଯାଇଥିଲା। ସଂଧ୍ୟାରେ ବର ବେଶରେ ବାବା ଆଖଣ୍ଡଳେଶ୍ୱରଙ୍କୁ ଓ କନ୍ୟା ବେଶରେ ମାତା ପାର୍ବତୀଙ୍କୁ ଆଳଦା ଗ୍ରାମର ନନ୍ଦ କୁମାର ପାଣିଙ୍କ ଘରୁ ଏକ ଶୋଭାଯାତ୍ରାରେ ବାଜା ରୋଷଣୀର ତାଳେ ତାଳେ ମନ୍ଦିର ସମ୍ମୁଖସ୍ଥ ବିବାହ ମଣ୍ଡପକୁ ଅଣାଯାଇଥିଲା। ମୁଖ୍ୟ ପୂଜକ କୃଷ୍ଣଚନ୍ଦ୍ର ପତ୍ରୀ ଓ ସହଯୋଗୀ ଭାବେ ଶଶାଙ୍କ ପତ୍ରୀ, ନିରଞ୍ଜନ ପଣ୍ଡାଙ୍କ ସମେତ ୧୧ଜଣ ଆଚାର୍ଯ୍ୟଙ୍କ ତତ୍ତ୍ୱାବଧାନରେ ବିବାହ କାର୍ଯ୍ୟ ସମ୍ପନ୍ନ ହୋଇଥିଲା। ମିହିର କୁମାର ନାୟକ ବରପିତା, ଭୀମସେନ ନାୟକ ଓ ବିକ୍ରମ ମହାନ୍ତି କନ୍ୟାପିତା, ଯୋଗେଶ କୁମାର ଶତପଥୀ କନ୍ୟାଭାଇ, ମୁଖ୍ୟକର୍ତ୍ତା ଭାବେ ପଦ୍ମଲୋଚନ ଧର ଓ ଆଇଆଇସି ଜନ ପଟ୍ଟନାୟକ ଦାୟିତ୍ୱ ତୁଲାଇଥିଲେ। ପିତାମ୍ବର ନାୟକ, ରମେଶ ଚନ୍ଦ୍ର ଲେଙ୍କା, ପିୟୁଷ ଶତପଥୀ, ଜଗତ ମହାନ୍ତି, ଦିଲ୍ଲୀପ କର ଓ ପ୍ରଶାନ୍ତ ବେହେରାଙ୍କ ସମେତ ସମସ୍ତ ଅଞ୍ଚଳବାସୀ ସହଯୋଗ କରିଥିଲେ।

## ଦୋକାନ ଚାବି ଭାଙ୍ଗି ଲୁଟ୍

**ସୋର,୨୦।୬/ଏନ୍‌ଏନ୍‌ଏସ୍:** ସୋର ବ୍ଲକ୍ ସୀଙ୍ଗାଖୁଣ୍ଟା ପଞ୍ଚାୟତ ନୂଆଗାଁ ଛକ ନିକଟରେ ଥିବା ଏକ ଦୋକାନ ଘର ଚାବି ଭାଙ୍ଗି ଲକ୍ଷାଧିକ ଟଙ୍କାର ସାମଗ୍ରୀ ସହ ନଗଦ ଟଙ୍କା ଚୋରି ହୋଇଥିବା ଅଭିଯୋଗ ହୋଇଛି। ଶୁକ୍ରବାର ରାତିରେ ବିଜୟ କୁମାର ସାହୁଙ୍କ ଭେରାଇଟି ଷ୍ଟୋର୍‌ର ଚାବି ଭାଙ୍ଗି କିଛି ଦୁର୍ବୃତ୍ତ ବିଭିନ୍ନ ଗ୍ରୋସରୀ ସାମଗ୍ରୀ ସହିତ କପଡ଼ା, ଥଣ୍ଡା ପାନୀୟ ଭଳି ସାମଗ୍ରୀ ଯାହାର ଆନୁମାନିକ ମୂଲ୍ୟ ୩୦ ହଜାର ଟଙ୍କା ହେବ। ଏହାସହ ନଗଦ କିଛି ଟଙ୍କା ଚୋରି କରିନେଇଥିବା ମଧ୍ୟ ଜଣାପଡ଼ିଛି। ଶନିବାର ସକାଳେ କିଛି ସ୍ଥାନୀୟ ଲୋକ ଦୋକାନ ଚାବି ଭାଙ୍ଗିବା ସହ ସାମଗ୍ରୀ ଏଣେତେଣେ ପଡ଼ିଥିବା ଦେଖି ବିଜୟ କୁମାର ସାହୁଙ୍କୁ ଖବର ଦେଇଥିଲେ। ପରେ ବିଜୟ ଆସି ଦୋକାନରୁ ଚୋରି ହୋଇଥିବା ଦେଖି ସୋର ପୁଲିସ୍‌କୁ ଖବର ଦେଇଥିଲେ। ସୋର ପୁଲିସ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।



## କଦଳିଆ ପାଇକଯୁଗୁପୁରା ପ୍ରିମିୟର୍ ଲିଗ୍ ଉଦ୍‌ଯାପିତ

# ରୟାଲ୍ ଚ୍ୟାଲେଞ୍ଜ୍ ବୈଶିଙ୍ଗା ଦଳ ଚାମ୍ପିଅନ୍

**ବୈଶିଙ୍ଗା,୨୦।୬/ଏନ୍‌ଏନ୍‌ଏସ୍:** ମୟୂରଭଞ୍ଜ ଜିଲ୍ଲା ବେତନଟୀ ବ୍ଲକ୍ ବୈଶିଙ୍ଗା ପଞ୍ଚାୟତରେ କଦଳିଆ-ପାଇକଯୁଗୁପୁରା ପ୍ରିମିୟର୍ ଲିଗ୍ ଉଦ୍‌ଯାପିତ ହୋଇଯାଇଛି। ଉକ୍ତ ଟୁର୍ଣ୍ଣାମେଣ୍ଟରେ ୬ଟି ଦଳ ଅଂଶଗ୍ରହଣ କରିଥିଲେ। ୧୨ ତାରିଖରୁ ଏହି ପ୍ରିମିୟର୍ ଲିଗ୍ ଆରମ୍ଭ ହୋଇଥିବାବେଳେ ଶୁକ୍ରବାର ଫାଇନାଲ୍ ମ୍ୟାଚ୍ ଖେଳାଯାଇଥିଲା। ଫାଇନାଲ୍‌ରେ ରୟାଲ୍ ଚ୍ୟାଲେଞ୍ଜ ବୈଶିଙ୍ଗା ଦଳ ଏବଂ ଏଆର୍ ଆର୍‌କଟେକ୍ ହାତୀଝୁରୀ ଦଳ ମୁହାଁମୁହିଁ ହୋଇଥିଲେ। ଏଥିରେ ବୈଶିଙ୍ଗା ଦଳ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ଓଭରରେ ୫ ୱିକେଟ୍ ବିନିମୟରେ ୧୪୫ ରନ୍ ସଂଗ୍ରହ କରିଥିଲା। ଏହାର ଜବାବରେ ହାତୀଝୁରୀ ଦଳ ନିର୍ଦ୍ଧାରିତ ଓଭର୍‌ରେ ମାତ୍ର ୧୧୬ ରନ୍ ସଂଗ୍ରହ କରି ଅଲଆଉଟ୍ ହୋଇଯାଇଥିଲା। ଫଳରେ ରୟାଲ୍ ଚ୍ୟାଲେଞ୍ଜ ବୈଶିଙ୍ଗା ୨୯ ରନ୍‌ରେ ବିଜୟୀ ହୋଇଥିଲା। ଉଦ୍‌ଯାପନୀ ତଥା ପୁରସ୍କାର ବିତରଣ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ଅଧିକାରୀ ବିରାମ ମାଝୀ ଏବଂ ସଂଗଠକ ବାବୁଲି ମନ୍ତ୍ରୀ ଯୋଗଦେଇ ଚାମ୍ପିଅନ୍ ବୈଶିଙ୍ଗା ଦଳକୁ ପୁରସ୍କାର ରାଶି ସହ ଟ୍ରଫି ପ୍ରଦାନ କରିଥିଲେ। ଏହି ଟୁର୍ଣ୍ଣାମେଣ୍ଟ ପରିଚାଳନାରେ କ୍ଲବ୍‌ର ସଦସ୍ୟ ଜୟନ୍ତ ରାଉଳ, ଅଜିତ ରାଉତ, ଆଶିଷ ମାରାଣ୍ଡିଙ୍କ ସମେତ ସମସ୍ତ କାର୍ଯ୍ୟକର୍ତ୍ତା ଓ ସଦସ୍ୟ ଦାୟିତ୍ୱ ସମ୍ପାଦନ କରିଥିଲେ।



## ତେଲକୋଇରେ ହିତାଧିକାରୀ ସମ୍ମିଳନୀ



**ତେଲକୋଇ,୨୦।୬/ଏନ୍‌ଏନ୍‌ଏସ୍:** 'ବିକାଶର ଧାରା, ଓଡ଼ିଶା ସାରା' ଦୁଇ ବର୍ଷ ପୂର୍ତ୍ତି ଅବସରରେ ତେଲକୋଇରେ ହିତାଧିକାରୀଙ୍କ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ବିଧାୟକ ପ୍ରତିନିଧି ପଦ୍ମଲୋଚନ ସାହୁ, ସମ୍ମାନିତ ଅତିଥିଭାବେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ପୂର୍ଣ୍ଣଚନ୍ଦ୍ର ନାଏକ, ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ବିଶ୍ୱନାଥ ମଲ୍ଲିକ, ବ୍ଲକ୍ ଯୋଗାଣ ଅଧିକାରୀ ପିଣ୍ଟୁ ବେହେରା, ତେଲକୋଇ ପଞ୍ଚାୟତ ନିର୍ବାହୀ ଅଧିକାରୀ ବ୍ରହ୍ମାନନ୍ଦ ବାରିକ ଓ ନାଏବ ସରପଞ୍ଚ ଅନ୍ତର୍ଯ୍ୟାମୀ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଅନ୍ନ ଯୋଜନା ଓ ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନାରେ ଆଉ ୫ କିଲୋ ନୁହେଁ, ଅପ୍ରେଲ୍ ୨୦୨୭ରୁ ମୁଣ୍ଡପିଛା ୧୦ କିଲୋ ଚାଉଳ ସମ୍ପୂର୍ଣ୍ଣ ମାଗଣାରେ ସବୁ ହିତାଧିକାରୀ ପାଇବେ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଏହା ଡବଲ୍ ଇଞ୍ଜିନ୍ ସରକାରଙ୍କ ଅତିରିକ୍ତ ଖାଦ୍ୟ ସୁରକ୍ଷା ଗ୍ୟାରେଣ୍ଟି ବୋଲି ଅତିଥିମାନେ ପ୍ରକାଶ କରିଥିଲେ। ଏହି କାର୍ଯ୍ୟକ୍ରମରେ ପଞ୍ଚାୟତରୁ ୨୦୦ରୁ ଉର୍ଦ୍ଧ୍ୱ ହିତାଧିକାରୀଙ୍କୁ ଅତିଥିମାନେ ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନାର କାର୍ଡ ବାଣ୍ଟିଥିଲେ। ଏହି କାର୍ଯ୍ୟକ୍ରମକୁ ବ୍ଲକ୍‌ର କିଶୋର ଚନ୍ଦ୍ର ଦାସ ଓ କିଶୋର କଟେଇ ପରିଚାଳନା କରିଥିଲେ। ଏଥିରେ ତେଲକୋଇ ପଞ୍ଚାୟତର ବହୁ ହିତାଧିକାରୀ ସାମିଲ୍ ହୋଇଥିଲେ।

# ଭାଲୁ ମୃତ୍ୟୁ ଅଭିଯୋଗରେ ୫ ଗିରଫ



**ମାଲକାନଗିରି, ୨୦।୬/ଏନ୍‌ଏନ୍‌ଏସ୍:** ମାଲକାନଗିରି ଜିଲ୍ଲା ମାଥିଲି ବନାଞ୍ଚଳ ଅଧୀନସ୍ଥ ଦଇଗୁଡ଼ା ଗ୍ରାମ ନିକଟ କାଲିଆଗୁଡ଼ା ରାସ୍ତା ଉପରେ ଏକ ଭାଲୁ ଆହତ ଅବସ୍ଥାରେ ପଡ଼ିଥିବା ଖବରପାଇ ମାଲକାନଗିରି ରାପିଡ୍ ରେସପନ୍ସ ଟିମ୍ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ତାକୁ ଉଦ୍ଧାର କରିଥିଲା। ପରବର୍ତ୍ତୀ ସମୟରେ ଭାଲୁକୁ ଚିକିତ୍ସା ନିମନ୍ତେ ମାଥିଲି ବନାଞ୍ଚଳ କାର୍ଯ୍ୟାଳୟ ପରିସରକୁ ଅଣାଯାଇଥିଲା। ପ୍ରାଥମିକ ଚିକିତ୍ସା ପରେ ମାଥିଲି ପ୍ରାଣୀ ସମ୍ପଦ ଡାକ୍ତରଙ୍କ ଚିକିତ୍ସା ସହ ତାଙ୍କ ତତ୍ତ୍ୱାବଧାନରେ ତାକୁ ନିରୀକ୍ଷଣରେ ରଖାଯାଇଥିଲା। ତେବେ ଭାଲୁଟି ଅତ୍ୟଧିକ ଗୁରୁତର ଭାବେ ଆହତ ହୋଇଥିବାରୁ ଚିକିତ୍ସାଧୀନ ଅବସ୍ଥାରେ ମାଥିଲି ବନାଞ୍ଚଳ କାର୍ଯ୍ୟାଳୟରେ ମୃତ୍ୟୁବରଣ କରିଥିଲା। ତଦନ୍ତରୁ ଜଣାପଡ଼ିଥିଲା ଯେ ଭାଲୁଟି ରାସ୍ତା ଅତିକ୍ରମ କରୁଥିବା ସମୟରେ କିଛି ଲୋକ ତାକୁ ଲାଠି, ଶାବଳ ଓ ପଥରରେ ଆକ୍ରମଣ କରି ଗୁରୁତର ଭାବେ ଆହତ କରିଥିଲେ। ଏହା ବନ୍ୟଜନ୍ତୁ (ସୁରକ୍ଷା) ଆଇନ, ୧୯୭୨ ଅନୁଯାୟୀ ଏକ ଗୁରୁତର ଅପରାଧ ହୋଇଥିବାବେଳେ ଘଟଣା ସମ୍ପର୍କିତ ବିଭିନ୍ନ ଭିଡିଓ ଓ ଅନ୍ୟାନ୍ୟ ପ୍ରମାଣ ସଂଗ୍ରହ କରି ବନ ବିଭାଗ ପକ୍ଷରୁ ତଦନ୍ତ କରାଯାଇଥିଲା। ପରେ ମାଲକାନଗିରି ପୁଲିସ୍ ସହଯୋଗରେ ଘଟଣାରେ ସମ୍ପୃକ୍ତ ୫ ଜଣଙ୍କୁ ଚିହ୍ନଟ କରି ଗିରଫ କରାଯାଇଥିଲା। ଗିରଫ ଅଭିଯୁକ୍ତମାନେ ହେଲେ ଦଳପତିଗୁଡ଼ା ଗ୍ରାମର ଗୋବିନ୍ଦ ଗଉଡ଼ (୨୨), ସିରାଗୁଡ଼ା ଗ୍ରାମର ମଣ୍ଟୁ ନାୟକ (୧୯), ଦଳପତିଗୁଡ଼ା ଗ୍ରାମର ଧନୁର୍ଜୟ ଗଉଡ଼ (୩୨), ଦଳପତିଗୁଡ଼ା ଗ୍ରାମର ବସନ୍ତ ଖିଲ (୧୮) ଓ ଡାଇଗୁଡ଼ା ଗ୍ରାମର ବିଷ୍ଣୁ ମାଝୀ (୨୨)। ଏହି ପରିପ୍ରେକ୍ଷୀରେ ମାଲକାନଗିରି ବନଖଣ୍ଡ ଅଧିକାରୀ ସାଇ କିରଣ ଗଣମାଧ୍ୟମ ଜରିଆରେ ସାଧାରଣ ଜନତାଙ୍କୁ ଅନୁରୋଧ କରିଛନ୍ତି ଯେ ବନ୍ୟଜନ୍ତୁ ଦେଖିଲେ ସେମାନଙ୍କୁ ବିରକ୍ତ କିମ୍ବା ଆକ୍ରମଣ ନକରି ତୁରନ୍ତ ବନ ବିଭାଗ କିମ୍ବା ନିକଟସ୍ଥ ପୁଲିସ୍‌କୁ ସୂଚନା ଦିଅନ୍ତୁ। ବନ୍ୟଜନ୍ତୁ ସଂରକ୍ଷଣ ଓ ସୁରକ୍ଷା ସହାବସ୍ଥାନ ପାଇଁ ସମସ୍ତଙ୍କ ସହଯୋଗ ଏକାନ୍ତ ଆବଶ୍ୟକ ବୋଲି ଡିଏଫ୍‌ଓ କହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ସହକାରୀ ବନ ସଂରକ୍ଷକ ମୁନସୁନ୍ ଖେମୁଣ୍ଡୁ, ପ୍ରିୟଙ୍କା ମହୁକା ଓ ମାଲକାନଗିରି ରେଞ୍ଜର୍ ରମେଶ ଚନ୍ଦ୍ର ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

● ସ୍ୱେଚ୍ଛାସେବୀଙ୍କୁ ଆକ୍ରମଣ ଘଟଣା

# ଦୋଷୀଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ନିଆଯିବ



**ରାୟଗଡ଼ା, ୨୦।୬/ଏନ୍‌ଏନ୍‌ଏସ୍:** ରାୟଗଡ଼ା ଜିଲ୍ଲା କଲ୍ୟାଣସିଂହପୁର ବ୍ଲକ୍‌ରେ ପିଲା ଚୋରି ସନ୍ଦେହରେ ଦୁଇ ଜଣ ସ୍ୱେଚ୍ଛାସେବୀଙ୍କ ଉପରେ ହୋଇଥିବା ଆକ୍ରମଣ ଘଟଣାକୁ ନେଇ ଜିଲ୍ଲା ଏସ୍‌ପି ରାଜ ପ୍ରସାଦ ସାମ୍ବାଦିକ ସମ୍ମିଳନୀ କରିଛନ୍ତି। ଏହି ଅବସରରେ ସେ କହିଛନ୍ତି ଯେ ମାମଲାକୁ ପୁଲିସ୍ ବିଭାଗ ଗୁରୁତର ସହ ନେଇଛି। ବର୍ତ୍ତମାନ ସୁଦ୍ଧା ମୁଖ୍ୟ ଅଭିଯୁକ୍ତ ସହ ୨୦ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଛି। ତଦନ୍ତ ଜାରି ରହିଥିବାବେଳେ ଦକ୍ଷିଣ ପଶ୍ଚିମାଞ୍ଚଳ ଡିଆଇଜି ଅଖିଳେଶ୍ୱର ସିଂଙ୍କ ତତ୍ତ୍ୱାବଧାନରେରେ ସେ ନିଜେ ଘଟଣାର ତଦାରଖ କରୁଥିବା ପ୍ରକାଶ କରିଛନ୍ତି। ଏସ୍‌ପି ଆହୁରି କହିଛନ୍ତି ଯେ ବର୍ତ୍ତମାନ ଏହି ମାମଲାର ତଦନ୍ତରେ କ୍ରାଇମବ୍ରାଞ୍ଚ ପୂର୍ଣ୍ଣ ସହଯୋଗ କରୁଛି। ସେହିପରି ସାଇବର୍ ସେଲ୍‌ର ସହଯୋଗରେ ବିଭିନ୍ନ ଦିଗକୁ ନେଇ ତଦନ୍ତ ଜାରି ରହିଛି। ତଦନ୍ତ ଶେଷ ହେବା ପରେ ଦୋଷୀଙ୍କ ବିରୋଧରେ ଆଇନ ଅନୁଯାୟୀ କଡ଼ା ପଦକ୍ଷେପ ଗ୍ରହଣ କରାଯିବ ବୋଲି ଏସ୍‌ପି କହିଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ଏସ୍‌ପି ରାଜ ପ୍ରସାଦଙ୍କ ସହ ଏସ୍‌ଡିପିଓ ଗୌରହରି ସାହୁ ମଧ୍ୟ ଉପସ୍ଥିତ ଥିଲେ।

# ହରିଶଙ୍କର ସିଂଘାନିଆଙ୍କ ଜନ୍ମଦିନରେ ରକ୍ତଦାନ




**ରାୟଗଡ଼ା, ୨୦।୬/ଏନ୍‌ଏନ୍‌ଏସ୍:** ଜେକେ କାଗଜକଳର ପୂର୍ବତନ ଅଧ୍ୟକ୍ଷ ସ୍ୱର୍ଗତ ହରିଶଙ୍କର ସିଂଘାନିଆଙ୍କ ୯୩ତମ ଜନ୍ମଦିନ ଅବସରରେ ରାୟଗଡ଼ା ରକ୍ତ ଭଣ୍ଡାର ସହଯୋଗରେ ଏକ ରକ୍ତଦାନ ଶିବିର ଆୟୋଜିତ ହୋଇଯାଇଛି। ଏହି ଶିବିରକୁ ଜେକେ କାଗଜକଳର କାର୍ଯ୍ୟନିର୍ବାହୀ ଉପସଭାପତି (କାର୍ମିକ) ବିନୟ ଦ୍ୱିବେଦୀ ଉଦ୍‌ଘାଟନ କରିଥିଲେ। କଳର କର୍ମଚାରୀ ଓ ତାଙ୍କ ପରିବାର ସଦସ୍ୟମାନେ ରକ୍ତଦାନ କରିଥିବାବେଳେ ମୋଟ୍ ୧୬୬ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା। ଏଥିରେ ଉପସଭାପତି (ବାଣିଜ୍ୟ) ବିଶ୍ୱଜିତ ଦ୍ୱିବେଦୀ, ମହାପ୍ରବନ୍ଧକ (ମାନବ ସମ୍ବଳ ବିକାଶ) ସନ୍ଦୀପ ପାଣ୍ଡେ, ଜେକେ ଡିସ୍‌ପେନ୍ସାରିର ମୁଖ୍ୟ ଚିକିତ୍ସାଧିକାରୀ ଡା. କେ ଭି ଆର୍ ରାଓ ଓ ଡା. କେ ଶ୍ରୀକାନ୍ତ ଉପସ୍ଥିତ ଥିଲେ। ରାୟଗଡ଼ା ରକ୍ତ ଭଣ୍ଡାର ପକ୍ଷରୁ ଡା. ସୁଦୀପ୍ତ କୁମାର ରାମ, ଡା. କେ ନବୀନ, ସହାୟକ ଉମାକାନ୍ତ ମିଶ୍ର, ଜଗନ୍ ରାଜ ପଟ୍ଟନାୟକ ଓ ଉଷା ରାଣୀ ବେହୁରିଆ ଉପସ୍ଥିତ ଥିଲେ। ଏହାସହ ଜେକେ କାଗଜକଳର ଜନକଲ୍ୟାଣ ବିଭାଗର ଉପମହାପ୍ରବନ୍ଧକ ରଞ୍ଜିତ କୁମାର ଦାସ, ସହ ପ୍ରବନ୍ଧକ ଶିବପ୍ରସାଦ ରଥ ଓ ସିନିୟର୍ ଅଫିସର୍ ଶିବଙ୍କର ପଣ୍ଡା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଜିଲ୍ଲା ସରପଞ୍ଚ ମହାସଂଘ ପକ୍ଷରୁ ଦାବିପତ୍ର



**ରାୟଗଡ଼ା, ୨୦।୬/ଏନ୍‌ଏନ୍‌ଏସ୍:** କେନ୍ଦ୍ରାପଡ଼ା ଜିଲ୍ଲା ମହାକାଳପଡ଼ା ଅନ୍ତର୍ଗତ ତିଖିରି ସରପଞ୍ଚ ଚାମେଲି ଓଝାଙ୍କ ପ୍ରତି ଘଟିଥିବା ଅମାନୁଷିକ ବ୍ୟବହାରକୁ ନେଇ ଜିଲ୍ଲା ସରପଞ୍ଚ ମହାସଂଘ ପକ୍ଷରୁ ଜିଲ୍ଲାପାଳଙ୍କ ଜରିଆରେ ରାଜ୍ୟପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ସଂଘ ଅଭିଯୋଗ କରିଛି ଯେ ଚାମେଲି ଗତ ଜୁନ୍ ୧୧ରେ ଉନ୍ନୟନ କାର୍ଯ୍ୟ ସମ୍ପର୍କରେ ଆଲୋଚନା ପାଇଁ ବିଡିଓ କାର୍ଯ୍ୟାଳୟକୁ ଯାଇଥିବାବେଳେ ଅଧିକାରୀ ଓ କିଛି ବ୍ୟକ୍ତି ତାଙ୍କୁ ଅସଦାଚରଣ କରିଥିଲେ। ପରେ ପୁଲିସ୍ ତାଙ୍କୁ ଜୋର୍ କରି ଥାନାକୁ ନେଇ ଶାରୀରିକ ନିର୍ଯ୍ୟାତନା ଦେବା ସହ ମିଥ୍ୟା ମାମଲାରେ ଗିରଫ କରି କୋର୍ଟଚାଲାଣ କରିଥିବା ଅଭିଯୋଗ ହୋଇଛି। ବର୍ତ୍ତମାନ ସେ ଚିକିତ୍ସାଧୀନ ଅଛନ୍ତି। ତେବେ ଉକ୍ତ ଘଟଣାର ନ୍ୟାୟିକ ତଦନ୍ତ, ସିସିଟିଭି ଫୁଟେଜ୍ ସାର୍ବଜନୀନ କରାଇବା, ସମ୍ପୃକ୍ତ ଅଧିକାରୀଙ୍କୁ ନିଲମ୍ବନ ଓ ମାମଲା ପ୍ରତ୍ୟାହାର ନେଇ ସଂଘ ପକ୍ଷରୁ ଦାବି କରାଯାଇଛି। ସେହିପରି ଜନପ୍ରତିନିଧିଙ୍କ ପ୍ରତି ହେଉଥିବା ଅନ୍ୟାୟ ଓ ନିର୍ଯ୍ୟାତନାରେ ଅଙ୍କୁଶ ଲଗାଇବାକୁ ମଧ୍ୟ ଦାବି କରାଯାଇଛି।

# ଜଳ ପାଇଁ ନଙ୍ଗଲବେଡ଼ାବାସୀଙ୍କ ରାସ୍ତାରୋକ୍



**ଲାଞ୍ଜିଗଡ଼, ୨୦।୬/ଏନ୍‌ଏନ୍‌ଏସ୍:** ଲାଞ୍ଜିଗଡ଼ ବ୍ଲକ୍ ଛତ୍ରପୁର ପଞ୍ଚାୟତ ଅନ୍ତର୍ଗତ ନଙ୍ଗଲବେଡ଼ା ଗ୍ରାମରେ ପାନୀୟଜଳ ସଙ୍କଟ ଦେଖାଦେଇଛି। ଫଳରେ ଶତାଧିକ ମହିଳା ଓ ପୁରୁଷ ଏକତ୍ରିତ ହୋଇ ଶନିବାର ସକାଳ ୭ଟାରୁ ବିଶ୍ୱନାଥପୁରରୁ ଲାଞ୍ଜିଗଡ଼କୁ ସଂଯୋଗ କରୁଥିବା ମୁଖ୍ୟରାସ୍ତା ଉପରେ ହାଣ୍ଡି, ଗରା ଓ ବାଲ୍‌ଟି ରଖି ପ୍ରତିବାଦ

## ପ୍ରତିଶ୍ରୁତି ପରେ ହଟିଲା ଅବରୋଧ

କରିଥିଲେ। ଏଥିଯୋଗୁ ରାସ୍ତାର ଦୁଇ ପାର୍ଶ୍ୱରେ ଶହ ଶହ ଗାଡ଼ି ଅଟକି ରହିଥିବାବେଳେ ଲୋକେ ନାହିଁନଥିବା ଅସୁବିଧାର ସମ୍ମୁଖୀନ ହୋଇଥିଲେ। ପ୍ରକାଶଥାଉକି ନଙ୍ଗଲବେଡ଼ା ଗାଁରେ ବସୁଧା ଜଳଯୋଗାଣ ପାଇଁ ଟାଙ୍କି ନିର୍ମାଣ ହୋଇଛି। କିନ୍ତୁ ନିମ୍ନମାନର କାର୍ଯ୍ୟ ଯୋଗୁ ବିଭିନ୍ନ ଜାଗାରେ ପାଇପ୍ ଲିକେଜ୍ ହୋଇଥିବାରୁ ଜଳଯୋଗାଣ ବନ୍ଦ ହୋଇଯାଇଛି। ନଙ୍ଗଲବେଡ଼ା ଗ୍ରାମର ୧୪ଟି ପଡ଼ା ରହିଥିବାବେଳେ ୩ ଶହ ପରିବାରର ପ୍ରାୟ ୧ ହଜାରରୁ ଊର୍ଦ୍ଧ୍ୱ ଲୋକ ବାସ କରନ୍ତି। ସେମାନଙ୍କ ପାଇଁ ନିର୍ଦ୍ଦିଷ୍ଟ ଭାବେ ନଳକୂପ ବ୍ୟବସ୍ଥା ଥିଲେ ମଧ୍ୟ ଜଳ ସଙ୍କଟ ଦେଖାଦେଇଛି। ଏହି ସମସ୍ୟାକୁ ନେଇ ନଙ୍ଗଲବେଡ଼ାବାସୀ ପଞ୍ଚାୟତରୁ ଆରମ୍ଭ କରି ବ୍ଲକ୍ ପର୍ଯ୍ୟନ୍ତ ବାରମ୍ବାର ଅଭିଯୋଗ କରିବା ସତ୍ତ୍ୱେ କେହି ଶୁଣିନଥିଲେ। ଶେଷରେ ବ୍ଲକ୍ କାର୍ଯ୍ୟାଳୟକୁ ଯାଇ ବିଡିଓଙ୍କୁ ଏକ ଲିଖିତ ଅଭିଯୋଗ କରିଥିଲେ ବୋଲି ଗ୍ରାମବାସୀ ଜଣାଇଛନ୍ତି। ଏମିତି ବାରମ୍ବାର ଅଭିଯୋଗ ପରେ ବି ସମସ୍ୟାର କୌଣସି ପ୍ରକାର ସମାଧାନ ନହେବାରୁ ବାଧହୋଇ ବହୁ ସଂଖ୍ୟାରେ ଗ୍ରାମବାସୀ ଏକତ୍ରିତ ହୋଇ ବିଶ୍ୱନାଥପୁରରୁ ଲାଞ୍ଜିଗଡ଼କୁ ସଂଯୋଗ କରୁଥିବା ମୁଖ୍ୟରାସ୍ତାରେ ହାଣ୍ଡି, ଗରା ଓ ବାଲ୍‌ଟି ରଖି ରାସ୍ତାରୋକ କରିଥିବା ଦେଖିବାକୁ ମିଳିଛି। ଲାଞ୍ଜିଗଡ଼ ଥାନାଧିକାରୀ ଯଶବନ୍ତ ହିଆଲଙ୍କ ନେତୃତ୍ୱରେ ଏଏସ୍‌ଆଇ ମୋହନ ପରିଜା ପୁଲିସ୍ ବଳ ସହିତ ଘଟଣାସ୍ଥଳରେ ପହଞ୍ଚିଥିଲେ। ଖବରପାଇ ଜଳଯୋଗାଣ ଯନ୍ତ୍ରୀ ଦଶମନ୍ତ ମାଝୀ ଘଟଣାସ୍ଥଳରେ ପହଞ୍ଚି ସୋମବାରରୁ ବସୁଧା ପାଇପ୍ ଗୁଡ଼ିକୁ ଯାଞ୍ଚ କରି ମରାମତି କାର୍ଯ୍ୟ ଆରମ୍ଭ କରାଯିବ ବୋଲି ପ୍ରତିଶ୍ରୁତି ଦେଲା ପରେ ରାସ୍ତା ଅବରୋଧ ହଟିଲା।

# ସାପ କାମୁଡ଼ାରେ ମହିଳା ମୃତ



**ରେଢ଼ାଖୋଲ, ୨୦।୬/ଏନ୍‌ଏନ୍‌ଏସ୍:** ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ବ୍ଲକ୍ ଅନ୍ତର୍ଗତ ବଡ଼ମାଳ ଗ୍ରାମରେ ସାପ କାମୁଡ଼ାରେ ଜଣେ ମହିଳାଙ୍କ ମୃତ୍ୟୁ ହୋଇଥିବା ଜଣାଯାଇଛି। ମୃତ ମହିଳା ଜଣଙ୍କ ହେଲେ ବଡ଼ମାଳ ଗ୍ରାମର ସସ୍ମିତା ଜଗତ (୩୦)। ଗୁରୁବାର ରାତିରେ ସସ୍ମିତା ବାହାରକୁ ଶୌଚ ପାଇଁ ଯାଇଥିବାବେଳେ କୌଣସି ବିଷାକ୍ତ ସାପ ତାଙ୍କୁ କାମୁଡ଼ି ଦେଇଥିଲା। ପରିବାର ଲୋକେ ତାଙ୍କୁ ଗୁରୁତର ଅବସ୍ଥାରେ ରେଢ଼ାଖୋଲ ଉପଖଣ୍ଡ ଡାକ୍ତରଖାନାକୁ ଆମ୍ବୁଲାନ୍ସ ଯୋଗେ ଆଣୁଥିବାବେଳେ ରାସ୍ତାରେ ମୃତ୍ୟୁ ହୋଇଥିବା ପ୍ରକାଶ କରିଛନ୍ତି। ମହିଳାଙ୍କ ମୃତଦେହକୁ ଉପଖଣ୍ଡ ଡାକ୍ତରଖାନାରେ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ମୃତକଙ୍କ ପରିବାର ଲୋକେ ଅତ୍ୟନ୍ତ ଗରିବ ଶ୍ରେଣୀର ହୋଇଥିବାରୁ ଆର୍ଥିକ ସହାୟତା ଯୋଗାଇବାକୁ ଦାବି ହେଉଛି।

# ଶିଶୁ ଶ୍ରମିକ ନିରାକରଣ ସଚେତନତା ପଦଯାତ୍ରା



**ନବରଙ୍ଗପୁର, ୨୦।୬/ଏନ୍‌ଏନ୍‌ଏସ୍:** ଶ୍ରମ ନୁହେଁ ଶିକ୍ଷା ଚାହୁଁ, ଶିଶୁ ଶ୍ରମମୁକ୍ତ ନବରଙ୍ଗପୁର ଗଢ଼ିବା ଆମ ଦାୟିତ୍ୱ, ଶିଶୁଙ୍କ ହାତରେ ବହି ଦିଅ ଶ୍ରମର ବୋଝ କେବେ ନଦିଅ। ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକ୍ରମେ ଏହି ସ୍ଲୋଗାନ୍ ଦେଇ ଜିଲ୍ଲା ଶ୍ରମ ବିଭାଗ ପକ୍ଷରୁ ସଚେତନତା ରଥ ଜିଲ୍ଲାପାଳ ଡ଼ଃ ମହେଶ୍ୱର ସ୍ୱାଇଁ ପତାକା ଦେଖାଇ ଆରମ୍ଭ କରିଛନ୍ତି। ଏହାସହ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରୁ ଆମ୍ବେଦକର ଛକ ପର୍ଯ୍ୟନ୍ତ ଏକ ରାଲି କରି ଲୋକଙ୍କୁ ସଚେତନ କରାଯାଇଛି। ଏହି ଅବସରରେ ୧୪ ବର୍ଷରୁ କମ୍ ବୟସର ଶିଶୁଙ୍କୁ କୌଣସି କାମରେ ନିୟୋଜିତ କରିବା ଦଣ୍ଡନୀୟ ଅପରାଧ ବୋଲି କୁହାଯାଇଛି। ଶିଶୁଙ୍କୁ ଯେଉଁମାନେ କାର୍ଯ୍ୟରେ ନିୟୋଜିତ କରିବେ ସେମାନଙ୍କୁ ୫୦ ହଜାର ଟଙ୍କା ଜରିମାନା ସହ ୨ ବର୍ଷର ଜେଲ୍‌ଦଣ୍ଡ ଦେବାର ବ୍ୟବସ୍ଥା ରହିଛି ବୋଲି ଶ୍ରମ ଅଧିକାରୀ ବିଶେଶ୍ୱର ଟୁଡୁ କହିଛନ୍ତି। ଯେଉଁଠି ୧୪ ବର୍ଷରୁ କମ୍ ବୟସର ଶିଶୁଙ୍କ ଦ୍ୱାରା କାର୍ଯ୍ୟ କରାଯାଉଛି କିମ୍ବା ୧୫ରୁ ୧୮ ବର୍ଷର କିଶୋରଙ୍କୁ କୌଣସି ବିପଦମୂଳକ କାର୍ଯ୍ୟରେ ଲଗାଯାଇଥାଏ ତେବେ ବିଭାଗକୁ ଖବର ଦେବାକୁ ସଚେତନତା କରାଯାଇଛି। ଆଗାମୀ ଦିନରେ ହୋଟେଲ୍ ଓ ଇଟାଭାଟି ଭଳି ସ୍ଥାନରେ ଚଢ଼ଉ କରାଯିବା ସହ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଶ୍ରମ ଅଧିକାରୀ କହିଛନ୍ତି।

# 'ବିକାଶର ଧାରା, ଓଡ଼ିଶା ସାରା' କାର୍ଯ୍ୟକ୍ରମ



**ମ.ରାମପୁର, ୨୦।୬/ଏନ୍‌ଏନ୍‌ଏସ୍:** ରାଜ୍ୟ ସରକାରଙ୍କ ୨ ବର୍ଷ ପୂର୍ତ୍ତି ଅବସରରେ 'ବିକାଶର ଧାରା, ଓଡ଼ିଶା ସାରା' କାର୍ଯ୍ୟକ୍ରମ ମ.ରାମପୁର ପଞ୍ଚାୟତ ସମିତି ପକ୍ଷରୁ ଅନୁଷ୍ଠିତ ହୋଇଯାଇଛି। ବିଡିଓ ଶରତ କୁମାର ସେଠୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବ୍ଲକ୍ ଅଧ୍ୟକ୍ଷା ମନ୍ଦାକିନୀ ସିଂହଦେଓ, ମୁଖ୍ୟବକ୍ତା ଭାବେ ସାଂସଦ ପ୍ରତିନିଧି ପଦ୍ମଲୋଚନ ମିଶ୍ର, ସମ୍ମାନିତ ଅତିଥିଭାବେ ତହସିଲଦାର୍ ମୀମାଂସା ସାହୁ, ସମିତିସଭ୍ୟ ଗୋକୁଳାନନ୍ଦ ବିଶ୍ୱାଳ ଓ ଯାଜ୍ଞସେନ ପଣ୍ଡା, ସଂଯୋଜକ ବିଜୟ ମହାଖୁଡ଼ ଯୋଗ ଦେଇଥିଲେ। ସାମ୍ବାଦିକ ହେମନ୍ତ ସାହୁ ସଭା ପରିଚାଳନା କରିଥିଲେ। ଏହି ଅବସରରେ ବିଭିନ୍ନ ଯୋଜନାର ହିତାଧିକାରୀଙ୍କୁ ଭତ୍ତା, ଅନ୍ତୋଦୟ ଗୃହର କାର୍ଯ୍ୟାଦେଶ, ଅଙ୍ଗନବାଡ଼ି କର୍ମୀଙ୍କୁ ସ୍ମାର୍ଟଫୋନ୍, ଶ୍ରମିକ କାର୍ଡ ଓ ବସୁନ୍ଧରା ଯୋଜନାରେ ପଟ୍ଟା ଆଦି ବଣ୍ଟା ଯାଇଥିଲା। ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଶ୍ୟାମ ସୁନ୍ଦର ନାଏକ, ଜିପିଡିଓ ରାଶି ମାଝୀ ଓ ପ୍ରଗତି ସହାୟକ କୁଳମଣି ସିଂହ ରାୟ ସମସ୍ତ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଏହି କାର୍ଯ୍ୟକ୍ରମରେ ମ. ରାମପୁର ପଞ୍ଚାୟତ ସମିତିର ସମସ୍ତ ପଞ୍ଚାୟତରୁ ଜନପ୍ରତିନିଧି ଓ ଜନସାଧାରଣ ଯୋଗ ଦେଇଥିଲେ। ଏବିଡିଓ ଲକ୍ଷ୍ମଣ ପ୍ରଧାନ ଧନ୍ୟବାଦ ଦେଇଥିଲେ।

● ଡିଜେ ସାଉଣ୍ଡରେ ମହିଳା ମୃତ ●

# କ୍ଷତିପୂରଣ ଦାବିରେ ରାସ୍ତାରୋକ



**ପାଟଣାଗଡ଼, ୨୦।୬/ଏନ୍‌ଏନ୍‌ଏସ୍:** ପାଟଣାଗଡ଼ ଏନ୍‌ଏସି ୱାର୍ଡ ନଂ ୮ରେ ଡିଜେ ସାଉଣ୍ଡରେ ଜଣେ ମହିଳାଙ୍କ ମୃତ୍ୟୁ ହୋଇଛି। ମୃତକ ଜଣକ ହେଲେ ଲୋଚନ ବାହୁକ (୫୦)। ଶୁକ୍ରବାର ସେହି ପଡ଼ାରେ ଜଣଙ୍କ ବାହାଘର ଥିବାବେଳେ ଲୋଚନଙ୍କ ଦେହ ଅସୁସ୍ଥ ଥିବାରୁ ଘର ସମ୍ମୁଖରେ ଡିଜେ ବଜାଇବାକୁ ମନା କରିଥିଲେ ମଧ୍ୟ ଡିଜେ ବାଲା ମାନିନଥିଲା। ପରେ ଲୋଚନ ଅଚେତ ହେବାରୁ ପରିବାର ଲୋକେ ପାଟଣାଗଡ଼ ମେଡିକାଲ୍‌କୁ ନେଇଥିଲେ। ସେଠାରେ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ବଲାଙ୍ଗୀର ମୁଖ୍ୟ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲେ ହେଁ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏହି ଘଟଣାକୁ ନେଇ ପରିବାର ଲୋକ ଓ ପଡ଼ାବାସୀ ସମ୍ପୂର୍ଣ୍ଣ ପାଟଣାଗଡ଼ରେ ଡିଜେ ବନ୍ଦ କରିବା ଓ ମୃତକଙ୍କ ପରିବାରକୁ ଆର୍ଥିକ ସହାୟତା ଦାବି ନେଇ ଶନିବାର ସକାଳେ ପଡ଼ାର କାଉନସିଲର୍ ସୁରେନ୍ଦ୍ର ଶାଙ୍କ ନେତୃତ୍ୱରେ ଶହ ଶହ ମହିଳା ଓ ପୁରୁଷ ପାଟଣାଗଡ଼-କଣ୍ଟାବାଞ୍ଜି ମୁଖ୍ୟରାସ୍ତା ଅବରୋଧ କରିଥିଲେ। ଫଳରେ ଉକ୍ତ ରାସ୍ତାରେ ଯାନବାହନ ଚଳାଚଳ ବାଧାପ୍ରାପ୍ତ ହୋଇଥିଲା। ଖବରପାଇ ଘଟଣାସ୍ଥଳରେ ପାଟଣାଗଡ଼ ପୁଲିସ୍ ପହଞ୍ଚି ରାସ୍ତାରୋକ କରିଥିବା ଲୋକଙ୍କୁ ବୁଝାସୁଝା କରିଥିଲେ। ପ୍ରଶାସନ ପକ୍ଷରୁ ରେଡକ୍ରସ୍ ପାଣ୍ଠିରୁ କିଛି ଆର୍ଥିକ ସହାୟତା ପ୍ରଦାନ ପରେ ରାସ୍ତାରୋକ ହଟିଥିଲା।

OFFICE SUPERINTENDING ENGINEER 32001/425/2627
MINOR IRRIGATION DIVISION, KOTAK
Letter No. 3215 Dt. 18.06.2026
GOVERNMENT OF ODISHA, e-Procurement Notice
Bid Identification No. on line SECMID-09-2026-27
eemidcuttack@yahoo.co.in

1. Name of work :- Improvement of MIPs under Improvement to Diversion weir scheme in MI Sub-Division Baramba.
2. Total Number of work :- 01 (One) nos.
3. Estimated cost :- Rs. 59.96/- lakhs
4. Tender paper Cost(Online) :- Rs.10,000/-
5. Bid Security (Online) :- As per DTCN
6. Period of Completion :- As per DTCN
7. Availability of Bid Document :- From 23.06.2026, 10.00 AM to 04.07.2026, 5.00 PM in website (www.tendersorissa.gov.in)
8. Last date & Time of receipt :- 04.07.2026 at 5.00 PM through online Bid.
9. Date of opening of Technical Bid documents :- 06.07.2026- at 11.00 A.M in the office of the SE, M.I. Division, Cuttack.
10. Date of opening of Financial Bid Documents :- 09.07.2026 at 11.00 A.M in the office of the SE, M.I. Division, Cuttack.
11. Date of Lottery, if required :- 15.07.2026 at 12.00 Noon in the office of the SE, M.I. Division, Cuttack
12. Name and address of the OIT :- Superintending Engineer, M.I. Division, Cuttack. P.O :- Nayabazar, Cuttack. Phone :- 0671-2443622 PINCODE :- 753004

Further details can be seen from the Government of Odisha Web-Site www.tendersorissa.gov.in
Notes:- Corrigendum / Addendum / Modification / Additions if any, can be seen through On-line only.
Sd/- Superintending Engineer
M.I. Division, Cuttack
OIPR-32001/32121/1/26-27/0005

GOVERNMENT OF ODISHA 8001/159/2627
FOREST, ENVIRONMENT & CLIMATE CHANGE DEPARTMENT
OFFICE OF THE
DIVISIONAL FOREST OFFICER, MANGROVE FOREST DIVISION (WL), RAJNAGAR
AT/P.O: Rajnagar, Dist: Kendrapara-754225, Phone: 06729-242460,
Control Room: 06729-242463, E-mail ID: dfo.rajnagarwl@odisha.gov.in

Bid Identification No. DFO-Rajnagar- 01/1F/506/18.06.2026
Letter No. 3685 / Dated, Rajnagar the 18th June, 2026

SHORT NOTICE INVITING TENDER

The Divisional Forest Officer, Mangrove Forest Division (WL) Rajnagar invites Sealed Tender through offline, in Double Cover System in OFF LINE mode for Procurement of various fertilizers / insecticide for the Planting season 2026-27 from eligible Firms/ Vendors / Suppliers registered with the State Government , Central Government / M.E.S. / Co-operative Societies / SHG / VSS other Licensing Authorities for supply of the fertilizers/insecticides.

| Sl. No. | Name of the work | Procurement of different planting materials |
|---|---|---|
| 1 | Estimated Cost | Subject to availability of funds |
| 2 | Period of Completion | 7 days from the date of issue of the work order |
| 3 | Availability of Bid Documents | From 20.06.2026 to 30.06.2026 (on the portal) |
| 4 | Last Date/Time for Receipt of Bids | 30.06.2026 up to 5:00 PM |
| 5 | Date and Time of Bid Opening | 01.07.2026 at 11:00 AM |
| 6 | Officer Inviting Bid | Divisional Forest Officer, Mangrove Forest Division (WL), Rajnagar, At/P.O: Rajnagar, Dist: Kendrapara – 754225, Phone: 06729-242460 / Control Room: 06729-242463 , Email: dfo.rajnagarwl@odisha.gov.in |
| 7 | Tender Notice & Corrigendum | Available at https://wildlife.odisha.gov.in/tender or www.odishaforest.in or above address |

-Sd/- Divisional Forest Officer,
Mangrove Forest Division (Wildlife), Rajnagar.
OIPR-8001/8053/1/26-27/0003

GOVERNMENT OF ODISHA DEPARTMENT OF WATER RESOURCES
INVITATION OR BIDS (IFB)
OFFICE OF THE EXECUTIVE ENGINEER
BOUDH IRRIGATION DIVISION,BOUDH, Pin-762014
e-mail i.d—eebidboudh@gmail.com
32001/422/2627

"e"-procurement Notice No. -03/2026-27
Bid Identification No. EE BOD-03/2026-27

The **Executive Engineer, Boudh Irrigation Division, Boudh,** on behalf of Governor of Odisha invites online **Percentage rate** tenders in **Single cover system** to be received in online mode only for the works as detailed below. Bid documents consisting of work, estimated cost, cost of tender paper, EMD, time of completion, Class of contractor, the set of terms and conditions of contract and other necessary documents can be seen in e-procurement portal https://tendersodisha.gov.in.

| | | |
|---|---|---|
| 1 | Name of the work | River Protection Embankment Work |
| 2 | No of Works | 7Nos |
| 3 | Class of Contractor | "C" and "B" Class only (Odisha PWD or relevant class of other licensing Authority.) |
| 4 | Bid Identification No. | EEBOD-03/2026-27 |
| 5 | Estimated Cost | Varies Approximately from 25.21lakhs to 37.82 lakhs |
| 6 | Period of Completion | 6 (Six) Calendar Months. |
| 7 | Date & time of availability of bid documents in the Portal. | From 25.6.2026 (11.00 AM) to 14.7.2026 (05.30 P.M). |
| 8 | Last date/time for receipt of bids through online. | 14.7.2026 upto 05.30 P.M. |
| 9 | Date of Opening of Bid through online | 15.7.2026 (11.00 AM onwards in the Office of the undersigned.) |
| 10 | Name of the Officer inviting Bid | Executive Engineer, Boudh Irrigation Division, Boudh (Dist.-Boudh) |

Further details can be seen from the e-Procurement portal https://tendersodisha.gov.in. Any addendum/ corrigendum/ cancellation of tender can also be seen in said website.
Sd/- Executive Engineer
Boudh Irrigation Division, Boudh
OIPR-32001/32111/1/26-27/0003

## ପ୍ରଥମ ପୃଷ୍ଠାରୁ...

## 'ଦ୍ରୁତ ଗତିରେ...

ଭାବରେ ବିକଶିତ କରାଯିବ। ଏହା ପ୍ରତ୍ୟେକ ଘରେ ସୌର ବିଦ୍ୟୁତ ଶକ୍ତି ଉତ୍ପାଦନ ସୁନିଶ୍ଚିତ କରିବ। କୋଣାର୍କରେ ଥିବା ଓଡ଼ିଶାର ଭବ୍ୟ କୋଣାର୍କ ମନ୍ଦିର ଭଳି ପାହାଡପୁର ଦେଶ ପାଇଁ ଏକ ମଡେଲ ସୌରଚାଳିତ ଗ୍ରାମ ଭାବରେ ଉଭା ହେବ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ଓଡ଼ିଶା ସରକାରଙ୍କ ସଫଳତା ଉପରେ ଆଲୋକପାତ କରି ପ୍ରଧାନମନ୍ତ୍ରୀ କହିଥିଲେ, ରାଜ୍ୟ ବିଭିନ୍ନ କ୍ଷେତ୍ରରେ ଦ୍ରୁତ ପ୍ରଗତି ଦେଖୁଛି । ସେ ''ଭାରତର ବିକାଶ ପାଇଁ ପୂର୍ବ ଭାରତର ବିକାଶ'' ନିମନ୍ତେ କେନ୍ଦ୍ର ସରକାରଙ୍କ ଦୃଷ୍ଟିକୋଣକୁ ଦୋହରାଇଥିଲେ । 'ପୂର୍ବୋଦୟ' ନୀତି ପୂର୍ବ ରାଜ୍ୟଗୁଡ଼ିକର ଅପାର ସମ୍ଭାବନାକୁ ଉନ୍ମୁକ୍ତ କରୁଥିବା ସେ କହିଥିଲେ। ମୋଦୀ କହିଥିଲେ, କେନ୍ଦ୍ର ଏବଂ ରାଜ୍ୟ ସରକାର ରେଳ ଭିତ୍ତିଭୂମି, ରାଜପଥ, ଆର୍ଥିକ କରିଡର, ବନ୍ଦର, ଶକ୍ତି, ସେମିକଣ୍ଡକ୍ଟର, ସବୁଜ ଶକ୍ତି ଏବଂ ଆଧୁନିକ ଶିଳ୍ପରେ ରେକର୍ଡ ନିବେଶ ମାଧ୍ୟମରେ ଏହି ଶକ୍ତିଗୁଡ଼ିକୁ ପୂର୍ଣ୍ଣ ଉପଯୋଗ କରିବା ପାଇଁ ଏକାଠି କାମ କରୁଛନ୍ତି। ପ୍ରାୟ ୪୭,୦୦୦ କୋଟି ଟଙ୍କାର ରୂପାନ୍ତରକାରୀ ପ୍ରକଳ୍ପଗୁଡ଼ିକ ଓଡ଼ିଶାବାସୀଙ୍କ ପାଇଁ ଯୋଗାଯୋଗ, ସାର୍ବଜନୀନ ସେବା, ଆର୍ଥିକ ସୁଯୋଗ ଏବଂ ଜୀବନଧାରଣର ଗୁଣବତ୍ତାରେ ଉଲ୍ଲେଖନୀୟ ଉନ୍ନତି ଆଣିବ। ପୂର୍ବ ଭାରତରେ ଓଡ଼ିଶା ଅଭିବୃଦ୍ଧି ଏବଂ ସମୃଦ୍ଧିର ପ୍ରବେଶପଥ ଭାବରେ ଉଭା ହେଉଛି ଏବଂ ଏକ ବିକଶିତ ରାଷ୍ଟ୍ର ହେବା ଦିଗରେ ଭାରତର ଯାତ୍ରାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ବୋଲି ସେ କହିଥିଲେ। ପ୍ରଧାନମନ୍ତ୍ରୀ ଆହୁରି ଗୁରୁତ୍ୱାରୋପ କରି କହିଥିଲେ ଯେ ସରକାର ଓଡ଼ିଶାର ପ୍ରଚୁର ସମ୍ପଦକୁ ଅଭିବୃଦ୍ଧି ଏବଂ ସମୃଦ୍ଧିର ସୁଯୋଗରେ ପରିଣତ କରୁଛନ୍ତି। ସେ ଉତ୍କର୍ଷ ଓଡ଼ିଶା ଭଳି ପଦକ୍ଷେପ ଉପରେ ଆଲୋକପାତ କରିଥିଲେ, ଯାହାର ଲକ୍ଷ୍ୟ ହେଉଛି ରାଜ୍ୟବ୍ୟାପୀ ବୃହତ ନିବେଶ ଆକର୍ଷିତ କରିବା ଏବଂ ଶିଳ୍ପ ବିକାଶକୁ ପ୍ରୋତ୍ସାହିତ କରିବା। ଏହି ପଦକ୍ଷେପ ଅଧୀନରେ, ଓଡ଼ିଶା ପ୍ରାୟ ୨୦ ଲକ୍ଷ କୋଟି ଟଙ୍କାର ନିବେଶ ପ୍ରସ୍ତାବ ପାଇସାରିଛି । ୩.୫ ଲକ୍ଷ କୋଟିରୁ ଅଧିକ ମୂଲ୍ୟର ଅନେକ ବୃହତ ପ୍ରକଳ୍ପ ବର୍ତ୍ତମାନ କାର୍ଯ୍ୟକାରୀ ହେଉଛି। ରାଜ୍ୟର ସାମଗ୍ରିକ ବିକାଶ ଉପରେ ଧ୍ୟାନ ଦେଇ ଏକ ଶିଳ୍ପ ଅନୁକୂଳ ପରିବେଶ ସୃଷ୍ଟି କରିବା ପାଇଁ ନିରନ୍ତର ପ୍ରୟାସ କରାଯାଉଛି ବୋଲି ମୋଦୀ ଉଲ୍ଲେଖ କରିଥିଲେ। ଡବଲ-ଇଞ୍ଜିନ୍ ସରକାରଙ୍କ ସାମର୍ଥ୍ୟ ଉପରେ ଆଲୋକପାତ କରି ପ୍ରଧାନମନ୍ତ୍ରୀ ମୋଦୀ କହିଛନ୍ତି, ପ୍ରଶାସନକୁ ସିଧାସଳଖ ଲୋକଙ୍କ ପାଖକୁ ନିଆଯାଇଛି । ଏହା ଫଳରେ ନାଗରିକମାନଙ୍କୁ ସେମାନଙ୍କର ସମସ୍ୟାର ସମାଧାନ ପାଇଁ କାର୍ଯ୍ୟାଳୟରୁ କାର୍ଯ୍ୟାଳୟକୁ ଦୌଡ଼ିବାକୁ ପଡୁନାହିଁ ନାହିଁ। ଏହାଦ୍ୱାରା ଯୁବପିଢ଼ି, ମହିଳା, ଚାଷୀ ଏବଂ ସାଧାରଣ ନାଗରିକଙ୍କ ଆକାଂକ୍ଷା ପୂରଣ ହେଉଛି।

ମୋଦୀ ଓଡ଼ିଶା ସରକାରଙ୍କ ଅନେକ ପ୍ରମୁଖ କଲ୍ୟାଣକାରୀ ପଦକ୍ଷେପ ଉପରେ ଆଲୋକପାତ କରିଥିଲେ। ସେ କହିଥିଲେ, ଚାଷୀଙ୍କ ଠାରୁ କ୍ୱିଣ୍ଟାଲ ପିଛା ୩୧ ଶହ ଟଙ୍କାରେ ଧାନ କିଣାଯାଉଛି । ସୁଭଦ୍ରା ଯୋଜନା ଅଧୀନରେ ଏକ କୋଟିରୁ ଅଧିକ ମହିଳାଙ୍କୁ ଆର୍ଥିକ ସହାୟତା ମିଳିଛି। ସ୍ୱାସ୍ଥ୍ୟସେବା ସୁବିଧାକୁ ବିସ୍ତାର କରିବା ପାଇଁ ଆୟୁଷ୍ମାନ ଭାରତ କାର୍ଯ୍ୟକାରୀ କରାଯାଇଛି। ମାଧୋ ସିଂହ ହାତ ଖର୍ଚ୍ଚ ଯୋଜନା ମାଧ୍ୟମରେ ଆଦିବାସୀ ଛାତ୍ରଛାତ୍ରୀଙ୍କ ପାଇଁ ସହାୟତା ଦିଆଯାଉଛି। ଭକ୍ତଙ୍କ ଭାବନାକୁ ସମ୍ମାନ ଜଣାଇ ଶ୍ରୀ ଜଗନ୍ନାଥ ମନ୍ଦିରର ଚାରିଟି ଦ୍ୱାର ଖୋଲାଯାଇଛି। ''ସ୍ୱଚ୍ଛତା ମାଧ୍ୟମରେ ସ୍ୱାଗତ'' ପଦକ୍ଷେପକୁ ଅତ୍ୟନ୍ତ ପ୍ରଶଂସନୀୟ ବୋଲି ବର୍ଣ୍ଣନା କରି ପ୍ରଧାନମନ୍ତ୍ରୀ ସମଗ୍ର ଅଞ୍ଚଳରେ ଚାଲିଥିବା ସାମ୍ପ୍ରତିକ ସ୍ୱଚ୍ଛତା ଅଭିଯାନକୁ ମଧ୍ୟ ପ୍ରଶଂସା କରିଥିଲେ। ଆଦିବାସୀ କଲ୍ୟାଣ ବିଷୟରେ ମତ ରଖି ପ୍ରଧାନମନ୍ତ୍ରୀ ମୋଦୀ ଆଦିବାସୀ ଅଞ୍ଚଳ ସହିତ ତାଙ୍କର ଦୀର୍ଘ ସମ୍ପର୍କକୁ ମନେ ପକାଇଥିଲେ । ଆଦିବାସୀ ସମ୍ପ୍ରଦାୟରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ବର୍ଷ ବର୍ଷର ସେବାକୁ ସେ ପ୍ରଶଂସା କରିଥିଲେ। ସେ କହିଥିଲେ, ଆଦିବାସୀ ଅଞ୍ଚଳଗୁଡ଼ିକ ଐତିହାସିକ ଭାବରେ ମୌଳିକ ସେବା ଏବଂ ଭିତ୍ତିଭୂମିରୁ ବଞ୍ଚିତ ରହିଆସିଥିଲା। ତେଣୁ ଆଦିବାସୀ ବିକାଶକୁ ତାଙ୍କ ସରକାର ସର୍ବୋଚ୍ଚ ପ୍ରାଥମିକତା ଦେଇଥିଲା। ଧରତୀ ଆବା ଜନଜାତି ଗ୍ରାମ ଉତ୍କର୍ଷ ଅଭିଯାନ ଅଧୀନରେ ସ୍ୱାସ୍ଥ୍ୟ, ଶିକ୍ଷା, ରାସ୍ତା ଏବଂ ଗୃହ ନିର୍ମାଣ ସହିତ ଜଡିତ ବିଭାଗଗୁଡ଼ିକ ଆଦିବାସୀ ଗ୍ରାମଗୁଡ଼ିକରେ ଜୀବନଧାରଣର ସ୍ଥିତି ଉନ୍ନତ କରିବା ପାଇଁ ସମନ୍ୱୟରେ କାର୍ଯ୍ୟ କରୁଛନ୍ତି ବୋଲି ଶ୍ରୀ ମୋଦୀ ଗୁରୁତ୍ୱାରୋପ କରିଥିଲେ।

ଅନ୍ୟପକ୍ଷରେ ରାଷ୍ଟ୍ରପତି ନିଜ ଅଭିଭାଷଣରେ କହିଥିଲେ ଯେ ବିକାଶ ସେତେବେଳେ ଅର୍ଥପୂର୍ଣ୍ଣ ହୁଏ ଯେତେବେଳେ ଏହାର ଲାଭ ପ୍ରତ୍ୟେକ ଗାଁ, ପ୍ରତ୍ୟେକ ପରିବାର ଏବଂ ପ୍ରତ୍ୟେକ ନାଗରିକଙ୍କ ପାଖରେ ପହଞ୍ଚିବ। ଆଦିବାସୀ ଅଞ୍ଚଳ, ଦୁର୍ଗମ ଅଞ୍ଚଳ ଏବଂ ଆକାଂକ୍ଷୀ ଜିଲ୍ଲାଗୁଡ଼ିକରେ ମାନବ ବିକାଶ ସୂଚକାଙ୍କରେ ଉନ୍ନତି ଆଣିବା ଆମର ପ୍ରାଥମିକତା। ଆମେ ଏହି ଦିଗରେ ଉଲ୍ଲେଖନୀୟ ଅଗ୍ରଗତି ହାସଲ କରିଛୁ। ଆଜି ଉଦଘାଟିତ ଏବଂ ଶିଳାନ୍ୟାସ ହୋଇଥିବା ପ୍ରକଳ୍ପଗୁଡ଼ିକ ଏହି ଅଞ୍ଚଳ ଏବଂ ଓଡ଼ିଶା ରାଜ୍ୟ ପାଇଁ ବିକାଶର ଏକ ନୂତନ ଅଧ୍ୟାୟ ଆରମ୍ଭ କରିବ ବୋଲି ସେ ବିଶ୍ୱାସ ପ୍ରକଟ କରିଥିଲେ। ରାଷ୍ଟ୍ରପତି କହିଥିଲେ, ଯଦି କୌଣସି ସମାଜ ତାର ସଂସ୍କୃତିର ସ୍ୱତନ୍ତତାକୁ ଭୁଲିଯାଏ, ତେବେ ସେ ତାର ଅସ୍ତିତ୍ୱ ହରାଇବ। ଯେଉଁ ସମ୍ପ୍ରଦାୟ ଆଧୁନିକତାକୁ ଗ୍ରହଣ କରି ତାର ସାଂସ୍କୃତିକ ସ୍ୱତନ୍ତତାକୁ ବଜାୟ ରଖେ, ସେହି ସମ୍ପ୍ରଦାୟ ପ୍ରକୃତରେ ସମୃଦ୍ଧ ରହିଥାଏ। ଆଦିବାସୀ ସମ୍ପ୍ରଦାୟର ଭାଷା, ସାହିତ୍ୟ ଏବଂ ସଂସ୍କୃତିକୁ ସଂରକ୍ଷଣ କରିବା ପାଇଁ କେନ୍ଦ୍ର ଓ ରାଜ୍ୟ ସରକାର ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରୁଥିବାରୁ ସେ ଖୁସି ପ୍ରକାଶ କରିଥିଲେ। ଆଦିବାସୀ ସମ୍ପ୍ରଦାୟର ଗୌରବ ଏବଂ ମର୍ଯ୍ୟାଦା ବଜାୟ ରଖିବା ନିମନ୍ତେ ଅନେକ ପଦକ୍ଷେପ ଗ୍ରହଣ କରିବା ପାଇଁ ସେ ଭାରତ ସରକାରଙ୍କ ପ୍ରଶଂସା କରିଥିଲେ।

ଏହି ଅବସରରେ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ଓଡ଼ିଶା ସରକାରଙ୍କୁ ଦୁଇ ବର୍ଷ ପୂରଣ କରିବା ପାଇଁ ରାଷ୍ଟ୍ରପତି ଅଭିନନ୍ଦନ ଜଣାଇଥିଲେ। ସେ କହିଥିଲେ, ଗତ ଦୁଇ ବର୍ଷ ମଧ୍ୟରେ ଓଡ଼ିଶା ଶିଳ୍ପ କ୍ଷେତ୍ରରେ ଦ୍ରୁତ ପ୍ରଗତି ହାସଲ କରିଛି। ରାଜ୍ୟର ବନ୍ଦରଗୁଡ଼ିକର ଦ୍ରୁତ ବିକାଶ ହେଉଛି। କେନ୍ଦ୍ର ସରକାରଙ୍କ ସକ୍ରିୟ ସମର୍ଥନରେ, ଓଡ଼ିଶା ସରକାର ରେଳ, ସଡ଼କ ଏବଂ ଜଳପଥ ଭିତ୍ତିଭୂମି ବିକାଶ ପାଇଁ ବିଭିନ୍ନ ପଦକ୍ଷେପ ନେଉଛି। ସରକାର ମହିଳା ସଶକ୍ତିକରଣ ଉପରେ ବିଶେଷ ଗୁରୁତ୍ୱ ଦେଉଛନ୍ତି। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ମିଳିତ ପ୍ରୟାସ ଦ୍ୱାରା ଓଡ଼ିଶାର ଆଦିବାସୀ ସମ୍ପ୍ରଦାୟ ପାଇଁ କଲ୍ୟାଣ ତଥା ଉନ୍ନତିର ଏକ ନୂତନ ଯୁଗ ଆରମ୍ଭ ହୋଇଥିବା ଦେଖି ସେ ଖୁସି ପ୍ରକାଶ କରିଥିଲେ।

## 'ରାଜ୍ୟର କଲ୍ୟାଣ ...

ଭାବେ ଓଡିଶା ପାଇଁ ଏକ ଗୌରବମୟ ମୁହୂର୍ତ୍ତ। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ବହୁତ କମ୍ ଦିନ ମଧ୍ୟରେ, ଆମ ସରକାର ଅନେକ ଗୁଡ଼ିଏ କଲ୍ୟାଣକାରୀ ଯୋଜନା- ଯେପରିକି ମହିଳାମାନଙ୍କ ପାଇଁ ସୁଭଦ୍ରା ଯୋଜନା, ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା, ମୁଖ୍ୟମନ୍ତ୍ରୀ କନ୍ୟା ସୁମଙ୍ଗଳ ଯୋଜନା; ଚାଷୀ ମାନଙ୍କ ପାଇଁ କୃଷକ ସମୃଦ୍ଧି ଯୋଜନା, ସ୍କୁଲ ପିଲାମାନଙ୍କ ପାଇଁ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଯୋଜନା, ବରିଷ୍ଠ ନାଗରିକମାନଙ୍କ ପାଇଁ ଶ୍ରୀଜଗନ୍ନାଥ ଦର୍ଶନ ଯୋଜନା ଏବଂ ରାଜ୍ୟବାସୀଙ୍କ ପାଇଁ ଆୟୁଷ୍ମାନ ଯୋଜନା ଲାଗୁ କରିଛନ୍ତି। ଏବେ ଏବେ ଆମ ସରକାର ରାଜ୍ୟରେ କଏ ଠାରୁ ଚଏ ପର୍ଯ୍ୟନ୍ତ ଶିକ୍ଷାକୁ ମାଗଣା କରିବା ପାଇଁ ନିଷ୍ପତ୍ତି ଗ୍ରହଣ କରିଛନ୍ତି। ଏଭଳି ପଦକ୍ଷେପ ନେବାରେ ଓଡ଼ିଶା ବୋଧହୁଏ ଦେଶର ପ୍ରଥମ ରାଜ୍ୟ ଅଟେ। ସାମାଜିକ ଓ ଶିକ୍ଷାଗତ ସ୍ତରରେ ପଛୁଆ ବର୍ଗଙ୍କ ପାଇଁ ଅନେକ ଦଶନ୍ଧି ଧରି ଅଟକି ରହିଥିବା ସଂରକ୍ଷଣକୁ ଲାଗୁ କରାଯାଇଛି, ଯାହା ସାଧାରଣ ଶିକ୍ଷା ଠାରୁ ଆରମ୍ଭ କରି ମେଡିକାଲ ଓ ବୈଷୟିକ ଶିକ୍ଷାରେ ମଧ୍ୟ ଲାଗୁ ହୋଇଛି। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଆଉ ଏକ ଗୁରୁତ୍ୱପୂର୍ଣ୍ଣ ଦିଗ ଉପରେ ଆମେ ଗୁରୁତ୍ୱ ଦେଉଛୁ; ତାହା ହେଉଛି ଦେଶରେ ଶିଳ୍ପର ବିକାଶ। ଗତବର୍ଷ ଆପଣଙ୍କ କରକମଳରେ 'ଉତ୍କର୍ଷ ଓଡ଼ିଶା-ମେକ୍ ଇନ୍ ଓଡ଼ିଶା' ସମ୍ମିଳନୀରୁ ଆରମ୍ଭ ହୋଇଥିବା ଦ୍ୱିତୀୟ ଶିଳ୍ପ ବିପ୍ଳବ ଏବେ ଚରମ ସୀମାରେ ପହଞ୍ଚିଛି। ଏହି ସବୁ କାର୍ଯ୍ୟକ୍ରମ ୨୦୩୬ ସୁଦ୍ଧା ସମୃଦ୍ଧ ଓଡ଼ିଶା ଏବଂ ୨୦୪୭ ସୁଦ୍ଧା ବିକଶିତ ଭାରତ ଗଠନରେ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ରଖିବ। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଯେତେବେଳେ ଆମର ସମାଲୋଚକମାନେ ପଚାରନ୍ତି ଯେ, ଡବଲ୍ ଇଞ୍ଜିନ୍ ସରକାରଙ୍କ ଠାରୁ ଓଡ଼ିଶାକୁ କଣ ମିଳିଛି, ସେତେବେଳେ ମୁଁ ଜବାବ ଦିଏ ଯେ, ୯୦ ହଜାର କୋଟି ଟଙ୍କାର ରେଳ ପ୍ରକଳ୍ପ, ୪୦ ହଜାର କୋଟି ଟଙ୍କାର ସଡ଼କ ପ୍ରକଳ୍ପ, ଆମକୁ ଏହି ଡବଲ୍ ଇଞ୍ଜିନ୍ ସରକାରଙ୍କ ସମୟରେ ହିଁ ମିଳିଛି। ୨୫ ହଜାର କୋଟି ଟଙ୍କାର ବନ୍ଦର ପ୍ରକଳ୍ପ, ଆଉ ୨୫ ହଜାର କୋଟି ଟଙ୍କାର ଜାହାଜ ନିର୍ମାଣ ଓ ମରାମତି କ୍ଲଷ୍ଟର ପ୍ରକଳ୍ପ, ପାରାଦୀପରେ ୮୦ ହଜାର କୋଟି ଟଙ୍କାର ପେଟ୍ରୋକେମିକାଲ ପ୍ରକଳ୍ପ ମଧ୍ୟ ମିଳିଛି।ଏହା ସହିତ, ୫ ହଜାର କୋଟି ଟଙ୍କାର ଭୁବନେଶ୍ୱର-କଟକ-ପୁରୀ-ପାରାଦୀପ ଆର୍ଥିକ କରିଡର ମଧ୍ୟ ମିଳିଛି। ଆଜି ଆରମ୍ଭ ହେବାକୁ ଯାଉଥିବା ୫୦ ହଜାର କୋଟି ଟଙ୍କାର ବିଭିନ୍ନ ପ୍ରକଳ୍ପ ଏହାର ପ୍ରମାଣ। ସରକାରଙ୍କ ଉଦାର ଶିଳ୍ପ ନୀତି ଯୋଗୁଁ, ଆଜି ଆମ ରାଜ୍ୟ ଶିଳ୍ପପତିଙ୍କ ପ୍ରଥମ ପସନ୍ଦର ରାଜ୍ୟ ଭାବେ ଉଭା ହୋଇଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

## ମନ୍ଦିର ଛାତ ଭୁଶୁଡ଼ି...

ପଡ଼ିଥିଲା। ଏହି ଦୁର୍ଘଟଣାର ସିସିଟିଭି ଫୁଟେଜ୍ ମଧ୍ୟ ସାମ୍ନାକୁ ଆସିଛି। ଭିଡିଓ ଅନୁଯାୟୀ, ଅପରାହ୍ନ ୩ଟା ସମୟରେ ଅନେକ ଲୋକ ଲାଇନରେ ଛିଡା ହୋଇ ପ୍ରସାଦ ଗ୍ରହଣ ଓ ଦର୍ଶନ-ପୂଜା କରୁଥିଲେ। ଠିକ୍ ଏହି ସମୟରେ ବାଉଁଶ ଏବଂ ଲୁହା ରଡ୍‌ରେ ତିଆରି ସେଡ୍ଟି ଷ୍ଟ୍ରକଚରଟି ଭାଙ୍ଗି ପଡ଼ିଥିଲା। ଅନ୍ୟପକ୍ଷେ ଆଜି ଶନିବାର ହୋଇଥିବାରୁ ମନ୍ଦିରରେ ଅଧିକ ଭିଡ଼ ଥିଲା। ଦୁର୍ଘଟଣା ପରେ ପୋଲିସ ଏବଂ ସ୍ଥାନୀୟ ପ୍ରଶାସନ ଘଟଣାସ୍ଥଳରେ ଉଦ୍ଧାର କାର୍ଯ୍ୟ ଚଳାଇଥିଲେ। ସୂଚନାଯୋଗ୍ୟ, ଯଶବାଡ଼ି ଗ୍ରାମଟି ମାନବତ ରୋଡ୍‌ରେ ଅବସ୍ଥିତ, ଯାହା ଛତ୍ରପତି ସମ୍ଭାଜୀନଗରରୁ ପ୍ରାୟ ୧୯୦ କିଲୋମିଟର ଦୂର। ଏଠାରେ ଥିବା ତ୍ରିମୂର୍ତ୍ତି ମନ୍ଦିରରେ ହନୁମାନଜୀଙ୍କର କଳା ପ୍ରତିମା ସ୍ଥାପିତ ହୋଇଛି।

## ଜମିବାଡ଼ିକୁ ନେଇ ବିବାଦ

# ଦାଦା ଉପରେ ତତଲା ତେଲ ଢାଳିଦେଲା ପୁତୁରା



**ଅସ୍ତରଙ୍ଗ,୨୦।୬/ଏନ୍‌ଏନ୍‌ଏସ୍:** କାକଟପୁର ବ୍ଲକ୍ ଅନ୍ତର୍ଗତ କୁଣ୍ଡେଇହାଟ ଠାରେ ଦୀର୍ଘ ଦିନଧରି ହୋଟେଲ ଚଳାଇ ଆସୁଥିଲେ ଅଁଳାପାଟଣା ଗ୍ରାମର କୀର୍ତ୍ତିଚନ୍ଦ୍ର ସାହୁ ଓରଫ (ବୁଲା)। ପ୍ରତ୍ୟେକ ଦିନ ଭଳି କୀର୍ତ୍ତି ଚନ୍ଦ୍ର ସାହୁ ନିଜ ହୋଟେଲରେ ବରା, ପକୁଡି ବିଭିନ୍ନ ଜଳଖିଆ ସାମଗ୍ରୀ ପ୍ରସ୍ତୁତ କରି ବେବସାୟ କରୁଥିବା ସମୟରେ ତାଙ୍କର ସମ୍ପର୍କୀୟ ପୁତୁରା ସୁର୍ଯକାନ୍ତ ସାହୁ, ସନାତନ ସାହୁ, ରାଜକିଶୋର ସାହୁ, ସେଠାରେ ପହଞ୍ଚି ଥିଲେ ଏବଂ ପାରିବାରିକ ଜମିବାଡ଼ି ଓ କୋଠ ଘର କାର୍ଯ୍ୟକୁ ନେଇ ଉଭୟଙ୍କ ମଧ୍ୟରେ ଆରମ୍ଭ ହୋଇଥିଲା ଯୁକ୍ତିତର୍କ। ଏହି ଯୁକ୍ତିତର୍କ ପରବର୍ତ୍ତୀ ସମୟରେ ଗଣ୍ଡଗୋଳର ରୂପ ନେଇଥିଲା, ଉଭୟଙ୍କ ମଧ୍ୟରେ ଯୁକ୍ତି ତର୍କ ସହିତ ମୁହାଁମୁହିଁ ପରିସ୍ଥିତି ଦେଖିବାକୁ ମିଳିଥିଲା। ଏଥିରେ ଉତ୍ୟକ୍ତ ହୋଇ ପୁତୁରା ସୂର୍ଯ୍ୟକାନ୍ତ ଆଞ୍ଚରେ ବରା ଛଣାଯାଉଥିବା ତତଲା ତେଲ ଭର୍ତ୍ତି କଡ଼ାଇ ଦାଦା କୀର୍ତ୍ତିଚନ୍ଦ୍ରଙ୍କ ଉପରକୁ ଫିଙ୍ଗିଦେଇଥିଲେ। ଫଳରେ ସେ ଯନ୍ତ୍ରଣାରେ ଛଟ ପଟ ହୋଇଥିଲେ। ଏହାପରେ ଘଟଣାସ୍ଥଳରୁ ସୂର୍ଯ୍ୟକାନ୍ତ ଓ ଅନ୍ୟମାନେ ପଳାଇଯାଇଥିଲେ। ଖବର ପାଇ କୀର୍ତ୍ତିଚନ୍ଦ୍ରଙ୍କ ପୁତ୍ର ସୌମେନ୍ଦ୍ର ଘଟଣାସ୍ଥଳରେ ପହଞ୍ଚି ବାପାଙ୍କୁ ସଙ୍ଗେ ସଙ୍ଗେ କାକଟପୁର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ତାଙ୍କ ଅବସ୍ଥା ଗୁରୁତର ଥିବାରୁ ଡାକ୍ତର ତାଙ୍କୁ ସଙ୍ଗେ ସଙ୍ଗେ କ୍ୟାପିଟାଲ ହସ୍ପିଟାଲକୁ ସ୍ଥାନାନ୍ତରିତ କରିଥିଲେ। କୀର୍ତ୍ତିଚନ୍ଦ୍ରଙ୍କ ପୁତ୍ର ସୌମେନ୍ଦ୍ର କାକଟପୁର ଥାନାରେ ଲିଖିତ ଏତଲା ଦେବାପରେ କାକଟପୁର ଥାନା ଆଇଆଇସି ବସନ୍ତ କୁମାର ସାହୁ ଏ ସଂକ୍ରାନ୍ତରେ ଏକ ମୋକଦ୍ଦମା ରୁଜୁକରି ଘଟଣାର ତଦନ୍ତ କରୁଛନ୍ତି।

## ବଧୂହତ୍ୟା ଅଭିଯୋଗ, ସ୍ୱାମୀ ଓ ଦେଢ଼ଶ୍ୱଶୁର ଅଟକ

**କୋଣାର୍କ,୨୦।୬/ଏନ୍‌ଏନ୍‌ଏସ୍:** ଶନିବାର ଅପରାହ୍ନରେ ପୁରୀ ଜିଲ୍ଲା କାକଟପୁର ବ୍ଲକ କୋଣାର୍କ ଥାନା ଅଧିନ ବୋବୁଆ ଗ୍ରାମରେ ଜଣେ ନବବଧୂଙ୍କୁ ଶାଶୁଘର ଲୋକ ନିର୍ଯାତନା ଦେଇ ହତ୍ୟା କରି ମାରିଦେଇଥିବା ଅଭିଯୋଗ ହୋଇଛି। ସୂଚନା ମୁତାବକ ବୋବୁଆ ଗ୍ରାମର ଅକ୍ରୁର ସ୍ୱାଇଁଙ୍କ ପୁତ୍ର ଟୁଲୁ ସ୍ୱାଇଁ(୩୪) ଗୋପ ବ୍ଲକ କୋଣାର୍କ ଥାନା ଅଧିନ ସିମିଳି ପଞ୍ଚାୟତ ସିମିଳି ଗ୍ରାମର ସମ୍ଭୁ ଚରଣ ମହାନ୍ତିଙ୍କ ସାନଝିଅ ରୂପାଲି ମହାନ୍ତି(୩୪)ଙ୍କୁ ୪ବର୍ଷ ତଳେ ବିବାହ କରିଥିଲେ। ସ୍ୱାମୀ ଟୁଲୁ ସ୍ୱାଇଁ ଦୁବାଇରେ ଚାକିରି କରୁଥିଲା ବେଳେ ଗତ ଏକମାସ ହେବ ନିଜ ଗାଁକୁ ଆସିଥିଲା। ଘରେ ସ୍ତ୍ରୀ ସହ ନିଜ ମା'ର କଳିକୁ ନେଇ ସ୍ୱାମୀ ଟୁଲୁ ନିଜ ଶ୍ୱଶୁରଙ୍କୁ ଜଣାଇ ଝିଅକୁ କିଛିଦିନ ନେଇ ତାଙ୍କ ଘରେ ରଖିବାକୁ ଫୋନ ମାଧ୍ୟମରେ ଜଣାଇଥିଲେ। ମାତ୍ର ପରେ କ୍ୱାଇଁ ମନା କରିଥିଲେ। ମାତ୍ର ହଠାତ ଝିଅ ଆତ୍ମହତ୍ୟା କରିଦେଇଥିବା ଓ ସେମାନେ କୋଣାର୍କ ମେଡ଼ିକାଲକୁ ନେଇଯାଉଛନ୍ତି ବୋଲି ଝିଅର ବାପାଙ୍କୁ ଶାଶୁଘର ଲୋକ ଆଜି ଅପରାହ୍ନରେ ଖବର ଦେଇଥିଲେ। ସ୍ୱାମୀ ଟୁଲୁ ଓ ତାଙ୍କର ବଡ଼ଭାଇ ବୁଲୁ ବୋହୂକୁ କୋଣାର୍କ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଡାକ୍ତର ମୃତ ଥିବା ଜଣାଇବା ସହ କୋଣାର୍କ ଥାନାକୁ ଖବର ଦେଇଥିଲେ। ଖବର ପାଇ ଝିଅର ପରିବାର ସହ ଆସି ପହଞ୍ଚିଥିଲେ। କାନ୍ଦ ବୋବାଳିରେ ଫାଟି ପଡୁଥିଲା ଡାକ୍ତଖାନା। ତୁରନ୍ତ ନବବଧୂଙ୍କ ବାପା ସମ୍ଭୁ ଚରଣ ମହାନ୍ତି, ସ୍ୱାମୀ ଟୁଲୁ ସ୍ୱାଇଁ, ବାପା ଅକ୍ରୁର ସ୍ୱାଇଁ ଦେଢଶୁର ବୁଲୁ ସ୍ୱାଇଁ, କୃଷ୍ଣ ସ୍ୱାଇଁ ସହ ଶାଶୁ ଧୋବି ସ୍ୱାଇଁ ମିଶି ନିର୍ଯାତନା ଦେଇ ବାଡ଼େଇ ମାରିଦେଇଥିବା କୋଣାର୍କ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ପାଇ ଘଟଣାସ୍ଥଳରେ କୋଣାର୍କ ପୋଲିସ ସହ ନିମାପଡ଼ା ଏସଡିପିଓ ଜନାର୍ଦ୍ଦନ ପାଢ଼ୀ ପହଞ୍ଚି ତଦନ୍ତ ଚଳାଇବା ସହ ସ୍ୱାମୀ ଟୁଲୁ ଓ ଦେଢ଼ଶ୍ୱଶୁର ବୁଲୁ ସ୍ୱାଇଁ ଦୁଇଜଣଙ୍କୁ ଥାନାକୁ ନେଇ ଅଟକ ରଖି ପଚରାଉଚରା କରିଥିଲେ। ସ୍ୱାମୀ ଟୁଲୁ ସ୍ତ୍ରୀ ଆତ୍ମହତ୍ୟା କରିଥିବା ପ୍ରକାଶ କରିଥିଲେ। ମୃତା ରୂପାଲିଙ୍କ ଏକ ଦୁଇବର୍ଷର ଶିଶୁପୁତ୍ର ରହିଥିବା ଜଣାପଡ଼ିଛି। ଏ ନେଇ କୋଣାର୍କ ଥାନା ପକ୍ଷରୁ ଏକ ମାମଲା ରୁଜୁକରାଯାଇ ଅଧିକ ତଦନ୍ତ ଚାଲିଛି।

## ରଥଯାତ୍ରା ପାଇଁ ନୟାଗଡ଼ ସହରରୁ ପୁରୀକୁ ସ୍ୱତନ୍ତ୍ର ଟ୍ରେନ୍ ଚଳାଚଳ ଦାବି



**ନୟାଗଡ଼,୨୦।୬/ଏନ୍‌ଏନ୍‌ଏସ୍:** ଆସନ୍ତା ବିଶ୍ୱପ୍ରସିଦ୍ଧ ଶ୍ରୀଗୁଣ୍ଡିଚା ରଥଯାତ୍ରା ସମୟରେ ନୟାଗଡ଼ ସହରରୁ ପୁରୀକୁ ଏକ ସ୍ୱତନ୍ତ୍ର ଟ୍ରେନ ଚଳାଇବା ପାଇଁ 'ନୟାଗଡ଼ ନାଗରିକ ମଞ୍ଚ' ପକ୍ଷରୁ ପୂର୍ବତଟ ରେଳପଥ ଖୋର୍ଦ୍ଧା ରୋଡ୍ ମଣ୍ଡଳ ରେଳ ପ୍ରବନ୍ଧକଙ୍କ ନିକଟରେ ଦାବି କରାଯାଇଛି। ନାଗରିକ ମଞ୍ଚ ପକ୍ଷରୁ ଡି.ଆର.ଏମ.ଙ୍କୁ ଦିଆଯାଇଥିବା ଏହି ସ୍ମାରକପତ୍ରରେ ଦର୍ଶାଯାଇଛି ଯେ, ରଥଯାତ୍ରା ସମୟରେ ନୟାଗଡ଼ ଜିଲ୍ଲାରୁ ହଜାର ହଜାର ସଂଖ୍ୟାରେ ଶ୍ରଦ୍ଧାଳୁ ମହାପ୍ରଭୁଙ୍କ ଦର୍ଶନ ପାଇଁ ପୁରୀ ଯାଇଥାନ୍ତି। ଯଦିଓ ରେଳ ବିଭାଗ ପକ୍ଷରୁ ଦଶପଲ୍ଲାରୁ ପୁରୀକୁ ୩ଟି ସ୍ୱତନ୍ତ୍ର ଟ୍ରେନ ଚଳାଚଳର ବ୍ୟବସ୍ଥା କରାଯାଉଛି, ମାତ୍ର ଦଶପଲ୍ଲାରୁ ଆସୁଥିବା ଏହି ଟ୍ରେନଗୁଡ଼ିକରେ ପ୍ରବଳ ଭିଡ଼ ରହୁଛି। ଫଳରେ ନୟାଗଡ଼ ଟାଉନ୍ ଷ୍ଟେସନରେ ପହଞ୍ଚିବା ବେଳକୁ ଏଥିରେ ସ୍ଥାନ ଅଭାବରୁ ସ୍ଥାନୀୟ ଶ୍ରଦ୍ଧାଳୁ ଓ ଯାତ୍ରୀମାନେ ଟ୍ରେନରେ ଚଢ଼ି ନପାରି ନିରାଶ ହୋଇ ଘରକୁ ଫେରୁଛନ୍ତି। ଶ୍ରଦ୍ଧାଳୁଙ୍କ ଆବେଗ ଓ ଯାତାୟାତ ସୁବିଧାକୁ ଦୃଷ୍ଟିରେ ରଖି ଚଳିତ ରଥଯାତ୍ରା ସମୟରେ ନୟାଗଡ଼ ଟାଉନ୍ ଷ୍ଟେସନରୁ ସ୍ୱତନ୍ତ୍ର ଭାବେ ପୁରୀ ଅଭିମୁଖେ ଆଉ ଏକ ସ୍ୱତନ୍ତ୍ର ଟ୍ରେନ ଚଳାଇବାକୁ ନାଗରିକ ମଞ୍ଚର ସଭାପତି ପ୍ରମୋଦ ପଟ୍ଟନାୟକ, ସମ୍ପାଦକ ଲକ୍ଷ୍ମୀଧର ସାହୁ, ଉପସଭାପତି ପ୍ରଦୀପ ସାହୁ, ସଦସ୍ୟ ଅଜିତ କୁମାର ମିଶ୍ର, କୈଳାସ ଚନ୍ଦ୍ର ରଥ, ଶ୍ରୀଧର ନାୟକ, ଅନ୍ତର୍ଯ୍ୟାମୀ ମହାନ୍ତି ତଥା ସମାଜସେବୀ ଶେଖ ଅବଦୁଲ ଆହାଦ ପ୍ରମୁଖ ରେଳ କର୍ତ୍ତୃପକ୍ଷଙ୍କୁ ସ୍ଥାନୀୟ ଷ୍ଟେସନ ପରିଚାଳକଙ୍କ ମାଧ୍ୟମରେ ଦାବି କରିଛନ୍ତି।

## ପିଏମ୍ କିଷାନ ସମ୍ମାନ ନିଧିର କିସ୍ତି ବିତରଣ

**ସାକ୍ଷୀଗୋପାଳ,୨୦।୬/ଏନ୍‌ଏନ୍‌ଏସ୍:** ପ୍ରଧାନମନ୍ତ୍ରୀ କିଷାନ ସମ୍ମାନ ନିଧିର ୨୩ ତମ କିସ୍ତିର ବିତରଣ ଅବସରରେ ପିଏମ କିଷାନ ଉତ୍ସବ ଦିବସ ସାକ୍ଷୀଗୋପାଳ ସ୍ଥିତ କୃଷି ବିଜ୍ଞାନ କେନ୍ଦ୍ର ପରିସରରେ ଶନିବାର ଅନୁଷ୍ଠିତ ହୋଇଯାଇଛି। କୃଷି ଓ କୃଷକ ସଶକ୍ତିକରଣ ବିଭାଗ ଓ କୃଷି ବିଜ୍ଞାନ କେନ୍ଦ୍ର ସାକ୍ଷୀଗୋପାଳ ଦ୍ୱାରା ଆୟୋଜିତ ଏହି ଜିଲ୍ଲା ସ୍ତରୀୟ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଅତିରିକ୍ତ ଜିଲ୍ଲାପାଳ(ସାଧାରଣ) ଶରତ ଚନ୍ଦ୍ର ବେହେରା, ଆୟୋଜକ ତଥା ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ଚନ୍ଦ୍ର ମୋହନ ଚାନ୍ଦ, ଉପ ଉଦ୍ୟାନ କୃଷି ନିର୍ଦ୍ଦେଶିକା ଡ. ମଞ୍ଜୁଳା ତ୍ରିପାଠୀ, କୃଷି ଜିଲ୍ଲା ଅଧିକାରୀ ସାକ୍ଷୀଗୋପାଳ ଡ. ପରେଶ୍ କୁମାର ପଣ୍ଡା, କୃଷି ଜିଲ୍ଲା ଅଧିକାରୀ ସତ୍ୟବାଦୀ ଦାସ, କୃଷି ବିଜ୍ଞାନ କେନ୍ଦ୍ର ମତ୍ସ୍ୟ ବୈଜ୍ଞାନିକ ଅମ୍ବିକା ପ୍ରସାଦ ନାୟକ, ଡ଼. ବିଷ୍ଣୁପଦ ଗିରି, ଡ଼. ସୁମିତା ଆଚାର୍ଯ୍ୟ, ସହକାରୀ କୃଷି ଅଧିକାରୀ ସୌମ୍ୟରଞ୍ଜନ ପାତ୍ର, ଶ୍ରୀକୁମାର ଚିରଞ୍ଜିବୀ, କୃଷି ଓ ଆନୁଷଙ୍ଗିକ ବିଭାଗର ଅନ୍ୟ ଅଧିକାରୀ ଗଣ ଏବଂ କୃଷି ସୂଚନା ପରାମର୍ଶ କେନ୍ଦ୍ର ଡେଲାଙ୍ଗ ଅଧ୍ୟକ୍ଷ ଲଡୁ କିଶୋର ରାଓ ଉପସ୍ଥିତ ରହି ଥିଲେ। ଏହି କାର୍ଯ୍ୟକ୍ରମରେ ପୁରୀ ଜିଲ୍ଲାର ୨୦୦ରୁ ଊର୍ଦ୍ଧ୍ୱ ଚାଷୀ ଉପସ୍ଥିତ ଥିଲେ। ଏହି ଅବସରରେ ତାରକେଶ୍ୱର, ହୁଗୁଳି, ପଶ୍ଚିମବଙ୍ଗଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ଆଭାସି ମାଧ୍ୟମରେ ସିଧା ପ୍ରସାରଣ କରାଯାଇଥିଲା। ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦେଶବାସୀଙ୍କୁ ସମ୍ବୋଧିତ କରିଥିଲେ। ପୁରୀର ୧ଲକ୍ଷ ୫୯ହଜାର ୮୩୧ଜଣ ଚାଷୀ ଭାଇ ଓ ଭଉଣୀମାନଙ୍କୁ ୩୧ କୋଟି ୯୬ ଲକ୍ଷ ୬୨ହଜାର ଟଙ୍କା ଡିବିଟି ମାଧ୍ୟମରେ ହସ୍ତାନ୍ତର କରାଯାଇଥିଲା। ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ଅତିରିକ୍ତ ଜିଲ୍ଲାପାଳ ରାସାୟନିକ ସାରର ବ୍ୟବହାରିତା ଉପରେ ଗୁରୁତ୍ୱାରୋପ କରିବା ସହ ଜୈବିକଚାଷ ପ୍ରଣାଳୀ ଏବଂ ଜୈବିକ ସାର ବ୍ୟବହାର ନିମନ୍ତେ ପ୍ରବର୍ତ୍ତାଇ ଥିଲେ। ଜିଲ୍ଲା କୃଷି ଅଧିକାରୀ ଧନ୍ୟବାଦ ଅର୍ପଣ କରିଥିଲେ।

## ଲଡୁବାବାଙ୍କ ପୀଠରେ ଶୀତଳଷଷ୍ଠୀ, ଦେବଦମ୍ପତିଙ୍କ ନଗର ପରିକ୍ରମା



**ଶରଣକୁଳ,୨୦।୬/ଏନ୍‌ଏନ୍‌ଏସ୍:** ଶୈବ ଓ ବୈଷ୍ଣବ ଧର୍ମର ସମ୍ମିଳିତ ପ୍ରସିଦ୍ଧ କ୍ଷେତ୍ର ଶରଣକୁଳ ଲଡୁବାବାଙ୍କ ପୀଠରେ ଶୀତଳଷଷ୍ଠୀ ମହା ସମାରୋହରେ ପାଳିତ ହୋଇଯାଇଛି। ଶନିବାର ଶିବ ବିବାହ ପରେ ଦେବଦମ୍ପତିଙ୍କ ନଗର ପରିକ୍ରମକ୍ଷ ଲାଗି ଲଡୁବାବାଙ୍କ ନିମନ୍ତ୍ରଣ ପାଇ ରବିବାର ବିଳମ୍ବିତ ରାତ୍ରିରେ ଶରଣକୁଳ ଅଞ୍ଚଳର ବିଭିନ୍ନ ଗ୍ରାମରେ ଥିବା ଠାକୁର ମାନେ ଲଡୁବାବାଙ୍କ ମନ୍ଦିରରେ ଏକତ୍ରିତ ହୋଇ ମେଳଣ ପର୍ବ ଅନୁଷ୍ଠିତ ହୋଇଥିଲା। ମନ୍ଦିରରେ ସମସ୍ତ ଠାକୁରଙ୍କୁ ପୂଜା ଅର୍ଚ୍ଚନା କରିବା ପରେ ଲଡୁବାବାଙ୍କ ଚଳନ୍ତି ପ୍ରତିମା ଚନ୍ଦ୍ରଶେଖର, ମା' ପାର୍ବତୀ, ଗୋପୀନାଥ, ଲକ୍ଷ୍ମୀ ନାରାୟଣ, ଶ୍ରୀ ରଘୁନାଥ, ଜୟଦୁର୍ଗା, ଦଧିବାମନ, ମା' ବିରଜାଇ, ମା' ରାମଚଣ୍ଡୀ, ମା' ନାରାୟଣୀ, ନୃସିଂହନାଥ, ମା' ସନ୍ତୋଷୀ, ଦୁର୍ଗା, ଅର୍ଦ୍ଧନାରୀଶ୍ୱର, ରାଧାକୃଷ୍ଣ ଓ ଉମା ମହେଶ୍ୱର ଶୋହଳଟି ବିମାନରେ ଉପବେଶନ କରି ମନ୍ଦିରର ସିଂହଦ୍ୱାର ସମ୍ମୁଖରେ ଏକତ୍ରିତ ହୋଇଥିଲେ। ସେଠାରେ ଉପସ୍ଥିତ ହଜାର ହଜାର ଭକ୍ତଙ୍କ ଗହଣରେ ଠାକୁର ମାନଙ୍କୁ ସମୂହ ଆଳତି କରାଯାଇ ଢୋଲ, ଘଣ୍ଟ, କାହାଳି, ଛତି, ତ୍ରାସ, ମଶାଲ, ହୁଳହୁଳିବାଜା, ଆକର୍ଷଣୀୟ ପଟୁଆରରେ ଶୀତଳଷଷ୍ଠୀ ଯାତ୍ରା ପଡ଼ିଆକୁ ନିଆଯାଇଥିଲା। ସେଠାରେ ଏକ ଆକର୍ଷଣୀୟ ଆତସବାଦୀ ପ୍ରଦର୍ଶନୀ ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ସୋମବାର ସକାଳେ ପୂଜା ମଣ୍ଡପରେ ଠାକୁରଙ୍କ ସକାଳ ଅବକାଶ ନୀତି ସହିତ ଶୋଡ଼ଷ ଉପଚାର ପୂଜାର୍ଚ୍ଚନା ସମାପନ କରାଯାଇଥିଲା। ପରେ ସମସ୍ତ ଠାକୁର ମାନେ ଭିକାରୀପଡା ବ୍ରାହ୍ମଣ ଶାସନକୁ ଭୋଗ ଲାଗି ପାଇଁ ଯାଇଥିଲେ। ସେଠାରେ ଥିବା ଭୋଗ ମଣ୍ଡପରେ ଠାକୁର ମାନଙ୍କୁ ପୁନର୍ବାର ଷୋଡଶ ଉପଚାରରେ ପୂଜାର୍ଚ୍ଚନା ଓ ଆଳତି କରାଯିବା ପରେ ଠାକୁର ମାନେ ଭିକାରୀପଡା ବ୍ରାହ୍ମଣ ଶାସନରେ ଚାଟେରୀ ଭୋଗ ଲାଗି ହୋଇ ମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରିଥିଲେ। ମନ୍ଦିରରେ ସମସ୍ତ ଠକ୍ଷକୁରଙ୍କୁ ସ୍ୱତନ୍ତ୍ର ଭୋଗ ଲାଗି ଓ ଆଳତି ପରେ ଦେବଦମ୍ପତୀଙ୍କୁ ଆଶିର୍ବାଦ ପ୍ରଦାନ କରି ସମସ୍ତ ଠକୁର ନିଜନିଜ ମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରିଥିଲେ। ପରେ ମନ୍ଦିରରେ ଠାକୁରଙ୍କ ସକାଳର ସମସ୍ତ ନୀତି ଓ ଭୋଗ କରାଯାଇ ପହୁଡ଼ ପଡ଼ିଥିଲା କ୍ଷ ମନ୍ଦିର ପ୍ରଶାସନ ପକ୍ଷରୁ ଏହି ଯାତ୍ରାର ସମସ୍ତ ବ୍ୟବସ୍ଥା କରାଯାଇଥିଲା। ଏହି ଯାତ୍ରାରେ ହଜାର ହଜାର ଜନସମାଗମ ହୋଇଥିଲା। ସ୍ଥାନୀୟ ପୁଲିସ ପ୍ରଶାସନ ପକ୍ଷରୁ ଶାନ୍ତି ଶୃଙ୍ଖଳାର ବ୍ୟବସ୍ଥା କରାଯାଇଥିଲା।

## ସାମ୍ବାଦିକଙ୍କ ପିତୃ ବିୟୋଗରେ ଶୋକ

**ନିଶ୍ଚିନ୍ତକୋଇଲି,୨୦।୬/ଏନ୍‌ଏନ୍‌ଏସ୍:** କଟକ ଜିଲ୍ଲା ନିଶ୍ଚିନ୍ତକୋଇଲି ବ୍ଲକ ନେମାଳ ପଞ୍ଚାୟତ ନେମାଳ ଗ୍ରାମର ସାମ୍ବାଦିକ ଗୋବିନ୍ଦଚନ୍ଦ୍ର ଦାସଙ୍କ ପିତା ନଟବର ଦାସ(୭୪)ବର୍ଷଙ୍କ ଶୁକ୍ରବାର ପୂର୍ବାହ୍ନରେ ହୃଦଘାତଜନିତ ବିୟୋଗ ଘଟିଛି। ସ୍ୱର୍ଗତ ଦାସ ନେମାଳ ଅଞ୍ଚଳର ଯାଦବ ମହାସଂଘର ଜଣେ ବରିଷ୍ଠ ସଦସ୍ୟ ଏବଂ ଗୋପାଳ ଲଉଡ଼ି ଓ ଗୋପାଳ ଓଗାଳ ଗୀତର ବିଶିଷ୍ଟ ଗାୟକ ଭାବେ ତାଙ୍କର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଥିଲେ। ଶେଷ ଶଯ୍ୟା ନିକଟରେ ପୁତ୍ର,ପୁତ୍ରବଧୂ,ନାତୀ ନାତୁଣୀ,ବନ୍ଧୁବାନ୍ଧବ ଓ ଆତ୍ମୀୟସ୍ୱଜନ ଉପସ୍ଥିତ ଥିଲେ। ସ୍ୱର୍ଗତ ଦାସଙ୍କ ସାନପୁଅ ପ୍ରସନ୍ନ କୁମାର ଦାସଙ୍କ ଉପସ୍ଥିତିରେ ସ୍ୱର୍ଗତ ନଟବର ଦାସଙ୍କ ମର ଶରୀରକୁ ଏକ ଶୋଭାଯାତ୍ରାରେ ନିଆଯାଇ ଚିତ୍ରୋତ୍ପଳା ନଦୀ ଶଯ୍ୟାରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ତାଙ୍କ ବିୟୋଗ ଖବର ପାଇ ସ୍ଥାନୀୟ ସରପଞ୍ଚଙ୍କ ପ୍ରତିନିଧି ଅମୀୟ ପ୍ରସାଦ ମହାନ୍ତି, ଯୁବ ସଂଗଠକ ହିମାଂଶୁଶେଖର ଦାସ,ବଳଦେବାନନ୍ଦ ଦାସ,ସାମ୍ବାଦିକ ରତ୍ନାକର ବାରିକ, ବିନୟ ଦାସ,କ୍ଷମାନିଧି ପୂଝାରୀ, ମୀନକେତନ ଦାସ,ଜାନକୀବଲ୍ଲଭ ମହାନ୍ତି, କିରଣଶଙ୍କର ନାୟକ, ଅଭୟ ଜେନା,ଅଭୟ କୁମାର ସାହୁ, ପ୍ରସନ୍ନ କୁମାର ମହାପାତ୍ର, ଭାବଗ୍ରାହୀ ମିଶ୍ର, ସତ୍ୟଜିତ୍ ମହାପାତ୍ର,ଦେବେନ୍ଦ୍ର ଷଢଙ୍ଗୀ ପ୍ରମୁଖ ଶୋକବ୍ୟକ୍ତ କରିବା ସହ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜ୍ଞାପନ କରିଥିଲେ।

## ଆଜି ନିଟ୍-ୟୁଜି ପୁନଃ...

୨୭ଟି ସହରର ୧୩୨ଟି ସେଣ୍ଟରରେ ପରୀକ୍ଷା ଦେବେ ପ୍ରାୟ ୫୭ ହଜାର ଛାତ୍ରଛାତ୍ରୀ। ସାରା ଦେଶରେ ୫୬୧ଟି ସହରରେ ହୋଇଛି ୫ ହଜାରରୁ ଅଧିକ ପରିକ୍ଷା ସେଣ୍ଟର। ସେହିପରି ବିଦେଶରେ ରହିଛି ୧୫ଟି ସେଣ୍ଟର। ଯେଉଁଠି ପ୍ରାୟ ଦେଢ଼ମାସ ବ୍ୟବଧାନରେ ଡାକ୍ତର ହେବା ସ୍ୱପ୍ନ ନେଇ ପୁଣି ହଲରେ ବସିରେ ୨୨ ଲକ୍ଷରୁ ଅଧିକ ଛାତ୍ରଛାତ୍ରୀ। ପରୀକ୍ଷାକୁ ସ୍ୱଚ୍ଛ ଓ ସୁରକ୍ଷିତ କରିବା ଲାଗି ମୁତୟନ ହୋଇଛନ୍ତି ୨ ଲକ୍ଷରୁ ଅଧିକ କର୍ମଚାରୀ। ସେଣ୍ଟରଗୁଡ଼ିକୁ ସିସିଟିଭି ସର୍ଭେଲାନସରେ ରଖାଯିବା ସହ ସୋସିଆଲ ମିଡିଆ ମନିଟରିଂ ମଧ୍ୟ କରାଯାଉଛି। ସେନା ଏସକର୍ଟରେ ପ୍ରଶ୍ନପତ୍ର ପରୀକ୍ଷା କେନ୍ଦ୍ରଗୁଡ଼ିକରେ ପହଞ୍ଚିବ। ସମ୍ବେଦନଶୀଳ ସ୍ଥାନଗୁଡ଼ିକରେ ବାୟୁସେନା ହେଲିକପ୍ଟରର ମଧ୍ୟ ସହାୟତା ନିଆଯାଉଛି। ପ୍ରତି ସେଣ୍ଟରରୁ ୧୦୦ ମିଟର ଦୂରତା ମଧ୍ୟରେ ଜାରି ହୋଇଛି ବିଏନ୍‌ଏସ୍‌ଏସ୍‌ର ୧୬୩ ଧାରା। ସେଣ୍ଟର ଆଖପାଖରେ ଲାଉଡ୍ ସ୍ପିକର ବ୍ୟବହାର ଉପରେ କଟକଣା ସହିତ ମୋବାଇଲ୍ ଜାମର ଲଗାଯାଇଛି। ପରୀକ୍ଷା କେନ୍ଦ୍ର ଗେଟ୍ ଦିନ ୧୧ଟାରେ ଖୋଲି ସାଢ଼େ ଗୋଟାଏରେ ବନ୍ଦ ହେବ। ଏହାପରେ କୌଣସି ପରୀକ୍ଷାର୍ଥୀଙ୍କୁ ଭିତରକୁ ଛଡ଼ାଯିବ ନାହିଁ। ସେହିପରି ପରୀକ୍ଷା ଅପରାହ୍ଣ ୨ଟାରୁ ଆରମ୍ଭ ହୋଇ ୫ଟା ୧୫ରେ ସରିବ। ପରୀକ୍ଷାର୍ଥୀଙ୍କ ସୁବିଧା ପାଇଁ ରେଳ ଷ୍ଟେସନ, ବସ୍ ଷ୍ଟାଣ୍ଡ ଏବଂ ବିଭିନ୍ନ ପଏଣ୍ଟରୁ ପରୀକ୍ଷା କେନ୍ଦ୍ରକୁ ମାଗଣା ବସ୍ ସେବାର ବ୍ୟବସ୍ଥା କରାଯାଇଛି। ଏତେସବୁ ପ୍ରସ୍ତୁତି ସତ୍ତ୍ୱେ ନାଗପୁରର ଜଣେ ପରୀକ୍ଷାର୍ଥୀଙ୍କ ଆଡମିଟ୍ କାର୍ଡରେ ଆବୁଧାବିର ଏକ ପରୀକ୍ଷା କେନ୍ଦ୍ର ନାଁ ଆସିବା ସବୁଠି ଚର୍ଚ୍ଚାର ବିଷୟ ହୋଇଛି। ଏନେଇ ଛାତ୍ରଙ୍କ ପରିବାର ଇ-ମେଲ୍ ଯୋଗେ ଏନଟିଏକୁ ଅବଗତ କରାଯାଇଥିଲା। ତେବେ ଏନଟିଏ ପକ୍ଷରୁ ସ୍ପଷ୍ଟ କରାଯାଇଛି ଯେ, ଛାତ୍ର ଜଣକ ନିଜେ ହିଁ ଆବୁଧାବିକୁ ନିଜର ପ୍ରଥମ ବିକଳ୍ପ ଓ ଦୁବାଇକୁ ଦ୍ୱିତୀୟ ବିକଳ୍ପ ଭାବେ ବାଛିଥିଲେ। ତେବେ ବର୍ତ୍ତମାନ ସମସ୍ୟାର ସମାଧାନ କରିଦିଆଯାଇଛି।

## ପୁଣି ହର୍ମୁଜ୍ ବନ୍ଦ...

ଜଜିରା' ଅନୁଯାୟୀ, ଇସ୍ରାଏଲ୍ ସେନା ଡ୍ରୋନ୍ ଏବଂ ତୋପ ଦ୍ୱାରା ନବାହିତଏ ଅଞ୍ଚଳରେ ଆକ୍ରମଣ କରିଥିଲା, ଯେଉଁଥିରେ ଅତିକମ୍‌ରେ ୧୬ ଜଣଙ୍କର ମୃତ୍ୟୁ ହୋଇଛି। ସେହିପରି ଦକ୍ଷିଣ ଲେବାନନ୍‌ର ବିଭିନ୍ନ ପ୍ରାନ୍ତରେ ଇସ୍ରାଏଲ ପକ୍ଷରୁ ହୋଇଥିବା ଆକ୍ରମଣ ଯୋଗୁ ପ୍ରାୟ ୪୭ ଜଣ ପ୍ରାଣ ହରାଇଥିବା ଜଣାପଡିଛି। ଏହାରି ମଧ୍ୟରେ ଇସ୍ରାଏଲ୍ ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତନ୍ୟାହୁ ମଧ୍ୟ ସ୍ପଷ୍ଟ କରିଛନ୍ତି ଯେ, ଇସ୍ରାଏଲ୍ ନିଜ ସୁରକ୍ଷା ସହିତ କୌଣସି ପ୍ରକାରର ବୁଝାମଣା କରିବ ନାହିଁ। ସେ ସ୍ପଷ୍ଟ କରିଛନ୍ତି ଯେ ଗାଜା ଏବଂ ଲେବାନନରେ ଇସ୍ରାଏଲ୍ ନିଜର ସୈନ୍ୟ ଅଭିଯାନ ଜାରି ରଖିବ।

## ପି ବି ହାଇସ୍କୁଲରେ ଯୋଗ ଦିବସ

**ମୁଣ୍ଡମୁହାଣ,୨୦।୬/ଏନ୍‌ଏନ୍‌ଏସ୍:** ପାତ୍ରପଡ଼ା ଭଗବାନ ପୁର ସରକାରୀ ଉଚ୍ଚ ବିଦ୍ୟାଳୟରେ ୧୨ ତମ ଆନ୍ତର୍ଜାତିକ ଯୋଗ ଦିବସ ପାଳିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସନ୍ଧ୍ୟା ରାଣୀ ସେଠ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଆଜିର କାର୍ଯ୍ୟକ୍ରମରେ ପାତ୍ରପଡ଼ା ଯୋଗ ସାଧନା କେନ୍ଦ୍ରର ସାଧକସାଧିକାମାନଙ୍କ ଦ୍ୱାରା ଛାତ୍ରଛାତ୍ରୀମାନଙ୍କୁ ବିଭିନ୍ନ ପ୍ରକାରର ସୂକ୍ଷ୍ମ କ୍ରିୟା, ଆସନ ଓ ପ୍ରାଣାୟାମ କରିବାର ଶୈଳୀ ପ୍ରଦର୍ଶିତ ହୋଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ, ପଞ୍ଚସଖା ଶିକ୍ଷା ସେତୁ ସଭାପତି ରବିନ୍ଦ୍ର ନାଥ ସାହୁ, ମୁଖ୍ୟବକ୍ତା ଭାବେ, ପାତ୍ରପଡ଼ା ଯୋଗ ସାଧନା କେନ୍ଦ୍ରର ଯୋଗଗୁରୁ ପ୍ରତାପ ଚନ୍ଦ୍ର ମହାପାତ୍ର, ଶରତ ଚନ୍ଦ୍ର ପଣ୍ଡା ଙ୍କ ବ୍ୟତୀତ ବହୁ ସାଧକ ସାଧିକା ଓ ବିଦ୍ୟାଳୟ ର ଶିକ୍ଷକ ଶିକ୍ଷୟିତ୍ରୀମାନେ ଉପସ୍ଥିତ ଥିଲେ। ବରିଷ୍ଠ ଶିକ୍ଷୟିତ୍ରୀ ଅଲିଭା ତ୍ରିପାଠୀ ଧନ୍ୟବାଦ୍ ଅର୍ପଣ କରିଥିଲେ।

## ମହାବିଦ୍ୟାଳୟରେ ସ୍ୱଚ୍ଛତା ଅଭିଯାନ

**ବାଲୁଗାଁ,୨୦।୬/ଏନ୍‌ଏନ୍‌ଏସ୍:** ପରିବେଶ ସୁରକ୍ଷା, ସ୍ୱଚ୍ଛତା ଏବଂ ସବୁଜିମା ବୃଦ୍ଧିର ଉଦ୍ଦେଶ୍ୟ ନେଇ ଆଜି ବାଲୁଗାଁ ମହାବିଦ୍ୟାଳୟ ପରିସରରେ ଜାତୀୟ ସମର ଶିକ୍ଷାର୍ଥୀ ବାହିନୀ, ଜାତୀୟ ସେବା ଯୋଜନା, ଯୁବ ରେଡକ୍ରସ୍ ଏବଂ ରୋଭର ଓ ରେଞ୍ଜର୍ସଙ୍କ ମିଳିତ ଆନୁକୂଲ୍ୟରେ ଏକ ବ୍ୟାପକ ସ୍ୱଚ୍ଛତା ଅଭିଯାନ ଓ ବୃକ୍ଷରୋପଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।

ମହାବିଦ୍ୟାଳୟର ଅଧ୍ୟକ୍ଷ ଡଃ ଲକ୍ଷ୍ମୀଧର ସୁବୁଦ୍ଧିଙ୍କ ତତ୍ତ୍ୱାବଧାନରେ ଛାତ୍ରଛାତ୍ରୀମାନେ ମହାବିଦ୍ୟାଳୟ ପରିସରର ବିଭିନ୍ନ ସ୍ଥାନ ସଫା କରିବା ସହ ପରିବେଶକୁ ପରିଷ୍କାର ଓ ସୁନ୍ଦର ରଖିବା ପାଇଁ ସଚେତନତା ସୃଷ୍ଟି କରିଥିଲେ। ଏହା ସହିତ ଅଧ୍ୟକ୍ଷ ଡଃ ଲକ୍ଷ୍ମୀଧର ସୁବୁଦ୍ଧି, ପ୍ରଶାସନିକ ଅଧିକାରୀ ଡଃ କୈଳାସ ଚନ୍ଦ୍ର ମହାରଣା, ଅଧ୍ୟାପକ ପ୍ରବୀଣ କୁମାର ଜେନା, ଏନ୍‌ସିସି ଅଧିକାରୀ ତଥା ଲେଫଟ୍ନେଣ୍ଟ ଅଧ୍ୟାପକ ଚନ୍ଦନ ନାୟକ, ଜାତୀୟ ସେବା ଯୋଜନା ଅଧିକାରୀ ଅଧ୍ୟାପିକା ରୀନା ରାଉତ, ଯୁବ ରେଡକ୍ରସ୍ ଅଧିକାରୀ ଅଧ୍ୟାପିକା ଡଃ ମନସ୍ୱିନୀ ପଟ୍ଟନାୟକ, ଅଧ୍ୟାପକ ଧୋବିଚରଣ ପରିଡ଼ା, ରେଞ୍ଜର୍ସ ଅଧିକାରୀ ଅଧ୍ୟାପିକା ସ୍ନିଗ୍ଧାରାଣୀ ମୁଦୁଲି ଏବଂ ବହୁ ସଂଖ୍ୟକ ଛାତ୍ରଛାତ୍ରୀଙ୍କ ଉପସ୍ଥିତିରେ ଜାମୁକୋଳି, ଶାଗୁଆନ୍, ଆକାଶିଆ, ଶିଶୁ, ନିମ୍ବ ଆଦି ୮୦ରୁ ଊର୍ଦ୍ଧ୍ୱ ଦୀର୍ଘକାଳୀନ ଛାୟା ପ୍ରଦାନକାରୀ ବୃକ୍ଷରୋପଣ କରାଯାଇଥିଲା।

## ରାଷ୍ଟ୍ରପତିଙ୍କ ଦ୍ୱାରା ବାଣିଜ୍ୟ ଓ ପରିବହନ ବିଭାଗର ବିଭିନ୍ନ ପ୍ରକଳ୍ପ ଲୋକାର୍ପିତ

- କଳାହାଣ୍ଡି ଏବଂ ଗିରିଶୋଳା (ଗଞ୍ଜାମ)ରେ ୨ଟି ଟ୍ରକ୍ ଟର୍ମିନାଲ୍ ଉଦ୍‌ଘାଟିତ
- କଟକ ଏବଂ ଭୁବନେଶ୍ୱରରେ ସ୍ୱୟଂଚାଳିତ ଯାନ ଚାଳନା ପରୀକ୍ଷା ବ୍ୟବସ୍ଥା
- ୪ ପ୍ରମୁଖ ମାର୍ଗରେ 'ଇଣ୍ଟେଲିଜେଣ୍ଟ ଏନଫୋର୍ସମେଣ୍ଟ ମ୍ୟାନେଜମେଣ୍ଟ ସିଷ୍ଟମ୍' ଲାଗୁ

**ଭୁବନେଶ୍ୱର,୨୦।୬/ଏନ୍‌ଏନ୍‌ଏସ୍:** ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ କରକମଳରେ ଓ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଓ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଗରିମାମୟ ଉପସ୍ଥିତିରେ ଓଡ଼ିଶାର ବିକାଶ ପାଇଁ ୪୭,୬୦୦ କୋଟି ଟଙ୍କାର ବିଭିନ୍ନ ଜନକଲ୍ୟାଣକାରୀ ପ୍ରକଳ୍ପର ଲୋକାର୍ପଣ ଓ ଶିଳାନ୍ୟାସ ହୋଇଛି। ସେଥିରୁ ବାଣିଜ୍ୟ ଓ ପରିବହନ ବିଭାଗର ମଧ୍ୟ ଅନେକ ଜନକଲ୍ୟାଣକାରୀ ପ୍ରକଳ୍ପ ଲୋକାର୍ପିତ ହୋଇଛି। ଏହା ମଧ୍ୟରେ କଳାହାଣ୍ଡି ଓ ଗିରିଶୋଳା (ଗଞ୍ଜାମ)ରେ ୨ଟି ଟ୍ରକ୍ ଟର୍ମିନାଲ୍, କଟକ ଓ ଭୁବନେଶ୍ୱରରେ ସ୍ୱୟଂଚାଳିତ ଯାନ ଚାଳନା ପରୀକ୍ଷା ବ୍ୟବସ୍ଥା ଏବଂ ରାଜ୍ୟର ୯ଟି ସ୍ଥାନରେ ସ୍ୱୟଂଚାଳିତ ଯାନ ପରୀକ୍ଷଣ କେନ୍ଦ୍ରର ଶୁଭ ଉଦଘାଟନ କରାଯାଇଛି। ଏଥିସହିତ ସମ୍ବଲପୁର-ରାଉରକେଲା, ମଙ୍ଗୁଳି-ସମ୍ବଲପୁର, ବ୍ରହ୍ମପୁର-ତପ୍ତପାଣି ଓ ବ୍ରହ୍ମପୁର-ଭଞ୍ଜନଗର ଭଳି ୪ଟି ପ୍ରମୁଖ ମାର୍ଗରେ 'ଇଣ୍ଟେଲିଜେଣ୍ଟ ଏନଫୋର୍ସମେଣ୍ଟ ମ୍ୟାନେଜମେଣ୍ଟ ସିଷ୍ଟମ୍' କାର୍ଯ୍ୟକାରୀ ହୋଇଛି। ରାଜପଥରେ ବେଆଇନ ପାର୍କିଂ ସମସ୍ୟା ହ୍ରାସ କରିବା ଏବଂ ଦୀର୍ଘ ସମୟ ଗାଡ଼ି ଚଲାଉଥିବା ଚାଳକମାନଙ୍କୁ ଆରାମଦାୟକ ବିଶ୍ରାମ ସୁବିଧା ଯୋଗାଇବା ଲକ୍ଷ୍ୟରେ କଳାହାଣ୍ଡି ଏବଂ ଗଞ୍ଜାମର ଗିରିଶୋଳାଠାରେ ଦୁଇଟି ଅତ୍ୟାଧୁନିକ ଟ୍ରକ୍ ଟର୍ମିନାଲ୍ ଉଦ୍‌ଘାଟିତ ହୋଇଛି। ଏଥିସହିତ, ଡ୍ରାଇଭିଂ ଲାଇସେନ୍ସ ପ୍ରଦାନ ପ୍ରକ୍ରିୟାକୁ ସମ୍ପୂର୍ଣ୍ଣ ସ୍ୱଚ୍ଛ ଓ ମାନବୀୟ ହସ୍ତକ୍ଷେପ ମୁକ୍ତ କରିବା ପାଇଁ କଟକ ଏବଂ ଭୁବନେଶ୍ୱରଠାରେ ସ୍ୱୟଂଚାଳିତ ଯାନ ଚାଳନା ପରୀକ୍ଷା ବ୍ୟବସ୍ଥାର ଶୁଭାରମ୍ଭ କରାଯାଇଛି। ଗାଡ଼ିର ଫିଟନେସ୍ ପରୀକ୍ଷାରେ ଆଧୁନିକ ବୈଷୟିକ ଜ୍ଞାନକୌଶଳର ପ୍ରୟୋଗ ପାଇଁ କେନ୍ଦ୍ରାପଡ଼ା, ନୟାଗଡ଼, ବାଲେଶ୍ୱର, ବୌଦ୍ଧ, ଭୁବନେଶ୍ୱର, ମୟୂରଭଞ୍ଜ, ରାଉରକେଲା, ସମ୍ବଲପୁର ଏବଂ ସୁନ୍ଦରଗଡ଼ ଭଳି ୯ଟି ପ୍ରମୁଖ ସ୍ଥାନରେ ସ୍ୱୟଂଚାଳିତ ଯାନ ପରୀକ୍ଷଣ କେନ୍ଦ୍ରର ଉଦ୍‌ଘାଟନ ହୋଇଛି। ବୈଷୟିକ ଜ୍ଞାନ କୌଶଳର ପ୍ରୟୋଗ କରି ଦୁର୍ଘଟଣା ସଂଖ୍ୟା ହ୍ରାସ ଓ ବେପରୁଆ ଗାଡ଼ି ଚାଳକଙ୍କ ଉପରେ ନିୟନ୍ତ୍ରଣ ରଖିବା ଲକ୍ଷ୍ୟରେ ରାଜ୍ୟର ଚାରୋଟି ପ୍ରମୁଖ ମାର୍ଗରେ 'ଇଣ୍ଟେଲିଜେଣ୍ଟ ଏନଫୋର୍ସମେଣ୍ଟ ମ୍ୟାନେଜମେଣ୍ଟ ସିଷ୍ଟମ୍' କାର୍ଯ୍ୟକାରୀ କରାଯାଇଛି। ଏହି ୪ଟି ନିର୍ଦ୍ଧାରିତ ମାର୍ଗ ହେଉଛି ସମ୍ବଲପୁର - ରାଉରକେଲା, ମଙ୍ଗୁଳି - ସମ୍ବଲପୁର, ବ୍ରହ୍ମପୁର - ତପ୍ତପାଣି ଏବଂ ବ୍ରହ୍ମପୁର - ଭଞ୍ଜନଗର, ଯାହା ଆଗାମୀ ଦିନରେ ସଡ଼କ ସୁରକ୍ଷା ବ୍ୟବସ୍ଥାକୁ ଅଧିକ ବ୍ୟାପକ ଓ ସୁଦୃଢ଼ କରିବ।

## ୭୩୨ କୋଟି ଟଙ୍କାରୁ ଅଧିକ ମୂଲ୍ୟର ରେଳ ପ୍ରକଳ୍ପ ରାଷ୍ଟ୍ର ଉଦ୍ଦେଶ୍ୟରେ ଉତ୍ସର୍ଗ

**ଭୁବନେଶ୍ୱର,୨୦।୬/ଏନ୍‌ଏନ୍‌ଏସ୍:** ରେଳବାଇର ଭିତ୍ତିଭୂମିକୁ ସୁଦୃଢ଼ କରିବା ଏବଂ କାର୍ଯ୍ୟକ୍ଷମ ଦକ୍ଷତା ବୃଦ୍ଧି କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ସ୍ୱରୂପ, ଆଜି ରାଇରଙ୍ଗପୁର ଠାରେ ଏକ ସମାରୋହରେ ୭୩୨ କୋଟି ଟଙ୍କାରୁ ଅଧିକ ମୂଲ୍ୟର ଦୁଇଟି ଗୁରୁତ୍ୱପୂର୍ଣ୍ଣ ମଲ୍ଟି-ଟ୍ରାକିଂ ରେଳ ପ୍ରକଳ୍ପ ରାଷ୍ଟ୍ର ଉଦ୍ଦେଶ୍ୟରେ ଉତ୍ସର୍ଗ କରାଯାଇଛି। ଭାରତର ରାଷ୍ଟ୍ରପତି ଏବଂ ପ୍ରଧାନମନ୍ତ୍ରୀ ଏହି ଅବସରରେ ଯୋଗ ଦେଇଥିଲେ। ପୂର୍ବତଟ ରେଳପଥ ଅଧୀନରେ ବିକଶିତ ଏହି ଦୁଇଟି କ୍ଷମତା ବୃଦ୍ଧି ପ୍ରକଳ୍ପ ରେଳ ଲାଇନର କ୍ଷମତାକୁ ଉଲ୍ଲେଖନୀୟ ଭାବେ ବୃଦ୍ଧି କରିବ, ଭିଡ଼ ହ୍ରାସ କରିବ ଏବଂ ଯାତ୍ରୀବାହୀ ତଥା ମାଲବାହୀ ଟ୍ରେନର ସୁଗମ ଚଳାଚଳକୁ ସହଜ କରିବ। ଏହି ପ୍ରକଳ୍ପ ଗୁଡ଼ିକ ଓଡ଼ିଶାର ରେଳ ନେଟୱର୍କକୁ ଆହୁରି ମଜଭୁତ କରିବ ଏବଂ ରାଜ୍ୟର ବଢୁଥିବା ଶିଳ୍ପ ତଥା ଅର୍ଥନୈତିକ କାର୍ଯ୍ୟକଳାପକୁ ସହାୟତା ପ୍ରଦାନ କରିବ। ୧୯ କିଲୋମିଟରର ଦୈର୍ଘ୍ୟ ବିଶିଷ୍ଟ ଯଖପୁରା - ଯାଜପୁର କେନ୍ଦୁଝରେ ରୋଡ୍ - ବୈତରଣୀ ରୋଡ୍ ମଲ୍ଟି-ଟ୍ରାକିଂ ପ୍ରକଳ୍ପ ୩୨୩ କୋଟି ଟଙ୍କା ବ୍ୟୟରେ ସମ୍ପୂର୍ଣ୍ଣ ହୋଇଛି, ଯାହା ବୃହତ ଭଦ୍ରକ - ନିର୍ଗୁଣ୍ଡି ମଲ୍ଟି-ଟ୍ରାକିଂ ପ୍ରକଳ୍ପର ଏକ ଅଂଶ ଭାବରେ ବିକଶିତ କରାଯାଇଛି। ଏହି ପ୍ରକଳ୍ପଟି ଅତ୍ୟଧିକ ବ୍ୟସ୍ତବହୁଳ ହାୱଡ଼ା-ଚେନ୍ନାଇ ମୁଖ୍ୟ ଲାଇନରେ କ୍ଷମତା ବୃଦ୍ଧି କରିବ, ଭିଡ଼ ହ୍ରାସ କରିବ, ସମୟାନୁବର୍ତ୍ତିତାରେ ସୁଧାର ଆଣିବ ଏବଂ ଯାତ୍ରୀବାହୀ ଓ ମାଲବାହୀ ଟ୍ରେନଗୁଡ଼ିକର ଦ୍ରୁତ ଚଳାଚଳ ନିଶ୍ଚିତ କରିବ। ଏହି ପ୍ରକଳ୍ପ କୋଇଲା ଏବଂ ଅନ୍ୟାନ୍ୟ ଭାରୀ ସାମଗ୍ରୀର ନିରବଚ୍ଛିନ୍ନ ପରିବହନରେ ମଧ୍ୟ ସହାୟକ ହେବ, ଯାହା ନିକଟସ୍ଥ ବନ୍ଦର, ଶିଳ୍ପ ଏବଂ ବାଣିଜ୍ୟିକ କେନ୍ଦ୍ରଗୁଡ଼ିକୁ ସୁଦୃଢ଼ ଲଜିଷ୍ଟିକ୍ ସହାୟତା ପ୍ରଦାନ କରିବ, ଯାହାଦ୍ୱାରା ଏହି ଅଞ୍ଚଳର ଅର୍ଥନୈତିକ ବିକାଶରେ ସହଯୋଗ ମିଳିବ। ସେହିପରି, ୪୦୯ କୋଟି ଟଙ୍କା ବ୍ୟୟରେ ୨୭ କିଲୋମିଟରର ଦୈର୍ଘ୍ୟରେ ସମ୍ପୂର୍ଣ୍ଣ ହୋଇଥିବା ହିନ୍ଦୋଳ ରୋଡ୍ - ମେରାମଣ୍ଡଳୀ ମଲ୍ଟି-ଟ୍ରାକିଂ ପ୍ରକଳ୍ପ, ଗୁରୁତ୍ୱପୂର୍ଣ୍ଣ ବୁଢ଼ାପଙ୍କ - ଶାଳଗାଁ ମଲ୍ଟି-ଟ୍ରାକିଂ ପ୍ରକଳ୍ପର ଏକ ଅଂଶ ଅଟେ। ଏହି ପ୍ରକଳ୍ପ ଟ୍ରେନ୍ ପରିଚାଳନା କ୍ଷମତାକୁ ଉଲ୍ଲେଖନୀୟ ଭାବେ ବୃଦ୍ଧି କରିବ, ପରିଚାଳନାଗତ ପ୍ରତିବନ୍ଧକ ଗୁଡ଼ିକୁ ଦୂର କରିବ ଏବଂ କୋଇଲା, ଇସ୍ପାତ, ବିଦ୍ୟୁତ କ୍ଷେତ୍ର ପାଇଁ ଆବଶ୍ୟକ ସାମଗ୍ରୀ ଓ ଅନ୍ୟାନ୍ୟ ଶିଳ୍ପ ଜାତ ସାମଗ୍ରୀର ସୁଗମ ପରିବହନକୁ ସହାୟତା କରିବ।

# ୨୫ ହଜାର କୋଟିରୁ ଊର୍ଦ୍ଧ୍ୱ ଟଙ୍କାର କୋଇଲା ଗ୍ୟାସୀକରଣ ପ୍ରକଳ୍ପର ଭିତ୍ତିପ୍ରସ୍ତର




**ଭୁବନେଶ୍ୱର,ଝାରସୁଗୁଡ଼ା,୨୦।୬/ଏନ୍‌ଏନ୍‌ଏସ୍:** ଭାରତର ଶକ୍ତି ସୁରକ୍ଷା ଓ ବୈଷୟିକ ଆତ୍ମନିର୍ଭରଶୀଳତା କ୍ଷେତ୍ରରେ ଏକ ଐତିହାସିକ ପଦକ୍ଷେପ ସ୍ୱରୂପ, ଓଡ଼ିଶାର ଝାରସୁଗୁଡ଼ା ଜିଲ୍ଲା ଲଖନପୁରଠାରେ ଆଜି 'ଭାରତ କୋଲ୍ ଗ୍ୟାସିଫିକେସନ୍ ଆଣ୍ଡ କେମିକାଲ୍ସ ଲିମିଟେଡ୍' (ବିସିଜିସିଏଲ୍) ର 'କୋଇଲା-ରୁ-ଆମୋନିୟମ୍ ନାଇଟ୍ରେଟ୍' ପ୍ରକଳ୍ପର ଭର୍ଚୁଆଲ୍ ମାଧ୍ୟମରେ ଭିତ୍ତିପ୍ରସ୍ତର ସ୍ଥାପନ ହୋଇଯାଇଛି। ଭାରତର ମାନ୍ୟବର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମିଳିତ ଭାବେ ଏହି ସୁଦୂରପ୍ରସାରୀ ପ୍ରକଳ୍ପର ଶିଳାନ୍ୟାସ କରିଛନ୍ତି। ଏହି ମହୋତ୍ସବରେ ଓଡ଼ିଶାର ରାଜ୍ୟପାଳ ହରିବାବୁ କମ୍ଭମପାଟି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, କେନ୍ଦ୍ର କୋଇଲା ଓ ଖଣି ମନ୍ତ୍ରୀ ଜି. କିଷନ ରେଡ୍ଡୀ, ଉପ-ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଓ ପ୍ରଭାତୀ ପରିଡ଼ା, କେନ୍ଦ୍ର କୋଇଲା ଓ ଖଣି ରାଷ୍ଟ୍ରମନ୍ତ୍ରୀ ସତୀଶ ଚନ୍ଦ୍ର ଦୁବେଙ୍କ ସମେତ ସ୍ଥାନୀୟ ସାଂସଦ, ବିଧାୟକ ଏବଂ ଅନ୍ୟାନ୍ୟ ବିଶିଷ୍ଟ ବ୍ୟକ୍ତିମାନେ ଉପସ୍ଥିତ ଥିଲେ। ପ୍ରକଳ୍ପ ସ୍ଥଳରେ ଗଣମାଧ୍ୟମକୁ ସମ୍ବୋଧନ କରି କେନ୍ଦ୍ରମନ୍ତ୍ରୀ ଶ୍ରୀ ରେଡ୍ଡୀ କହିଛନ୍ତି ଯେ, 'କୋଲ୍ ଇଣ୍ଡିଆ ଲିମିଟେଡ୍' (ସିଆଇଏଲ୍) ର ୫୧ ପ୍ରତିଶତ ଏବଂ 'ଭାରତ ହେଭି ଇଲେକ୍ଟ୍ରିକାଲ୍ସ ଲିମିଟେଡ୍' (ଭେଲ୍) ର ୪୯ ପ୍ରତିଶତ ଅଂଶଧନରେ ଗଠିତ ଏହି ଯୌଥ ଉଦ୍ୟୋଗ ଦେଶୀୟ କୋଇଲା ଗ୍ୟାସୀକରଣ ପ୍ରଯୁକ୍ତିବିଦ୍ୟାକୁ ପ୍ରୋତ୍ସାହିତ କରିବ। ଏହାଦ୍ୱାରା ପ୍ରଚୁର କୋଇଲା ସମ୍ପଦକୁ ଉଚ୍ଚ ମୂଲ୍ୟଯୁକ୍ତ ରସାୟନରେ ପରିଣତ କରାଯାଇପାରିବ, ଯାହା ସ୍ଥାନୀୟ ଅଞ୍ଚଳରେ ବ୍ୟାପକ ରୋଜଗାର ଓ ଆନୁଷଙ୍ଗିକ ଶିଳ୍ପର ବିକାଶ ଘଟାଇବ। ଏହି ପ୍ରକଳ୍ପ ପାଇଁ ମହାନଦୀ କୋଲ୍‌ଫିଲ୍ଡସ୍ ଲିମିଟେଡ୍ (ଏମସିଏଲ୍) ପକ୍ଷରୁ ଲଖନପୁରଠାରେ ପ୍ରାୟ ୩୦ ଏକର ଜମି ଯୋଗାଇ ଦିଆଯାଇଥିବା ବେଳେ ବାର୍ଷିକ ୦.୭୯ ମିଲିୟନ ଟନ୍ ଧୂଆ କୋଇଲା ଏବଂ ୧.୧୯ ମିଲିୟନ ଟନ୍ କୋଇଲା ବର୍ଜ୍ୟ ବ୍ୟବହାର କରାଯିବ। ସରକାରଙ୍କ 'ନ୍ୟାସନାଲ୍ କୋଲ୍ ଗ୍ୟାସିଫିକେସନ୍ ମିଶନ' ଅଧୀନରେ ନିର୍ମିତ ଏହି ପ୍ରକଳ୍ପର ମୁଖ୍ୟ ଲକ୍ଷ୍ୟ ହେଉଛି ବାର୍ଷିକ ପ୍ରାୟ ୦.୬୬ ମିଲିୟନ ଟନ୍ ବୈଷୟିକ ଗ୍ରେଡ୍ ଆମୋନିୟମ୍ ନାଇଟ୍ରେଟ୍ ଉତ୍ପାଦନ କରିବା। ଏଥିପାଇଁ ଭାରତରେ ବିକଶିତ ହୋଇଥିବା ଆଧୁନିକ 'ପ୍ରେସରାଇଜଡ ଫ୍ଲୁଇଡାଇଜଡ ବେଡ୍ ଗ୍ୟାସିଫିକେସନ୍' ପ୍ରଯୁକ୍ତିବିଦ୍ୟା ପ୍ରୟୋଗ କରାଯାଉଛି। ପ୍ରାୟ ୨୫,୦୦୦ କୋଟିରୁ ଅଧିକ ଟଙ୍କାର ପୁଞ୍ଜିନିବେଶରେ ନିର୍ମିତ ହେବାକୁ ଥିବା ଏହି ପ୍ରକଳ୍ପକୁ ଓଡ଼ିଶା ସରକାରଙ୍କ ଉଚ୍ଚସ୍ତରୀୟ ମଞ୍ଜୁରୀ କର୍ତ୍ତୃପକ୍ଷଙ୍କ ଦ୍ୱାରା ସିଙ୍ଗଲ୍ ୱିଣ୍ଡୋ ମଞ୍ଜୁରୀ ମିଳିସାରିଛି। ଏହା ସହିତ କେନ୍ଦ୍ର କୋଇଲା ମନ୍ତ୍ରଣାଳୟ ପକ୍ଷରୁ ୧,୩୫୦ କୋଟି ଟଙ୍କାର ଆର୍ଥିକ ପ୍ରୋତ୍ସାହନ ପ୍ରଦାନ କରାଯାଇଛି। ସମସ୍ତ ପରିବେଶ ଓ ଆଇନଗତ ଅନୁମତି ସହ ଏହାର 'ଲମ୍ପ ସମ୍ ଟର୍ଣ୍ଣକି' କାର୍ଯ୍ୟାନ୍ୱୟନ ପ୍ରକ୍ରିୟା ଶେଷ ହୋଇଥିବା ବେଳେ ସେପ୍ଟେମ୍ବର ୨୦୨୯ ସୁଦ୍ଧା ଏହାକୁ ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ କରିବା ପାଇଁ ଲକ୍ଷ୍ୟ ରଖାଯାଇଛି, ଯାହା ବିଶ୍ୱ ଦରବାରରେ ଭାରତର ଶିଳ୍ପ ସାମର୍ଥ୍ୟକୁ ପ୍ରଦର୍ଶନ କରିବ।

### ରିଲାଏନ୍ସରେ ନୂତନ ପିଢ଼ିର ଅଭ୍ୟୁଦୟ

## ଈଶା, ଆକାଶ ଓ ଅନନ୍ତଙ୍କୁ ନେଇ ଭବିଷ୍ୟତର ନେତୃତ୍ୱ ଗଠନ କଲେ ମୁକେଶ




**ଭୁବନେଶ୍ୱର,ମୁମ୍ବାଇ,୨୦।୬/ଏନ୍‌ଏନ୍‌ଏସ୍:** ଦେଶର ସର୍ବବୃହତ କମ୍ପାନୀ, ରିଲାଏନ୍ସ ଇଣ୍ଡଷ୍ଟ୍ରିଜର ଭବିଷ୍ୟତ ନେତୃତ୍ୱ ଢାଞ୍ଚା ଏବେ ସ୍ପଷ୍ଟ ଭାବରେ ଆକାର ଧାରଣ କରୁଛି। ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ଲିମିଟେଡର ୪୯ତମ ବାର୍ଷିକ ସାଧାରଣ ସଭା (ଏଜିଏମ)ରେ ଅଧ୍ୟକ୍ଷ ଏବଂ ପରିଚାଳନା ନିର୍ଦ୍ଦେଶକ ମୁକେଶ ଡି. ଅମ୍ବାନୀ ଘୋଷଣା କରିଛନ୍ତି ଯେ କମ୍ପାନୀର ଦୈନନ୍ଦିନ ପରିଚାଳନାର ପିଢ଼ିଗତ ହସ୍ତାନ୍ତର ପ୍ରାୟ ସମ୍ପୂର୍ଣ୍ଣ ହେବାକୁ ଯାଉଛି। ମୁକେଶ ଅମ୍ବାନୀ କହିଛନ୍ତି ଯେ ଈଶା, ଆକାଶ ଏବଂ ଅନନ୍ତ ରିଲାଏନ୍ସ ଇଣ୍ଡଷ୍ଟ୍ରିଜର ବୋର୍ଡରେ ତିନି ବର୍ଷ ପୂରଣ କରିଛନ୍ତି। ସେ ସୂଚନା ଦେଇଛନ୍ତି ଯେ ଈଶା ଗ୍ରାହକ ବା କଞ୍ଜ୍ୟୁମର ବ୍ୟବସାୟର ନେତୃତ୍ୱ ନେଉଛନ୍ତି, ଆକାଶ ପ୍ରଯୁକ୍ତି ବା ଟେକ୍ନୋଲୋଜି ବ୍ୟବସାୟର ନେତୃତ୍ୱ ନେଉଛନ୍ତି, ଏବଂ ଅନନ୍ତ ଶକ୍ତି ବା ଏନର୍ଜି ବ୍ୟବସାୟର ନେତୃତ୍ୱ ନେଉଛନ୍ତି। ମୁକେଶ ଅମ୍ବାନୀ କହିଛନ୍ତି, 'ଈଶା, ଆକାଶ ଏବଂ ଅନନ୍ତ ଭିନ୍ନ ଭିନ୍ନ ବ୍ୟବସାୟିକ କ୍ଷେତ୍ରର ନେତୃତ୍ୱ ନେଉଛନ୍ତି, କିନ୍ତୁ ସେମାନେ ରିଲାଏନ୍ସ ଇକୋସିଷ୍ଟମର ସାମଗ୍ରିକ ବିକାଶ ପାଇଁ ଏକତ୍ର କାମ କରୁଛନ୍ତି। ସେମାନେ ତିନୋଟି ଶରୀର, ଗୋଟିଏ ଆତ୍ମା। ସେମାନଙ୍କର ଆତ୍ମା ହେଉଛି ରିଲାଏନ୍ସ - ଏକକ, ଅବିଭାଜ୍ୟ ରିଲାଏନ୍ସ, ଆଜି ଏବଂ ସବୁଦିନ ପାଇଁ।' ଏହି ଉକ୍ତି ଗୁରୁତ୍ୱପୂର୍ଣ୍ଣ କାରଣ ରିଲାଏନ୍ସରେ ଉତ୍ତରାଧିକାରର ପ୍ରଶ୍ନ ଉପରେ ଦୀର୍ଘ ଦିନ ଧରି ନିବେଶକ, ବଜାର ଏବଂ ଶିଳ୍ପର ନଜର ରହିଛି। ଏଜିଏମରେ, ମୁକେଶ ଅମ୍ବାନୀ ଏହାକୁ କେବଳ ପରିବାର ନେତୃତ୍ୱର ପରିବର୍ତ୍ତନ ଭାବରେ ନୁହେଁ, ବରଂ ରିଲାଏନ୍ସକୁ ଦୀର୍ଘ କାଳ ପାଇଁ ଏକ ମଜଭୁତ ସଂସ୍ଥା ଭାବରେ ବଜାୟ ରଖିବାକୁ ସୁନିଶ୍ଚିତ କରିବା ପାଇଁ ଏକ ପ୍ରକ୍ରିୟା ଭାବରେ ଉଲ୍ଲେଖ କରିଛନ୍ତି। ସେ କହିଛନ୍ତି ଯେ ମହାନ କମ୍ପାନୀଗୁଡ଼ିକ ନେତୃତ୍ୱ ନେଉଥିବା ଜଣେ ବ୍ୟକ୍ତିଙ୍କ କାର୍ଯ୍ୟକାଳ ଦ୍ୱାରା ନୁହେଁ, ବରଂ ସେମାନେ ନିର୍ମାଣ କରୁଥିବା ସଂସ୍ଥାର ଶକ୍ତି, ସ୍ଥାୟୀତ୍ୱ ଏବଂ ଦୀର୍ଘସ୍ଥାୟୀତା ଦ୍ୱାରା ପରିଭାଷିତ ହୋଇଥାଏ। ଏହି ଦୃଷ୍ଟିକୋଣକୁ ଧ୍ୟାନରେ ରଖି, ସଂସ୍ଥାଗତ ନିରନ୍ତରତା ସୁନିଶ୍ଚିତ କରିବା ପାଇଁ ରିଲାଏନ୍ସରେ ଏକ '୫-ଏସ' ଢାଞ୍ଚା କାର୍ଯ୍ୟକାରୀ କରାଯାଉଛି। ଏହି ୫-ଏସ ଢାଞ୍ଚାର ପ୍ରଥମ ଉପାଦାନ ହେଉଛି 'ଉତ୍ତରାଧିକାର'। ତେବେ ମୁକେଶ ଅମ୍ବାନୀ ଏହା ମଧ୍ୟ କହିଛନ୍ତି ଯେ ସେ ରିଲାଏନ୍ସକୁ ସକ୍ରିୟ ନେତୃତ୍ୱ ପ୍ରଦାନ କରିବା ଜାରି ରଖିବେ। ଏଥିସହିତ ସେ ସେୟାର୍ ଧାରକମାନଙ୍କୁ ଆଶ୍ୱାସନା ଦେଇଥିଲେ ଯେ କମ୍ପାନୀର ଭବିଷ୍ୟତ କେବଳ ସୁରକ୍ଷିତ ହାତରେ ନୁହେଁ ବରଂ ଏଭଳି ହାତରେ ରହିଛି ଯାହା ରିଲାଏନ୍ସକୁ ଆହୁରି ଉଚ୍ଚତାରେ ପହଞ୍ଚାଇବ। ତାଙ୍କ ଅନୁସାରେ, ପ୍ରତ୍ୟେକ ନୂତନ ପିଢ଼ିକୁ ବିଶ୍ୱାସ କରିବାକୁ ପଡ଼ିବ ଯେ ସେମାନେ ରିଲାଏନ୍ସର ପ୍ରତିଷ୍ଠାତା ଏବଂ ପ୍ରଥମ ପିଢ଼ିର ପ୍ରତିନିଧିତ୍ୱ କରୁଛନ୍ତି। ସେ ଏହା ମଧ୍ୟ ଉଲ୍ଲେଖ କରିଛନ୍ତି ଯେ ଈଶା, ଆକାଶ ଏବଂ ଅନନ୍ତ ଏବେ ସେହି କାମ କରୁଛନ୍ତି ଯାହା ସେ ନିଜେ ୨୫ ବର୍ଷ ପୂର୍ବେ କରିଥିଲେ।

## ୨୦,୦୦୦ ଷ୍ଟୋର୍ ମାଇଲଖୁଣ୍ଟ ଅତିକ୍ରମ କରିଛି ରିଲାଏନ୍ସ ରିଟେଲ୍




**ଭୁବନେଶ୍ୱର,ମୁମ୍ବାଇ,୨୦।୬/ଏନ୍‌ଏନ୍‌ଏସ୍:** ଈଶା ଏମ୍. ଅମ୍ବାନୀ ରିଲାଏନ୍ସର ଏଫଏମସିଜି ବ୍ୟବସାୟ ପାଇଁ ଏକ ବଡ ଲକ୍ଷ୍ୟ ଧାର୍ଯ୍ୟ କରିଛନ୍ତି। ରିଲାଏନ୍ସର ଇଣ୍ଡଷ୍ଟ୍ରିଜ୍ ଲିମିଟେଡର ୪୯ତମ ବାର୍ଷିକ ସାଧାରଣ ବୈଠକରେ ଉଦ୍‌ବୋଧନ ଦେଇ ସେ କହିଛନ୍ତି ଯେ ରିଲାଏନ୍ସର କଞ୍ଜ୍ୟୁମର୍ ପ୍ରଡକ୍ଟସ୍ ଲିମିଟେଡ୍ (ଆରସିପିଏଲ) ପାଇଁ ନିକଟତମ ଅବଧିରେ ଲକ୍ଷ୍ୟ ହେଉଛି ଆର୍ଥିକ ବର୍ଷ ୨୦୩୦ ସୁଦ୍ଧା ୧ ଲକ୍ଷ କୋଟି ଟଙ୍କାର ରାଜସ୍ୱ ହାସଲ କରିବା। ତାଙ୍କର ଦୀର୍ଘକାଳୀନ ଭିଜନ ହେଉଛି ଏକ ଦୃଢ଼ ବିଶ୍ୱସ୍ତରୀୟ ପ୍ଲାଟଫର୍ମ ଦ୍ୱାରା ସମର୍ଥିତ ଆରସିପିଏଲକୁ ଭାରତର ସର୍ବବୃହତ ଏଫଏମସିଜି କମ୍ପାନୀ ମଧ୍ୟରୁ ଅନ୍ୟତମ ଭାବରେ ସ୍ଥାପିତ କରିବା। ଆରସିପିଏଲ ୨୦୨୬ ଆର୍ଥିକ ବର୍ଷରେ ୨୨,୦୦୦ କୋଟି ଟଙ୍କାର ମୋଟ ରାଜସ୍ୱ ହାସଲ କରିଛି। କମ୍ପାନୀ ଅନୁଯାୟୀ, ଆରସିପିଏଲ ମାତ୍ର ଚାରି ବର୍ଷ ମଧ୍ୟରେ ତାହା ହାସଲ କରିଛି ଯାହା ହାସଲ କରିବାକୁ ଅନ୍ୟ କମ୍ପାନୀଗୁଡ଼ିକୁ ଦଶନ୍ଧି ଲାଗିଥିଲା। ଆଜି, ଆରସିପିଏଲ ଉତ୍ପାଦଗୁଡ଼ିକର ରପ୍ତାନି ଏବଂ ଫ୍ରାଞ୍ଚାଇଜ୍ ବିକ୍ରୟ ମାଧ୍ୟମରେ ୪୦ରୁ ଅଧିକ ଦେଶରେ ଉପଲବ୍ଧ। କାମ୍ପା ୨୦୨୬ ଆର୍ଥିକ ବର୍ଷରେ ୪,୭୦୦ କୋଟି ଟଙ୍କାରୁ ଅଧିକ ମୋଟ ବିକ୍ରୟ ରେକର୍ଡ କରିଛି। ଦୀର୍ଘକାଳୀନ ବଜାର ନେତୃତ୍ୱକୁ ଚ୍ୟାଲେଞ୍ଜ କରିବା ପରେ, ଏହା ଏବେ ଭାରତର ଚତୁର୍ଥ ବୃହତ କାର୍ବୋନେଟେଡ୍ ମୃଦୁ ପାନୀୟ ବ୍ରାଣ୍ଡ ପାଲଟିଛି। କାମ୍ପା ପ୍ରମୁଖ ବଜାରରେ ଦୁଇ ଅଙ୍କ ବିଶିଷ୍ଟ ବଜାର ଅଂଶ ହାସଲ କରିଛି। ରିଲାଏନ୍ସ ରିଟେଲ ମଧ୍ୟ ୨୦୨୬ ଆର୍ଥିକ ବର୍ଷର ଚତୁର୍ଥ ତ୍ରୈମାସିକରେ ୨୦,୦୦୦ ଷ୍ଟୋର ମାଇଲଖୁଣ୍ଟ ଅତିକ୍ରମ କରିଛି। କମ୍ପାନୀ ଅନୁଯାୟୀ, ଏସିଆର ଅନ୍ୟ କୌଣସି ରିଟେଲ ବ୍ୟବସାୟ ଏତେ କମ୍ ସମୟ ମଧ୍ୟରେ ଏହି ମାଇଲଖୁଣ୍ଟରେ ପହଞ୍ଚି ନାହାଁନ୍ତି। ୨୦୨୬ ଆର୍ଥିକ ବର୍ଷରେ ରିଲାଏନ୍ସ ରିଟେଲ ର ମୋଟ ରାଜସ୍ୱ ୩,୭୦,୦୨୬ କୋଟି ଟଙ୍କା ରହିଥିଲା, ଯାହା ବର୍ଷକୁ ବର୍ଷ ୧୧.୮ ପ୍ରତିଶତ ବୃଦ୍ଧି ପାଇଛି।

## ଭୋଟର ତାଲିକା ସଂଶୋଧନ ପ୍ରକ୍ରିୟାକୁ ସ୍ୱଚ୍ଛ କରିବାକୁ ଦାବି

**ଭୁବନେଶ୍ୱର,୨୦।୬/ଏନ୍‌ଏନ୍‌ଏସ୍:** ଚାଲିଥିବା ସ୍ୱତନ୍ତ୍ର ସଘନ ଭୋଟର ତାଲିକା ସଂଶୋଧନ ପ୍ରକ୍ରିୟାକୁ ଅଧିକ ସ୍ୱଚ୍ଛ, ପାରଦର୍ଶୀ ଓ ଜନବିଶ୍ୱାସୀ କରିବା ପାଇଁ ଶନିବାର ବିଜୁ ଜନତା ଦଳର ଏକ ପ୍ରତିନିଧି ଦଳ ଓଡ଼ିଶାର ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ସାକ୍ଷାତ କରିଛନ୍ତି। ଏହି ପ୍ରତିନିଧି ଦଳରେ ବିଜେଡି ଉପସଭାପତି ପ୍ରତାପ ଜେନା, ପୂର୍ବତନ ମନ୍ତ୍ରୀ ଅଶୋକ ପଣ୍ଡା, ସାଂସଦ ସୁଲତା ଦେଓ, ବିଧାୟକ ଅନନ୍ତ ନାରାୟଣ ଜେନା, ବିଧାୟକ ସୁଶାନ୍ତ ରାଉତ, ବରିଷ୍ଠ ସାଧାରଣ ସମ୍ପାଦିକା ଡ. ଲେଖାଶ୍ରୀ ସାମନ୍ତସିଂହାର, ସାଧାରଣ ସମ୍ପାଦକ ବିଜୟ ନାୟକ, ମିଡିଆ ସେଲ୍ ସଂଯୋଜକ ଓ ମୁଖପାତ୍ର ଡ. ଲେନିନ ମହାନ୍ତି ଏବଂ ବରିଷ୍ଠ ନେତା ରବି ସାମଲ ସାମିଲ ଥିଲେ। ସେମାନେ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ସହ ତିନୋଟି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ - ଡିଜିଟାଲ ନଥିକରଣ ପରେ ଭୋଟରଙ୍କୁ ସ୍ୱୀକୃତି ବାର୍ତ୍ତା ପଠାଇବା, ଦାବି ଓ ଆପତ୍ତି ସମୟରେ ପାନ୍, ଡ୍ରାଇଭିଂ ଲାଇସେନ୍ସ ଓ ରାସନ କାର୍ଡକୁ ଅତିରିକ୍ତ ଦଲିଲ ଭାବେ ଗ୍ରହଣ କରିବା ଏବଂ ତ୍ୱରିତ ସମସ୍ୟା ସମାଧାନ ପାଇଁ ସ୍ୱତନ୍ତ୍ର ହ୍ୱାଟ୍ସଆପ୍ ଗ୍ରୁପ୍ ଗଠନ କରିବା ଉପରେ ଆଲୋଚନା କରିଛନ୍ତି। ବିଜେଡି ପ୍ରତିନିଧି ଦଳ ମତ ପ୍ରକାଶ କରିଛନ୍ତି ଯେ ଏହି ପଦକ୍ଷେପଗୁଡ଼ିକ ନିର୍ବାଚନ ପ୍ରକ୍ରିୟାର ସ୍ୱଚ୍ଛତାକୁ ସୁଦୃଢ଼ କରିବା ସହ ଭୋଟରଙ୍କ ସୁବିଧା ବୃଦ୍ଧି କରିବ ଏବଂ ଏକ ଦକ୍ଷ ଓ ସଫଳ ଭୋଟର ତାଲିକା ସଂଶୋଧନରେ ସହାୟକ ହେବ।



ଟୋକିଓରେ ଅନ୍ତର୍ଜାତୀୟ ଗୀତା ସମ୍ମିଳନୀ: ବ୍ରୋସର୍ ଉନ୍ମୋଚନ କଲେ ଗୀତା ମନୀଷୀ ସ୍ୱାମୀ ଜ୍ଞାନାନନ୍ଦ ମହାରାଜ ଓ କୁରୁକ୍ଷେତ୍ର ବିକାଶ ବୋର୍ଡର ସଦସ୍ୟ ସଚିବ ଡ. ଅମିତ ଅଗ୍ରୱାଲ

### କ୍ୟାସଲେସ୍ ବ୍ୟବସ୍ଥା ସମ୍ପର୍କରେ ରାଜସ୍ୱ ସଚିବଙ୍କ ସମୀକ୍ଷା

## ଏସ୍‌ଆର୍ ଓ ଡିଏସ୍‌ଆର୍ କାର୍ଯ୍ୟାଳୟରେ ଲାଗୁ ହେବ କ୍ୟାସ୍‌ଲେସ୍ କାରବାର

**ଭୁବନେଶ୍ୱର,୨୦।୬/ଏନ୍‌ଏନ୍‌ଏସ୍:** ରାଜ୍ୟର ସମସ୍ତ ଉପ-ନିବନ୍ଧକ (ଏସ୍‌ଆର୍) ଓ ଜିଲ୍ଲା ଉପ-ନିବନ୍ଧକ (ଡିଏସ୍‌ଆର୍)ଙ୍କ କାର୍ଯ୍ୟାଳୟରେ କ୍ୟାସ୍‌ଲେସ୍ କାରବାର ବ୍ୟବସ୍ଥାର ସଫଳ କାର୍ଯ୍ୟାନ୍ୱୟନ ନିମନ୍ତେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଉଛି। ଏହି ସମ୍ପର୍କରେ ଲୋକସେବା ଭବନସ୍ଥିତ ସମ୍ମିଳନୀ କକ୍ଷରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡ. ଅରବିନ୍ଦ କୁମାର ପାଢ଼ୀଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ନିଷ୍ପତ୍ତି ନିଆଯାଇଛି ଯେ, ରାଜ୍ୟର ସମସ୍ତ ଏସ୍‌ଆର୍ ଓ ଡିଏସ୍‌ଆର୍ କାର୍ଯ୍ୟାଳୟରେ ପର୍ଯ୍ୟାୟକ୍ରମେ ୩୫୦ଟି ପିଓଏସ୍ (ପଏଣ୍ଟ ଅଫ୍ ସେଲ୍) ମେସିନ୍ ସ୍ଥାପନ କରାଯିବ। ଏହି ମେସିନ୍‌ଗୁଡ଼ିକ ଭାରତୀୟ ବ୍ୟାଙ୍କ ମାଧ୍ୟମରେ ଯୋଗାଇ ଦିଆଯିବ ଏବଂ ପଞ୍ଜୀକରଣ କାର୍ଯ୍ୟର ପରିମାଣକୁ ଆଧାର କରି ସେଗୁଡ଼ିକର ବଣ୍ଟନ କରାଯିବ। ପିଓଏସ୍ ମେସିନ୍ କ୍ରୟ ପାଇଁ ଆବଶ୍ୟକ ଅର୍ଥ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ଯୋଗାଇ ଦିଆଯିବ। ପ୍ରଥମ ପର୍ଯ୍ୟାୟରେ ଭୁବନେଶ୍ୱର, ବ୍ରହ୍ମପୁର ଓ ସମ୍ବଲପୁରର ପଞ୍ଜୀକରଣ କାର୍ଯ୍ୟାଳୟଗୁଡ଼ିକରେ ଏହି ବ୍ୟବସ୍ଥା କାର୍ଯ୍ୟକାରୀ କରାଯିବ। ପିଓଏସ୍ ମେସିନ୍‌ଗୁଡ଼ିକର ରକ୍ଷଣାବେକ୍ଷଣ ଓ ନିରବଚ୍ଛିନ୍ନ ସେବା ନିଶ୍ଚିତ କରିବା ପାଇଁ ପାଞ୍ଚ ବର୍ଷ ଅବଧିର ବାର୍ଷିକ ରକ୍ଷଣାବେକ୍ଷଣ ଚୁକ୍ତି (ଏଏମ୍‌ସି) କରାଯିବ। ବୈଠକରେ ଆହୁରି ନିଷ୍ପତ୍ତି ନିଆଯାଇଛି ଯେ, ସରକାରଙ୍କ ଅନୁମୋଦନ ପରେ ଏହି ବ୍ୟବସ୍ଥାର କାର୍ଯ୍ୟାନ୍ୱୟନ ପାଇଁ ଏକ ମାନକ କାର୍ଯ୍ୟ ପ୍ରଣାଳୀ ପ୍ରସ୍ତୁତ କରାଯିବ ଏବଂ ସମ୍ପୃକ୍ତ ଅଧିକାରୀ ଓ କର୍ମଚାରୀଙ୍କୁ ଆବଶ୍ୟକ ତାଲିମ ପ୍ରଦାନ କରାଯିବ। ନାଗରିକମାନଙ୍କୁ ଡିଜିଟାଲ୍ ମାଧ୍ୟମରେ ଦେୟ ପ୍ରଦାନକୁ ଉତ୍ସାହିତ କରିବା ସହ ପଞ୍ଜୀକରଣ ପ୍ରକ୍ରିୟାରେ ଅଧିକ ସ୍ୱଚ୍ଛତା, ସୁବିଧା ଓ ଦକ୍ଷତା ଆଣିବା ଏହି ପଦକ୍ଷେପର ମୂଳ ଲକ୍ଷ୍ୟ।

# ସାମ୍‌ସଙ୍ଗ୍ ସିଆଣ୍ଡ୍‌ଟି ସହିତ ୩ ବିଲିୟନ ଡଲାରର ଗ୍ରୀନ୍ ଆମୋନିଆ ଚୁକ୍ତି

### ଆର୍ଥିକ ବର୍ଷ ୨୦୨୭ରୁ ରିଲାଏନ୍ସର ଆୟରେ ନୂତନ ଶକ୍ତି ବ୍ୟବସାୟର ପ୍ରଭାବ ପ୍ରତିଫଳିତ ହେବ: ଅନନ୍ତ ଅମ୍ବାନୀ




**ଭୁବନେଶ୍ୱର,ମୁମ୍ବାଇ,୨୦।୬/ଏନ୍‌ଏନ୍‌ଏସ୍:** ରିଲାଏନ୍ସର ଶକ୍ତି ବ୍ୟବସାୟର ନେତୃତ୍ୱ ନେଉଥିବା ଅନନ୍ତ ଏମ୍. ଅମ୍ବାନୀ, କମ୍ପାନୀର ନୂତନ ଶକ୍ତି ବ୍ୟବସାୟକୁ ରିଲାଏନ୍ସର ପରବର୍ତ୍ତୀ ପ୍ରମୁଖ ଅଭିବୃଦ୍ଧି ଯାତ୍ରାର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ଭାବରେ ବର୍ଣ୍ଣନା କରିଛନ୍ତି। ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ଲିମିଟେଡର ୪୯ତମ ବାର୍ଷିକ ସାଧାରଣ ବୈଠକରେ ଅଭିଭାଷଣ ଦେଇ, ସେ କହିଛନ୍ତି ଯେ ନୂତନ ଶକ୍ତି ବ୍ୟବସାୟ ୨୦୨୬-୨୭ ଆର୍ଥିକ ବର୍ଷରୁ ରିଲାଏନ୍ସର ଆର୍ଥିକ ପ୍ରଦର୍ଶନରେ ଏକ ଅର୍ଥପୂର୍ଣ୍ଣ ଯୋଗଦାନ ଦେବା ଆରମ୍ଭ କରିବ। ଅନନ୍ତ ଅମ୍ବାନୀ କହିଛନ୍ତି, 'ଆର୍ଥିକ ବର୍ଷ ୨୦୨୭ରୁ, ନ୍ୟୁ ଏନର୍ଜି ରିଲାଏନ୍ସର ଆର୍ଥିକ ପ୍ରଦର୍ଶନରେ ଅର୍ଥପୂର୍ଣ୍ଣ ଯୋଗଦାନ ଦେବା ଆରମ୍ଭ କରିବ। ସୌର ମଡ୍ୟୁଲ୍‌ରୁ ବାଣିଜ୍ୟିକ ରାଜସ୍ୱ ଏହି ବର୍ଷ ଆରମ୍ଭ ହେବ। ବ୍ୟାଟେରୀ କାରଖାନା ଏହି ବର୍ଷ କାର୍ଯ୍ୟକ୍ଷମ ହେବ। ଏବଂ ସାମସଙ୍ଗ ସିଏଣ୍ଡଟି ଚୁକ୍ତିନାମା କେବଳ ଏକ ପ୍ରତିଶ୍ରୁତି ନୁହେଁ; ଏହା ଏକ ସ୍ୱାକ୍ଷରିତ ଚୁକ୍ତିନାମା।' ରିଲାଏନ୍ସ ସବୁଜ ଆମୋନିଆ ପାଇଁ ସାମସଙ୍ଗ ସିଏଣ୍ଡଟି ସହିତ ୩ ବିଲିୟନ ଡଲାର ଦୀର୍ଘକାଳୀନ ଯୋଗାଣ ଚୁକ୍ତିନାମା କରିଛି। କମ୍ପାନୀ ଅନୁଯାୟୀ, ଏହା ବିଶ୍ୱର ସର୍ବବୃହତ ସବୁଜ ଆମୋନିଆ ଅଫଟେକ୍ ଚୁକ୍ତିନାମା ମଧ୍ୟରୁ ଅନ୍ୟତମ ଏବଂ ଏହାର ଗ୍ରୀନ ହାଇଡ୍ରୋଜେନ୍ ପ୍ଲାଟଫର୍ମର ବ୍ୟବସାୟିକ ପ୍ରତିଯୋଗିତାମୂଳକତାକୁ ପ୍ରମାଣିତ କରୁଛି। ଜାମନଗରରେ ୫,୦୦୦ ଏକର ପରିବ୍ୟାପ୍ତ ଧୀରୁଭାଇ ଅମ୍ବାନୀ ଗ୍ରୀନ୍ ଏନର୍ଜି ଗିଗା କମ୍ପ୍ଲେକ୍ସ ଏବେ ବିଶ୍ୱର ସବୁଠାରୁ ସମନ୍ୱିତ ସ୍ୱଚ୍ଛ ଶକ୍ତି ଉତ୍ପାଦନ ଇକୋସିଷ୍ଟମ ମଧ୍ୟରୁ ଅନ୍ୟତମ ହୋଇସାରିଛି। କମ୍ପାନୀର ସୌର ପିଭି ସେଲ୍ ଏବଂ ମଡ୍ୟୁଲ୍ ଉତ୍ପାଦନ ଲାଇନ୍ ପୂର୍ବରୁ କାର୍ଯ୍ୟକ୍ଷମ ହୋଇଥିବା ବେଳେ ପ୍ରାୟ ୧ ଗିଗାୱାଟ ଏଚଜେଟି ମଡ୍ୟୁଲ୍ ଉତ୍ପାଦନ କରାଯାଇସାରିଛି। ରିଲାଏନ୍ସ ବ୍ୟାଟେରୀ କ୍ଷେତ୍ରରେ ଏକ ବଡ ବିସ୍ତାର କରୁଛି। କମ୍ପାନୀର ବିଇଏସଏସ (ବ୍ୟାଟେରୀ ଏନର୍ଜି ଷ୍ଟୋରେଜ୍ ସିଷ୍ଟମ୍) ଏବଂ ସେଲ୍ ଗିଗା-ଫ୍ୟାକ୍ଟ୍ରିର ପ୍ରଥମ ପର୍ଯ୍ୟାୟ, ଯାହାର ବାର୍ଷିକ କ୍ଷମତା ୪୦ ଜିଡବ୍ଲୁଏଚ, ତାହା ଏହି ବର୍ଷ କାର୍ଯ୍ୟ କ୍ଷମ ହେବା ପାଇଁ ଟ୍ରାକରେ ରହିଛି। ରିଲାଏନ୍ସ ଏହାକୁ ୧୨୦ ଜିଡବ୍ଲ୍ୟୁଏଚ୍ ବାର୍ଷିକ କ୍ଷମତା ପର୍ଯ୍ୟନ୍ତ ବୃଦ୍ଧି କରିବାକୁ ପ୍ରତିବଦ୍ଧ। ରିଲାଏନ୍ସ କଚ୍ଛରେ ୫.୫ ଲକ୍ଷ ଏକର ଅଂଚଳରେ ଏକ ନବୀକରଣୀୟ ଶକ୍ତି କେନ୍ଦ୍ର ବିକଶିତ କରୁଛି। ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ ହେବା ପରେ, ଏହା ବାର୍ଷିକ ୪୦ ବିଲିୟନ ୟୁନିଟ୍‌ରୁ ଅଧିକ ସବୁଜ ବିଦ୍ୟୁତ୍ ଉତ୍ପାଦନ କରିବ, ଯାହା ଭାରତର ମୋଟ ବାର୍ଷିକ ବିଦ୍ୟୁତ୍ ଆବଶ୍ୟକତାର ପ୍ରାୟ ୩ ପ୍ରତିଶତ ହେବ। କମ୍ପାନୀ ଆଗାମୀ ୧୦ ବର୍ଷ ମଧ୍ୟରେ ୩ ନିୟୁତ ମେଟ୍ରିକ୍ ଟନ୍ ସବୁଜ ହାଇଡ୍ରୋଜେନ୍-ସମତୁଲ୍ୟ ସବୁଜ ରାସାୟନିକ ପଦାର୍ଥର କ୍ଷମତା ହାସଲ କରିବାକୁ ଲକ୍ଷ୍ୟ ରଖିଛି। ଅନନ୍ତ ଅମ୍ବାନୀ କହିଛନ୍ତି ଯେ ଗିଗା କମ୍ପ୍ଲେକ୍ସ ଏବଂ କଚ୍ଛ ସୌର ଫାର୍ମ ମିଳିତ ଭାବରେ ୨ ଲକ୍ଷ ସବୁଜ ନିଯୁକ୍ତି ସୃଷ୍ଟି କରିବେ। ସେ କହିଛନ୍ତି, 'ବିଶ୍ୱ ମଧ୍ୟପ୍ରାଚ୍ୟ ତୈଳ ଉପରେ ଏହାର ପୁରୁଣା ଶକ୍ତି ନିର୍ମାଣ କରିଥିଲା; ଏବେ, ବିଶ୍ୱ ଭାରତୀୟ ସୂର୍ଯ୍ୟକିରଣ ଉପରେ ଏହାର ନୂତନ ଶକ୍ତି ନିର୍ମାଣ କରିବ।'

ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ଆବିର୍ଭାବ ୨୧.୦୨.୧୯୫୧

ତିରୋଧାନ ୧୧.୦୬.୨୦୨୬

୰ଅନିତା ପାତ୍ର

ରାଜେନ୍ଦ୍ର ନଗର, ମଧୁପାଟଣା, କଟକ

ଆପଣଙ୍କ ଶୂନ୍ୟତା ଅପୂରଣୀୟ। ଆପଣଙ୍କ ସ୍ନେହ, ଶ୍ରଦ୍ଧା, ଆଦର୍ଶ, କର୍ତ୍ତବ୍ୟନିଷ୍ଠା, ନିଃସ୍ୱାର୍ଥପରତା, ତ୍ୟାଗ ଓ ସମୟାନୁବର୍ତ୍ତିତା ଆମମାନଙ୍କ ପାଇଁ ଚିରପାଥେୟ ହେବ। ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମର ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଅଛୁ।

ଶୋକସନ୍ତପ୍ତ - ପୁତ୍ର : ଶ୍ୟାମପ୍ରସାଦ, ବିଜୟ, ସଞ୍ଜୟ, ଅକ୍ଷୟ, ବୋହୂ : ଆକାଂକ୍ଷିତା, ପୂଜା, ନନ୍ଦିତା, ମମତା, ନାତି ଓ ନାତୁଣୀ : ସୋନି, ଆଣ୍ଟୁ, ଚୁଟୁ, ଇତା, ସାନ୍, କାହ୍ନା, ଭାଇ : ଜୟନ୍ତ, କୁନା, ମୁନା ଏବଂ ସମସ୍ତ ବନ୍ଧୁ ଓ ପରିବାରବର୍ଗ

## କଟକରେ ଅଚିହ୍ନା ଲାଗନ୍ତିନି କେହି



ସେନାପତି ପ୍ରଦ୍ୟୁମ୍ନ କେଶରୀ

କିଏ ନ ଜାଣେ ଯେ ଦୋସ୍ତିରେ ଏକ ନମ୍ବର କଟକ
ପ୍ରେମରେ ଓସ୍ତାଦ, ମନ ଦେବାରେ ମସ୍ତ
ଟିକେ ଭାଇଚାରା ପାଇଗଲେ
ଆପେ ହୋଇଯାଏ କଟକର ମଥା ନତ !

ପୁରୁଣା ଛାତିସବୁକୁ କୋଳେଇ ଗଢେ ନୂଆ ବାରବାଟୀ
କାଲିର ସକାଳ ପରି ଆଜିର ସକାଳକୁ
ମାଜିମୁଜି ପକାଏ ସୁନ୍ଦର ଝୋଟି।
କଟକରେ ପାଦ ଦେଲେ ଠୁଙ୍ଗାପୁରିର ବାସ୍ନା ପରି
ମହକି ଉଠେ ସଙ୍ଗ ସୁଖ
ଛାତିରେ ଛାତି ମିଶାଇବାକୁ ଭାରି ଭଲପାଏ କଟକ
ସଞ୍ଜବେଳେ ପିଣ୍ଡାରେ ସାଙ୍ଗ ମେଳେ ବସି
ବୁଢୀ ମା'ଠାରୁ ଶୁଣେ ମଜା ମଜା ଗପ !

ଯେଉଁ ପୂନେଇଁ ଜହ୍ନରେ ନଥାଏ କଳା ଦାଗ
ସ୍ନେହର ଚୁମାରେ ଦୂରେଇଦିଏ ସବୁ ଅବସାଦ
ଯେଉଁଠି ହୃଦୟ ପାଖରେ ହାର୍ ମାନେ ଈର୍ଷା କପଟ
ମନରେ ମଇଳା ନେଇ କେହି ଏଠିକି ଆସିଲେ
ସବୁଠୁ ବେଶି କଷ୍ଟ ପାଏ କଟକ !

ଅବଶ୍ୟ, କଟକ କଥା କହେ ରୋକ୍ ଠୋକ୍
ହେଲେ ତା'ର ନଥାଏ ମୋଟେ ପାତର ଅନ୍ତର
ସବୁରି ପାଇଁ ହୃଦୟରେ ରଖିଥାଏ ମିଠା ସ୍ନେହ
ଛଳନାର ଛୁଞ୍ଚି ଯୋଉଠି ଭୁକିବାକୁ ପାଏନାହିଁ ବାଟ।

କଟକରେ କେତେ ବଜାର, କେତେ ବସ୍ତି, କେତେ ସାହି
କେତେ ଜାତି, କେତେ ସଂପ୍ରଦାୟ
ହେଲେ ସମସ୍ତେ ଲାଗନ୍ତି ଭାଇ ଭାଇ,
ଅଚିହ୍ନା ଲାଗନ୍ତିନି କେହି।
ମୁହଁକୁ ଚାହିଁ ଟିକେ ହସିଦେଲେ
ପର ଅପର ଭୁଲି କଟକ
ପାଲଟିଯାଏ ପ୍ରେମର ଗୋଟେ ଛଳ ଛଳ ନଈ।

ସ୍ନେହରେ ବତୁରି, କାନି ପଣତରେ ପୋଛି
କୋଳକୁ ନିଏ ଭିଡି
ମୋ କଥା ଯଦି ପରତେ ହଉନି
ତେବେ ଶେଖବଜାରରେ ରହେ ଅକ୍ଷୟ ମହାନ୍ତି
ତାକୁ ପଚାରୁନ,
ସେ କହିବ, କଟକର ମନଟା କେମିତି।

ମହାନଦୀ କୂଳର ଶୀତଳ ପବନ ଛୁଆଁ ଥରେ ପାଇଗଲେ
ଆପେ ଭୁଲିଯିବ ତୁମ ପାଦଚଲା କ୍ଳାନ୍ତି
ଇଚ୍ଛା ହେବ,
କାଠଯୋଡ଼ି କୂଳରେ କାଟିବାକୁ ଗୋଟେ ଜ୍ୟୋତ୍ସ୍ନାଭିଜା ରାତି।

**ସାଇ ସର୍ଜନା, ଜଗନ୍ନାଥ କଲୋନୀ**
**ବାଲିକୁଦା, କଟକ-୭୫୩ ୦୧୧**
**ମୋ:୬୩୭୧୫ ୨୩୫୯୮ରଲୁ**

# କବିତାର ଧାର



ଅଜୟ ପ୍ରଧାନ

ପ୍ରତିବାଦ ବା ବିଦ୍ରୋହ ପରି ଶବ୍ଦମାନେ କେବଳ କେତେକ ପାଠକଙ୍କୁ ଖରାପ ଲାଗେନି, ବହୁ ବରିଷ୍ଠ ସାହିତ୍ୟିକ ଓ ପଦାଧିକାରୀମାନଙ୍କୁ ବ୍ୟସ୍ତ କରିଦିଏ। ଶାସକୀୟ ସତ୍ତାକୁ ବି ଝଟକା ଲାଗେ। ଯଦିଓ ଗଣତନ୍ତ୍ରର ଏଇଟା ଗୋଟାଏ ଅଭିନ୍ନ ଅଙ୍ଗ। କିନ୍ତୁ ଏଇଟାକୁ ଅଣଦେଖା କରିବାକୁ ସମସ୍ତେ ଇଚ୍ଛା କରନ୍ତି। ପାଣି ସ୍ଥିର ରହିବାକୁ ଭଲ ଲାଗେ। ଖପରାଟିଏ ପଡ଼ିଲେ ଥରିବ, ଢେଉ ବାହାରିବ; ପୁଣି ସେ ଢେଉରୁ ଆଉ ଗୋଟାଏ ବାହାରିବ ପୁଣି ସେଥିରୁ ଯାଇ ... କଣକଣ ହବ କିଏ କହିବ। ତାକୁ ନିଘା ରଖିବାକୁ ବେଳ କାଇଁ? ପ୍ରକୃତରେ, ଏବେ, କାହାରି ବେଳ ନାଇଁ। ସମସ୍ତେ କମ୍ପାନୀରେ କାମ କରୁଚନ୍ତି, ନଇଲେ କମ୍ପାନୀ ଜିନିଷ ଭିତରେ ଏପଟସେପଟ ହଉଚନ୍ତି। କାମ ଭିତରେ କାମ। ମୁଣ୍ଡ ଟିଣ। ଭାବିବାକୁ ସମୟ ନାଇଁ କି କହିବାକୁ। ଏପରିକି ମା'ବାପ ମରିଗଲେ ଶୁଦ୍ଧ ହବାକୁ ବେଳ ନାଇଁ। ସବୁ ରବିଶ୍...!

ତଥାପି, ଚଳନ୍ତି ଦୁନିଆରେ କିଛି ଅଲଗା କିସମର ଥାଆନ୍ତି, ଯୋଉମାନେ 'ବର୍ତ୍ତମାନ'କୁ ପୋଲାଫାଙ୍କିଆ ଛାଡ଼ି ଦିଅନ୍ତି ନାଇଁ। ବର୍ତ୍ତମାନକୁ ଅକ୍ତିଆର ଭିତରକୁ ଆଣିବାକୁ ପ୍ରୟାସ କରି ନିଜେ ବଞ୍ଚନ୍ତି ଓ ଅନ୍ୟକୁ ବଞ୍ଚିବାର ବାଟ ଦେଖାନ୍ତି। ସୁଆଦ ଯିଏ ପାଇଲା ଯେମିତି!

ପ୍ରକୃତରେ ପରିବାରଠୁ ଆରମ୍ଭ କରି ସମାଜର ସବୁ ସ୍ତରରେ କୌଣସି ବ୍ୟତିକ୍ରମ ଦିଶିଲେ ବାଧା ଆସେ ପ୍ରଥମେ। ଦମନ କରିବାର ବିଧି ସବୁ ସ୍ତରରେ ବିଦ୍ୟମାନ ଯେମିତି, ସେମିତି କିଛି ବଦଳେଇବାର ବିଶ୍ୱାସରେ ଆଉ କିଛି ଥାଆନ୍ତି। ସେ ତରୁଣ ତୁର୍କୀ ଭାବରେ ହଉ କି ଆଙ୍ଗ୍ରି ୟଙ୍ଗ୍ ମ୍ୟାନ୍ ଭାବରେ। ସ୍ଥିର ପାଣି ଶେଷରେ ଗୋଳିଆ ହେଇଯାଏନି କି? ବ୍ୟବହାର ଅଯୋଗ୍ୟ ବି ହେଇଯାଏ। ସେଥିପାଇଁ କୁଅ ଉଝଳା ଯାଇ ନୂଆ ପାଣି ଝରିବାକୁ ବାଟ ଖୋଲାଯାଏ। ପୋଖରୀ ଘୋଳି କରାଯାଏ। ନଇଲେ, ଆଗରୁ ଦେଖିଲେ ଯେନ୍ତା, ପଛରୁ ଦେଖିଲେ ସେନ୍ତା, କଟକ ପରି ଯୋଉପଟୁ ପଡ଼ିଲେ ବି ସମାନ!

ଆଗକୁ ଯିବା, ନୂଆ ଦେଖିବାର ଇଚ୍ଛା ହିଁ ସମାଜକୁ ବଦଳାଏ, ସାହିତ୍ୟରେ ବି ସେମିତି। ମଣିଷ ପାଇଁ ବି ସେମିତି। ଟିକେ ଉଝାଳି ହେବା ଦରକାର; ନୂଆ ପାଣି ଖୋଜି ଭରିବା ଦରକାର। ଏଥିରୁ ସୁଆଦ ଖାଲି ମିଳେନି, ସ୍ୱାସ୍ଥ୍ୟ ପାଇଁ ଶକ୍ତି ମିଳେ, ସୌନ୍ଦର୍ଯ୍ୟ ବି ଫୁଟେ। ଆଧୁନିକବାଦୀଏ ତ ସାହିତ୍ୟ ପାଇଁ ଗୋଟାଏ ବଦଳରେ ଦଶଟା ସାର ଦେଇ ଫସଲ କରି ଚମକେଇ ଦେଲେ ନା ନାଇଁ!

ଜୈବିକ ସାର ପ୍ରତି ଆଗ୍ରହ ଆଉ ରହିଲା ନାଇଁ ସତ, କିନ୍ତୁ ନୂଆ ଫୁଲ ଫୁଟିଲା ସାହିତ୍ୟରେ ହେଲା ନା ନାଇଁ? ଗୋଟାଏ ଗଛରେ ଗୋଲାପ ଆଉ କନିଅର ଫୁଟିଲା। କଲମୀ ଚାଷରେ, କିଛି ଆଗ୍ରହ କିଛି ବିସ୍ମୟରେ ସମୟ କଟିଗଲା ନା ନାଇଁ? ସେଇଟା ଜଣାପଡ଼ିବାରୁ ସିନା ଜୈବିକ ସାରର ପ୍ରୟୋଗ କରିବା ହିଁ ଶ୍ରେଷ୍ଠ ପନ୍ଥା ଜଣାପଡ଼ିଲା; ଇଆ ସ' ମହତ ଜଣାପଡ଼ିଲା ଓ ବଢ଼ିଲା। ରୋଗ ନ ଥାଇ ଓଷଦ କିଏ କାଇଁ ଖୋଜିବ?

ପ୍ରକୃତରେ ଗଭୀର ଭାବନା ହିଁ ସକଳ ଆଲୋକର ଉତ୍ସ।
ବୈଷୟିକ ଉନ୍ନତି ପାଇଁ, ଭୌତିକ ସୁଖ ସୁବିଧା ପାଇଁ, ପରିବାର ପାଇଁ ମଣିଷର ସମୁଦାୟ ସମୟ ହିଁ ସେଇଥିରେ ସରିଯାଏ। ଗଣଦୌଡରେ ସାମିଲ ହେଇ, ଖୁସିରେ ରହିବାକୁ ଶ୍ରେୟସ୍କର ମନେକରେ। ନିର୍ଦ୍ଧାରିତ ପଥରେ ଚାଲିବାକୁ ଘରୋଇ ମଣିଷ ସବୁଠି, ସବୁକାଳେ ଇଚ୍ଛା କରନ୍ତି। ଏମିତି ଯଦି ଦେଖିବେ, ନିଜକୁ ପରଖିବା ପାଇଁ କେହି ପ୍ରସ୍ତୁତ ନାହାନ୍ତି। ଯାହା ଆସେ ତା' ନିଜ ପାଖରେ ରହିରହି ମରେ (କାରଣ, କର୍ମ ଭୀରୁତା ଅଥଚ କଥା ମେଘଡମ୍ବରୁ), ଅଥବା ଭାବିବା କାମଟି ସିଧାସଳଖ ନିଜ ଦ୍ୱାରା ହେଇ ନାଇଁ; ଅର୍ଥାତ୍ ଅନ୍ୟ ବା ପ୍ରାୟୋଜିତ। ଏମାନେ ଅକ୍ଷମ ଓ ଅକର୍ମଣ୍ୟ। ଏ ଲୋକଙ୍କଠୁ ସମାଜ ଦେଖିବା ଛଡ଼ା କିଛି ଆଶା କରେନା। ଏମାନେ ଦେଖିବାକୁ ଇ ଭଲପାଆନ୍ତି। ଯିଏ ନ ଭାବିବ, ପଙ୍କରେ ନ ପଶିବ- ସିଏ ଗୋଡ଼ ଧୋଇବ କିଆଁ, କିଆଁ ମୁଣ୍ଡକୁ ତଡେଇବ?

ହେଲେ, ଯୋଉମାନେ କିଛି ନୂଆ ଚାହାନ୍ତି, ସେମାନେ ପଙ୍କରୁ ପଙ୍କଜ ଖୋଜନ୍ତି। ପାଇବା ନ ପାଇବା ଭିତରେ ବୁଡ଼ି ମରନ୍ତି ନାଇଁ।

କବିତାର ଖୋଜିବା ମାନେ ତମାମ ଇତିହାସକୁ ଘାଂଟିବା। ଖୋଜିବା ମାନେ, ପଥିକମାନଙ୍କର ହିସାବ ଖାତା ଓଲଟେଇବା। କବିତାସବୁରେ ଯୋଉ ଶବ୍ଦ ଖେଳ, ଯୋଉ ଶବ୍ଦ ଚାତୁରୀ, ଯୋଉ ଶବ୍ଦ ବୈଭବ ତାକୁ ଗୋଟିଗୋଟି ଦେଖିବା, ତଉଲିବା ଓ ତାକୁ ମାଜିବା। ସେଥିପାଇଁ କବି ଏକ ଶ୍ରମିକ ଓ ଅହରହ ଖଟଣି ହିଁ କବି କର୍ମ। କାମ ଭିତରେ ଟିକେ ତଉଲିବା ବେଳେ,ପରଖିବା କାମଟି କରିବା ବି ଜରୁରୀ।
ତା'ହେଲେ ଯତ୍ନ କରିବା ଜାଣିହବ ଓ ତା' ହିଁ ଦବ ରତ୍ନ। ନୂଆ କିଛି କଥା ଆସିବ। କାରଣ କବି ଜଣେ ପାଳକ, ନିଃସଙ୍ଗତାର ପ୍ରତିଷେଧକ, ଜଣେ ଅଧାଡୁଆ ଦାର୍ଶନିକ। ଧାର୍ମିକ ଉପାୟରେ ହିଂସାକୁ ବି ସେ ଆୟତ୍ତ କରିପାରେ, ନିଆଁକୁ ସେ ଦିଆସିଲି କାଠିରେ ଥୋଇପାରେ, ସକାଳର ସୂର୍ଯ୍ୟରଶ୍ମୀକୁ ଛୋଟିଆ କଣା ପଟେ ଆଣି ଅନ୍ଧାରକୁ ଦୂରେଇ ପାରେ। କିନ୍ତୁ ପାରିବା ପାଇଁ ପାରିବାର ହବା ଉଚିତ। ପାରଙ୍ଗମ ହେଲେ କାମଟି ବାମ ହବାର ପ୍ରଶ୍ନ ନାଇଁ। ନଇଲେ କଟକ କଟକ ହେଇ ରହିବ କବିତାରେ, ଝଟକିବ ନାଇଁ କଟକ ତାରକସିରେ। କବିତା କେବଳ ଚାରୁ ଶିଳ୍ପ ହେଲେ ଚଳିବ ନାଇଁ, ସମୟର ଚାହିଦା ଅନୁସାରେ ଭାରୀ ଶିଳ୍ପ ହେବା ନିହାତି ଆବଶ୍ୟକ।

କହିବା ଜରୁରୀ ନୁହେଁ ଯେ ପ୍ରତିବାଦ ବା ବିଦ୍ରୋହ ଅର୍ଥ ନୁହେଁ ସମୂଳେ ନାଶ କରିବା। ବିଶେଷ କରି ସାହିତ୍ୟରେ, କବିତାରେ ଏଇଟା ବାହାସ୍ଫୋଟ ମାତ୍ର। ଦଶଟା ମୁଣ୍ଡ ବି ସମୂଳେ ନାଶି ପାରିବ ନାଇଁ।

ଏକଥା ଠିକ୍ ଯେ ତରୁଣମାନଙ୍କର ଦୃଷ୍ଟି 'ନୂଆ'ରେ ଥାଏ। ପ୍ରଚଳିତ, ପ୍ରଥାସିଦ୍ଧ ପନ୍ଥାକୁ ନ ଆପଣେଇବାର ମାନସିକତା ଥାଏ। ଥାଏ ମାନେ ପରିବେଶରୁ ଆସିଥାଏ ବା ଅନ୍ୟର ଚିନ୍ତାରୁ ସଂକ୍ରମିତ ହେଇଥାଏ। କୌଣସି କାରଣ ବା ଘଟଣା ତା ପଛରେ ଥାଏ, ଯା'କୁ ତା



ମନ ଆତ୍ମା ସ୍ୱୀକାର କରିବାକୁ ପଛାଏନା। ସେଇଠୁ ଆରମ୍ଭ ହୁଏ ନୂଆ ନିଆଁର ନିଆଁ। କୁହୁଳି କୁହୁଳି ପାଳବିଣ୍ଡାକୁ ମଶାଲ କରିବା ଯାଏଁ ସିଏ ପାରୁପର୍ଯ୍ୟନ୍ତ ଲାଗିବ। ଯେମିତି ଛୋଟ କଥାଟିଏକୁ ଗ୍ରହଣ କରିପାରିଲେ ନାଇଁ ନେପାଳରେ। ଶାସନତନ୍ତ୍ର ବି ଓଲଟିଗଲା। କହିବା ନିଷ୍ପ୍ରୟୋଜନ ଯେ ଏହି ଘଟଣା, ପୁଣି ମନରେ ଗୁଞ୍ଜି ଦେଲା ଗୋଟିଏ ବାର୍ତ୍ତା: ଗୋଟିଏ ସମାଜ ଗଠନ ପାଇଁ ଗୋଟିଏ ମାନସିକତା ପରିବର୍ତ୍ତନ ପାଇଁ 'ଏକାଠି' ହେବା ଜରୁରୀ। ମାନସିକତାର, ଦୃଷ୍ଟିକୋଣର ପରିବର୍ତ୍ତନ ପାଇଁ ଏକ ପ୍ରତିବାଦ ଜରୁରୀ। ପ୍ରତିବାଦ ଅଥବା ପ୍ରତିଧ୍ୱନିରୁ ଆସିଥାଏ ପରିବର୍ତ୍ତନର ସ୍ୱର, ସେଇଟା ଜୀବନରେ ହେଉ ବା ସାହିତ୍ୟରେ।

ନିଆଁ ଧୂଆଁ ଧ୍ୱଂସ ଭିତରେ ନୂଆ ଆସେ। ଅବଶ୍ୟ ନୂଆ ସ' ଆସେ କିଛି ଅସ୍ଥିରତା ଓ ଅତୀତ ପ୍ରବଣତା। କାରଣ ସ୍ମୃତି ମଣିଷର ଜୀବନରେ ଗୋଟେ ପ୍ରାଣଧାରା। ବିଖ୍ୟାତ ଔପନ୍ୟାସିକ ତଥା ଗାଳ୍ପିକ ଗାବ୍ରିଏଲ୍ ଗାର୍ସିଆ ମାରକ୍ୱେଜ୍ ବି ଏଇ ସ୍ମୃତିର ଜଣେ ଅବିଶ୍ୱସନୀୟ ବିନ୍ଧାଣୀ। ସ୍ମୃତି ସ' ମଣିଷ ତା' ଜୀବନ କେମିତି ବିତେଇଚି ସେଇଟା ମୁଖ୍ୟ କଥା ବୋଲି ସେ କହନ୍ତି। ସ୍ମୃତିଠୁ ସ୍ୱପ୍ନ ବୋଧେ ବେଶୀ ସତେଜ, ଯୋଉଠି ମରିଯାଇଥିବା ଲୋକ ବି ଅବିକଳ ଜୀଇଁ ଥାଏ, ଅବିକଳ ଢଙ୍ଗୀ ଓ ସ୍ୱରରେ କହୁଥାଏ! ବଡ଼ ବିସ୍ମୟ ଏ ଦୁଇଟି ଭୂମି। କବିତାର ବି ଏ ଦୁଇଟି ଭୂମି କବିକୁ ବିଜଡ଼ିତ କରି ରଖେ। ବହୁ ସଫଳତାର ଇଏ ଚାବିକାଠି!

ସ୍ମୃତି ଓ ସ୍ୱପ୍ନ ଯଦି ଗୋଷ୍ଠୀ ଭିତରୁ ଆସିଥାଏ ଓ ଗୋଷ୍ଠୀ ଭିତ୍ତିକ ହେଇଯାଏ ତ ପୃଥିବୀ ଏକ କୁଟୁମ୍ବୀ ବୋଲି ଧରିନେବା ସ୍ୱାଭାବିକ। ଉଚ୍ଚ ଭାବନା ଦ୍ୱାରା ସମାଜ ଓ ମଣିଷ ସମୂହର ପରିବର୍ତ୍ତନ ଆଣିପାରେ ମାନସିକ ଓ ଆତ୍ମିକ ସ୍ତରରେ। ସମାଜ ଗଠନରେ ଏଇଥିପାଇଁ ସାମୂହିକ ଚେତନାର ଜାଗରଣ ଦରକାର। ଜଣେ ପୂଜାର୍ଚ୍ଚନା ବା ହୋମ କରି ନିଜ ଶୋଷ ମେଣ୍ଟେଇ ପାରନ୍ତି କିନ୍ତୁ ସାମୂହିକ କଲ୍ୟାଣ ନିମନ୍ତେ ଲୋଡ଼ା ଯଜ୍ଞ। ଯଜ୍ଞ ହିଁ ଜରୁରୀ। ଯଦିଓ ସବୁ ଯଜ୍ଞର ସମାପନ ଅଛି ଓ ଆଉ ଏକ ନୂଆର ଉନ୍ମେଷ ହେବା ଅପେକ୍ଷାରେ ରହେ। କିନ୍ତୁ କରିବା ଲୋକ, ବୁଝିବା ଲୋକ, ଜାଣିବା ଲୋକ ଓ ବୁଝେଇବା ଲୋକ ଏକାଠି ହେଲେ ତ!

ଏଇ 'ତ' ରୁ ମନକୁ ଆସୁଚି ଗୋଟିଏ କବିତା ବହିର ନାଆଁ : 'ଅଛେ ତ'। କବି ଅମରେଶ ପଟ୍ଟ ନାୟକଙ୍କର। ଟିକେ ଲକ୍ଷ୍ୟ କରନ୍ତୁ ପୂର୍ବୋକ୍ତ 'ତ'ରେ ଯୋଉ ଦ୍ୱିଧା ଥିଲା ଏଥିରେ ନାଇଁ। ଗାଁର ଉପରେ ତଳେ କରରେ ପଛରେ ରହିଚି ଗୋଟିଏ ଛୋଟିଆ ବିଶ୍ୱାସର ଆଭା ମଣ୍ଡଳ। ଲକ୍ଷ୍ୟ ବି କରନ୍ତୁ କବିତା ବୁଲିକି ଯାଉ ପଛେ ଶୀର୍ଷକଟି, ଶବ୍ଦ ଦୁଇଟି କେମିତି ଗୋଟେ ମନ୍ତ୍ରରେ ପରିଣତ ହଉଚି। ସ୍ଥିତିବାଦୀ ଅହେତୁକତା ଭିତରେ ସ୍ଥିତିର ଜାହିର କରୁଚି। ଥରେ ଭାବନ୍ତୁ। ଏକଥା ବି ସୂଚନା ଦିଏ ଯେ କବିତା ମନ୍ତ୍ର ଯନ୍ତ୍ର ବାହାରେ ଗୋଟିଏ ସାଧାରଣ ଶବ୍ଦ-ତନ୍ତ୍ର!

ମନର ତାଡ଼ନାରେ ରାସ୍ତା ବଦଳିଯାଏ। ଭାବନାର ଅସ୍ଥିରତା ଏମିତି ଟାଣି ନେଇଯାଏ ଓ ଅନ୍ୟ କିଛି ଯଦି ଲୋଭନୀୟ କି ଆକର୍ଷଣୀୟ ହେଇଥାଏ ବୁଦ୍ଧି ସିଦ୍ଧି ସବୁ ନଷ୍ଟ ହେଇଗଲେ ବି ପରୁଆ ନ କରି ତା' ପଛରେ ମନ ବୋହିଯାଏ।

ସେଥିପାଇଁ, କବି ଟିକେ ଜାଗତିଆର ରହିବା ନିହାତି ଆବଶ୍ୟକ।
କବିତାରେ ଏପଟସେପଟ ହେଲେ ନିଜ ଶର ନିଜକୁ ବିଦ୍ଧ କରେ। ପ୍ରତିବାଦ କି ପ୍ରତିରୋଧ କରିବାକୁ କେହି ନ ଥା'ନ୍ତି!

**ଦଇତାପଡ଼ା ସାହି, ପୁରୀ-୧**

## ପ୍ରେମପକ୍ଷ ରାତି



ଜିତୁ ପ୍ରଧାନ

ଅନ୍ଧାର ରଙ୍ଗର ଉଆଁସରେ ଦାଉ ଦାଉ ଜଳୁଛି
ତୋ ଜହ୍ନ ରଙ୍ଗର ଦର ପାଚେଲା ଦେହ
ତୋତେ କ'ଣ ଅଜଣା ନା ଅଶୁଣା
ଯୋଉ ଟିପେ ରଙ୍ଗ ବୋଳିଥିଲୁ ମୋ' ଡେବିରି ଗାଲରେ
ସେଇ ରଙ୍ଗରେ ଏବେ ଫଗୁ ଫଗୁ ଦିଶୁଛି
ଗୋଟାକଯାକ ମୋ କଞ୍ଚା ହଳଦୀପାଣି ଗାଧୁଆ ଦେହ।

ପାଣିରେ ଧୋଇଲି ତ ସାରା ମୁହଁ ଦିଶିଲା
ଗୋଲାପୀ, ଶାଗୁଆ, ଆକାଶୀ ରଙ୍ଗର ନୀଳ
ପୁନେଇଁ ରାତିରେ ଯେମିତି ଦିଶେ ତୋ ଓଢଣାର ରଙ୍ଗ।

କି ଅତର ବୋଳି ଦେଇଗଲୁ ମୋ ଦେହସାରା
ଏବେ ବି ମହ ମହ ମହକୁଛି ବାସ୍ନା
ତାଜା ଲାଗୁଛି କାନ୍ଧରୁ ଓହ୍ଲେଇ ପଡ଼ିଥିବା
ଗୋଟେ କ୍ଳାନ୍ତ ଅପରାହ୍ନର ପାଦଚିତ୍ର।

ଦେଖ୍ ମୋ ରୁମାଲରେ ଛପି ଯାଇଛି
ତୋ ପାପୁଲିରଙ୍ଗର ହଳେ ଫିକା ବାଦାମୀ ଓଠ
କମଳା ରଙ୍ଗର ହାଲ୍କା ଲିପଷ୍ଟିକ୍ ଦାଗ
ମୁଁ ଡେଇଁ ପାରୁନି ତୋ ଓଠର ଚଗଲାମୀ କି
ଅତିକ୍ରମ କରି ପାରୁନି ତୋ ନଖରେ ଗାରେଇ ଥିବା
ମୋ ସାରା ଦେହର ନଖରାମୀ।

ନାକ ଅଗରେ ମୁଠାଏ ଗଙ୍ଗଶିଉଳିର ବାସ୍ନା ପରି
ତୁ ମୋ ନିଶ୍ୱାସ ସହ ମିଶି ଯାଉଛୁ ପ୍ରତିକ୍ଷଣ।

ମୋ' ଘର ସାରା ତୋ ଠିକଣାର ପୋଷ୍ଟକାର୍ଡ
ଆଜି ହିଁ ବିକ୍ରିକରିଦେଲି ପୁରୁଣା କାଗଜ ଦରରେ।

ମନେ ଅଛି ହ୍ୱାଟସଆପ ବ୍ଲକ୍ କରି ତୁ ଲେଖୁଥିଲୁ ମେଲ୍
ସେଇ ମେଲ୍‌କୁ ତୋ ଛାତି ଓସାରର ଫର୍ଦ୍ଦେ କାଗଜରେ ଛାପି
ଟାଙ୍ଗି ଦେଇଛି ମୋ ପଢ଼ା ଘରେ
ଏବେ ଏବେ ତୋ ନେଲ୍‌ପଲିସ୍ ରଙ୍ଗର ଅତର ଶିଶିଟିଏ
ଖରିଦ କରି ପଠେଇଛି ପୋଷ୍ଟାଲରେ, ସ୍ପିଡ୍ ପୋଷ୍ଟରେ।

ଦେଖିବୁ ତୋ ଦେହରେ ଅତର ଛିଞ୍ଚିଲେ
ମୋ ଝର୍କାରେ ଥିବା ମଲ୍ଲିରେ ଚହଟିବ ବାସ୍ନା
ତୁ ଅନିଦ୍ରା ହେଲେ ରାତି, ମୋ ଗଙ୍ଗଶିଉଳି
ଝଡ଼ିଦବ ସମ୍ପର୍କର ଫୁଲ ଯେମିତି ଦିନେ
ତୋଠୁ ଝଡ଼ି ଯାଇଥିଲି ମୁଁ।

କେତେ ଆଉ ବାନ୍ଧି ହେଇ ରହିବୁ ଦେହରେ
ନଈ ପରି ଡେଇଁଆ ଭାଙ୍ଗି ଦେଇ ଦେହର ନଦୀବନ୍ଧ
ସମୁଦ୍ରରେ ମିଶିଲେ ହିଁ ଜାଣିବୁ ଜୁଆରର ପ୍ରେମିକ ଯନ୍ତ୍ରଣା।

**ନୟାଗଡ଼**
**ମୋ : ୮୨୬୦୭୬୯୪୦୬**

## ଖରା



ଦେବାଶିଷ ଚକ୍ରବର୍ତ୍ତୀ

ଖରାର ଠିଆ ନାଚରେ
ଶୋଷି ହୋଇଯାଏ
ପାହାଡ଼ି ନଈର ଧାର
ଯେପରି କି ସୁଧଖୋର୍ ସାହୁକାର
ବିନା ଦ୍ୱିଧାରେ ହଡପ କରିପାରେ
ନିଃସ୍ୱର ସମ୍ବଳ।

ତାର ତତଲା ନିଶ୍ୱାସରେ
ପୋଡି ପାଉଁଶ ହୁଏ
ବଣର ସୁଷମା
ଅଭାବର ଝାଞ୍ଜିରେ ଯେଉଁପରି
ଝାଉଁଳି ପଡ଼େ
ଛାତି ତଳର ସବୁଜିମା।

ଗୁମ୍‌ସୁମ୍ ଦ୍ୱିପ୍ରହର
ସଭିଙ୍କି ପିନ୍ଧେଇ ଦିଏ
ବିବଶତାର ନୂପୁର
ତେଣୁ, ପକ୍ଷୀଙ୍କ କଳରୋଳ
ବଦଳରେ ଶୁଭୁଥାଏ
ଝିଙ୍କାରିର କାନ୍ଦଣା କେବଳ।

ତୃଷାର୍ତ୍ତ ବାଟୋଇର ଆଖିରେ
ଖରା ରଚିପାରେ
ମରୀଚିକାର ଭ୍ରମ
ଭୋଟର ଆଖିରେ ଯେପରିକି
ନେତାମାନେ ବୁଣିଥାନ୍ତି
ସ୍ୱପ୍ନର କୋଟିକମ।

ଖରା ସୃଜିପାରେ କାଳ ବୈଶାଖୀ
ଯହିଁ ଲୁହର ସ୍ୟାହିରେ
ମୁହଁ କାଗଜରେ ଲେଖି ହୋଇଯାଏ
ଅସରନ୍ତି ଦୁଃଖର ଗୀତି
ତା'ଠାରୁ ବି ଦାରୁଣ ନୁହେଁ କି
ସ୍ୱାର୍ଥପରତାର ଲୋମଶ ହାତରେ
ମଣିଷପଣ ଯେଉଁଠି
ଲହୁଲୁହାଣ ହେଉଥାଏ ଦିନରାତି।

**ମଣ୍ଡୁଆ, କେନ୍ଦୁଝରଗଡ**
**ମୋ -୯୪୩୭୭୫୨୩୯୫**

# ସେଇ ଦୁଇ ହାତ



ପଦ୍ମାଳୟା ପାଢ଼ୀ

ରମ୍ୟା ଭଳି ଜଣେ ବତିଶି ବର୍ଷୀୟା ତରୁଣୀର ସ୍ପୃହାହୀନ ଭାବେ ଛୁଟି ନେଇ ବର୍ଷକୁ ଥରେ ଅଧେ ଘରକୁ ଆସି ଦୁଇ ଦିନ ରହି ପୁନର୍ବାର ଚାକିରୀ ସ୍ଥାନକୁ ପ୍ରସ୍ଥାନ କରିବା ଥିଲା ସମ୍ପୂର୍ଣ୍ଣ ରୂପେ ଆନୁଷ୍ଠାନିକ। ଚାରି ଭଉଣୀ ଗୋଟିଏ ଭାଇର ସଂସାର ଭିତରେ ରମ୍ୟା ବଡ଼ ଝିଅ। ଏବେ ବତିଶି ବର୍ଷ ହେଲାଣି ଦିନେ ଷାଠିଏ ବି ହୋଇଯିବ।

ବାପାଙ୍କ ଗଞ୍ଜେଇ ନିଶା ସାଙ୍ଗକୁ ରମ୍ୟା ସହ ଦି ପଦ କଥା ନହୋଇ ଭଉଣୀ ମାନଙ୍କର ଆଉ କାହା ସାଙ୍ଗେ ଲମ୍ବା ଲମ୍ବା ବାର୍ତ୍ତାଳାପ ଏବଂ ଗୋଟେ ପ୍ରସ୍ତର ମୂର୍ତ୍ତି ସଦୃଶ ବୋଉ ଯାହାର ହୃଦୟ ହିଁ ନଥିଲା ଭଳି ଲାଗେ। ରମ୍ୟାର ନୂଆ ଡ୍ରେସ କିମ୍ବା କିଣା କାନ ଫୁଲ ହଳେ ପିନ୍ଧିବା ଦେଖିଲେ ବୋଉର ତିରସ୍କାର ମୁଖଭଙ୍ଗୀ ରମ୍ୟାକୁ ଦୂର ଦୂର ମାର ମାର କରି ଶୀଘ୍ର ଫେରି ଯିବା ପାଇଁ ପ୍ରବର୍ତ୍ତାଏ।

ସେଦିନ ଘରକୁ ଆସିଲା ବେଳେ ଟ୍ରେନରେ ଖୁନ୍ଦାଖୁନ୍ଦି ହୋଇ ଲୋକ ସବୁ ନିଜ ନିଜର ବସିବା ଏବଂ ଠିଆ ହେବା ସ୍ଥାନ ନିରୂପଣ କରିବା ମଧ୍ୟରେ ଆଜୀବନ ଜେନେରାଲ ବଗି ପାଇଁ ଯୋଗ୍ୟ ବିବେଚିତା ରମ୍ୟାକୁ ବି ସିଟଟିଏ ମିଳିଗଲା। ଆଖିରେ ନିଦ ନଥିଲେ ବି ବେଳେ ବେଳେ ଆଖି ବନ୍ଦ କରି ରହିବାକୁ ହୁଏ। ନିଦ୍ରାହୀନ ଆଖି ଦୁଇଟି ବନ୍ଦ କରି ବସିଗଲେ ବାହାର ଦୁନିଆକୁ ପଚାରେ କିଏ? ଟ୍ରେନଟି ଚାଲିଥାଏ ଏବଂ ମଝି ମଝିରେ ବିକଟାଳ ଶବ୍ଦ କରି ଚେତାଇ ଦେଉଥାଏ ଯେ ସେ ଅଦ୍ୟାପି ଜୀବନ୍ତ। ଭୋର ହେବାକୁ ଅଳ୍ପ ସମୟ ଥିବ ହଠାତ ପ୍ରଚଣ୍ଡ ଭାବେ ଶବ୍ଦ କରି ଟ୍ରେନଟି ଦୋଳାୟମାନ ଅବସ୍ଥାକୁ ଆସି କେହି କିଛି ବୁଝିବା ପୂର୍ବରୁ ଲାଇନଚ୍ୟୁତ ହୋଇଗଲା। ଟ୍ରେନ ଭିତରେ ହଇଚଇ। ଛିନଛତ୍ର ହୋଇ ପଡ଼ିଥିବା ଯାତ୍ରୀଗଣ ଏଣେ ତେଣେ ବାହାରିବାକୁ ଆପ୍ରାଣ ଉଦ୍ୟମ କରୁଥାନ୍ତି।

ଭାରସାମ୍ୟ ହରାଇ ତଳେ ପଡ଼ିଥିବା ରମ୍ୟା ଉପରେ କିଛି ଗୋଟେ ଓଜନିଆ ଜିନିଷ ମାଡ଼ି ରହି ଅଣନିଶ୍ୱାସୀ କରି ଦେଉଥାଏ। ବାହାରିବା ତ ଦୂରର କଥା ରମ୍ୟା ଚାହୁଁଥିଲା ତାକୁ ସବୁଦିନ ପାଇଁ ମୁକ୍ତି ମିଳିଯାଉ ଆଉ ସେଇ ମୁକ୍ତି ନାମକ ଇପ୍ସିତ ଚିଜଟି ଖୁବ ଶୀଘ୍ର ଏହି ଠାରେ ହିଁ ଆସିଯାଉ। ମୁଣ୍ଡ ଆଉ ଗୋଟେ ଓଜନିଆ ଠେଲା ଖାଇ ତଳକୁ ଖସିଲା ବେଳକୁ ଲୁହା କଣ୍ଟା ଭଳି କିଛି ଗୋଟେ ପାଦରେ ପଶିଗଲା। ପାଦକୁ ହଲେଇବାର ଉପାୟ ନାହିଁ ଏବଂ ଟିକେ ହଲଚଲ ହେଲେ କଣ୍ଟାଟି ପାଦ ତଳେ ଲାଖି ରହି ତାର ଉପସ୍ଥିତି ଜାହିର କରୁଛି। ଘୋଷାରି ହେଇ ବି ବାହାରି ହେବନି କାରଣ ମୁଣ୍ଡ ଉଠେଇ ହେଉନି।

ଏପରି ଅଳ୍ପ ସମୟର ସଂଘର୍ଷ ପରେ ହାତଟିଏ ହଠାତ କୋଉଠୁ ବାହାରି ଆସି ତାକୁ ଟାଣିବାରେ ଲାଗିଲା। ଏବେ ଆସିଲା ଆଉ ଗୋଟିଏ ହାତ ଏବଂ ରମ୍ୟା ସମ୍ପୂର୍ଣ୍ଣ ଭାବେ ନିଜକୁ ସମର୍ପି ଦେଲା ହାତ ଦୁଇଟି ଉପରେ। ହାତ ଦୁଇଟି ରମ୍ୟାକୁ ଉଠେଇ ଧରି ଏବଂ କଡ଼େଇ କଡ଼େଇ ବାହାରକୁ ଯିବାକୁ ଲାଗିଲେ ଓ ଅନେକ ଥର ଠେଲା ପେଲା ମୋଡା ମକଚା ଖାଇ ପରିଶେଷରେ ରମ୍ୟାକୁ ନେଇ ବାହାରି ଆସିଥିଲେ ମଧ। ଏକେତ ସ୍ୱଳ୍ପ ଆଲୋକ ଦ୍ୱିତୀୟରେ ହାତ ଦୁଇଟିର ମାଲିକ କଡ଼େଇ କଡ଼େଇ ଯାଉଥିବାରୁ ତା'ର ମୁହଁ ବି ବଙ୍କେଇ ରଖିଥିଲା ସୁତରାଂ ବ୍ୟକ୍ତି ଜଣକୁ ଦେଖିବା ମୁସ୍କିଲ ଥିଲା ରମ୍ୟା ପାଇଁ। କନ୍ଦାକଟା, ଚିତ୍କାର ଓ କୋଳାହଳ ଠାରୁ ଅନେକ ଦୂରକୁ ହାତ ଦୁଇଟି ତାକୁ ବୋହି ନେଉଥିଲେ।
ଏବେ ଯାଇ ମନେ ପଡ଼ିଲା ଯେ ପାଦ ତଳେ କଣ୍ଟା ଭଳି କିଛି ଗୋଟେ ପଶି ପ୍ରବଳ କଷ୍ଟ ହେଉଛି।
ମୁଣ୍ଡ ବି ଭାରି ଭାରି ଲାଗୁଛି।

ଅନେକ ସମୟ ପର୍ଯ୍ୟନ୍ତ ସିମେଣ୍ଟ ବେଞ୍ଚରେ ଉକ୍ତ ଅଜଣା ବ୍ୟକ୍ତିର ଗୋଟେ ହାତ ପାପୁଲି ଉପରେ ମୁଣ୍ଡ ରଖି ଆଖି ବୁଜି ପଡ଼ି ରହିଥିଲା ରମ୍ୟା। ବ୍ୟକ୍ତି ଜଣକ ପାଖ ଦେଇ ଯାଉଥିବା ଲୋକଙ୍କୁ ପାଣି ମାଗି ତା ମୁହଁରେ ଛିଞ୍ଚିବା ସହିତ ଆଖି ବନ୍ଦ ଥିବା ଅବସ୍ଥାରେ ପାଣି ଦି ଢ଼ୋକ ପିଆଇ ବି ଦେଇଥିଲା। କେତେ ସମୟ ପରେ ରମ୍ୟା ଟିକେ ହଲଚଲ ହେଲା। ମୁଣ୍ଡ ପଛରେ ଆବୁଟିଏ ହେଇ ଯାଇଛି ଯେ ମୁଣ୍ଡକୁ ସିଧା ରଖି ହେଉନି କାଟୁଛି। ହାତଟି ରମ୍ୟାର ମୁଣ୍ଡକୁ ଅତି ସରାଗରେ ଆଉଁସି ଦେଉଥାଏ ଓ କପାଳରେ ଆଶ୍ୱାସନା ଭରା ପାପୁଲିକୁ ଧୀରେ ଧୀରେ ସଂଚାଳନ କରୁଥାଏ।

ଏମିତି ଆଖି ବୁଜି ଅନନ୍ତ କାଳ ଯାଏଁ ଶୋଇ ରହି ସେଇ ହାତ ପାଖରେ ଯଦି ନିଜକୁ ସମର୍ପି ହୁଅନ୍ତା ତେବେ? ଆଖପାଖର ଲୋକଙ୍କ କଥାବାର୍ତ୍ତାରୁ ଯାହା କାନରେ ପଡୁଛି ଉଦ୍ଧାରକାରୀ ଦଳ ପହଞ୍ଚି ଗଲେଣି। ଆଉ କେତୋଟି ମୁହୂର୍ତ୍ତ ମଧ୍ୟରେ ରମ୍ୟାକୁ ଉଦ୍ଧାର କରି ହସ୍ପିଟାଲକୁ ନେଇଯିବେ ଏବଂ ସେଠୁ ଘରକୁ!! ରମ୍ୟା ଭାବୁଥାଏ ଆଜି ଯଦି ଗୋଡ଼ରେ କଣ୍ଟା ନପଶିଥାନ୍ତା ହୁଏତ ସେ ଦୌଡ଼ି ଦୌଡ଼ି ଘରକୁ ନଯାଇ କୋଉଠି ଗୋଟେ ଲୁଚି ଯାଇଥାନ୍ତା। ଯଦି ସିଏ ଏଇ ହାତଟିର ସାହାରା ପାଇ ଯାଆନ୍ତା? ସତରେ କଣ ହାତଟି ତାକୁ ସାରା ଜୀବନ ପାଇଁ ସାହାରା ଦେବ? ଆଖି ତ ଖୋଲି ହେଉନି। ଦେହ ହାତ ମୁଣ୍ଡ ଓ ବେକ ଆଘାତପ୍ରାପ୍ତ। ବ୍ୟକ୍ତିଟିକୁ ଏଯାଏଁ ଦେଖିନାହିଁ ସିଏ।

ଉଦ୍ଧାରକାରୀ ଦଳକୁ ଦେଖି ଧୀରେ ଧୀରେ ହାତଟି ମୁଣ୍ଡ ଆଉଁଷା ବନ୍ଦ କରି ଦେଇଥିଲା। ବୋଧେ ଉଠି ଚାଲିଯିବାର ଉପକ୍ରମ କରୁଥିଲା। ହଠାତ ରମ୍ୟା ନିଜର ଦୁଇ ହାତରେ ଭିଡ଼ି ଧରିଲା ହାତଟିକୁ।

-ମୋତେ ଅନ୍ୟମାନଙ୍କ ପାଇଁ ବି ଯିବାକୁ ଦିଅ ପ୍ଲିଜ! କାନରେ କେହି ଜଣେ ଅମୃତ ଢ଼ାଳିଦେଲା କି ସତେ? କଣ ଥିଲା ଏ ବାକ୍ୟରେ କେଜାଣି ହୁଗୁଳା ହୋଇ ଯାଇଥିଲା ରମ୍ୟାର ହାତ ଦୁଇଟି। ଛାଡ଼ି ଦେଇଥିଲା ଯୁଗ ଯୁଗରୁ ଚିର ପରିଚିତ ଲାଗୁଥିବା ସେଇ ହାତଟିକୁ ଆଉ କାହା ପାଇଁ। ଧାରେ ଲୁହ ବୋହି ଯାଇଥିଲା ଆଖି କୋଣ ଦେଇ। ଯିବା ପୂର୍ବରୁ ପୁଣି ଥରେ ରମ୍ୟାର ମୁଣ୍ଡକୁ ଆଉଁସି ଦେଇଥିଲା ସିଏ। ଏଥର ସମସ୍ତ ବଳ ଖଟାଇ ଆଖି ଖୋଲିଲା ବେଳକୁ କେହି ଜଣେ ଚାଲି ଯାଉଥିଲା ଦୂରକୁ ଆହୁରି ଦୂରକୁ ଯାହା ସହିତ ଏ ଜନ୍ମରେ ଆଉ ଭେଟ ହେବ ନାହିଁ। ଲୁହ ଭିତର ଦେଇ ସମ୍ପର୍କଟା ଝାପ୍ସା ଦିଶେ ପରା! ଉଦ୍ଧାରକାରୀ ଦଳ ଆସି ଯାଇଥିଲେ।



ସବୁ ପ୍ରେମର ଉପତ୍ୟକାରେ ରଙ୍ଗବେରଙ୍ଗର ଫୁଲମାନ ଫୁଟି ନଥାଏ କିମ୍ବା ସୁବାସିତ ମହକରେ ପ୍ରେମୀ ମାନଙ୍କୁ ମାତାଲ କରି ନଥାଏ। କେତୋଟି ପ୍ରେମ ଅଣାୟତ୍ତ ପରିବେଶ ମଧ୍ୟରେ ହଠାତ ଆରମ୍ଭ ହୋଇ କିଛି ବୁଝିବା ପୂର୍ବରୁ ହିଁ ଶେଷ ହୋଇଯାଏ ଏବଂ ଏହା ହିଁ ବୋଧେ ସବୁଠାରୁ ଛୋଟିଆ ପ୍ରେମ କାହାଣୀଟିଏ।

**ଭୁବନେଶ୍ୱର**
**ମୋ : ୯୪୩୭୩ ୭୫୫୦୧**

## ନବପ୍ରକାଶ




### ଆଉ ଏକ ଦେବଦାସ

**(ଅନୁବାଦ ଗଳ୍ପ ପୁସ୍ତକ)**
**ଲେଖକ- ଛବିରାଣୀ ପତି**
**ପ୍ରକାଶକ-ପ୍ଲାନେଟ ଭି, କଟକ**
**ମୂଲ୍ୟ-୨୨୫/-**

ଓଡ଼ିଆ ସାହିତ୍ୟ ଜଗତରେ ଜଣେ କବୟିତ୍ରୀ, ଗୀତିକାର, ଗାଳ୍ପିକା ଓ ଅନୁବାଦିକା ଭାବରେ ଛବିରାଣୀ ପତି ବେଶ୍ ଜଣାଶୁଣା। ତାଙ୍କ ଜୀବନରେ ବୃତ୍ତି ଓ ପ୍ରବୃତ୍ତି କହିଲେ ସାହିତ୍ୟ ସେବା। ସାରସ୍ୱତ ବିଭବରେ ତାଙ୍କର ଏହି ଆଦ୍ୟ ଅନୁବାଦ ଗଳ୍ପ ଗ୍ରନ୍ଥ 'ଆଉ ଏକ ଦେବଦାସ' ପାଠକ ମହଲରେ ନିଶ୍ଚିତ ଭାବରେ ଆଦୃତ ଲାଭ କରିବ। ମୂଳ ହିନ୍ଦୀ ମାଲତୀ ଯୋଶୀଙ୍କ ଏଗାରଟି ସୁଦୀର୍ଘ କୃତବିଦ୍ୟ ଗଳ୍ପର ମୌଳିକତାକୁ ଅକ୍ଷୁର୍ଣ୍ଣ ରଖିବା ସହିତ ଜ୍ଞାନପୀଠ ପୁରସ୍କାରପ୍ରାପ୍ତ କଥାକାର ଡ.ଯୋଶୀଙ୍କ ସମ୍ବେଦନଶୀଳ ମନୋଜ୍ଞ ଭାବକୁ ମଧ ମର୍ଯ୍ୟାଦା ପ୍ରଦାନ କରିଛନ୍ତି। ଆଉ ଏକ ଦେବଦାସ, ଅସ୍ତାଚଳ, ସନ୍ଦର୍ଭହୀନ, ମଧ୍ୟାନ୍ତର, କୁହୁଡ଼ି, ଯଥାର୍ଥଠୁ ଆଗକୁ, ସେ କହି ନାହିଁ, ଜଞ୍ଜିର, ମମତା ! ତୁ ଗଲୁନି ମୋ ମନରୁ, ଗୋଟେ ଜଙ୍ଗଲ ମଣିଷ ମାନଙ୍କର ଓ ଭଦ୍ରାମି ଗଳ୍ପରେ ମୁଖ୍ୟତଃ ନାରୀମାନଙ୍କର ବିବିଧ ସମସ୍ୟା ଓ ସଂଘର୍ଷ ଭିତ୍ତିକ ମନସ୍ତତ୍ତ୍ୱକୁ ସାମାଜିକ ସଚେତନ ମୂଳକ ଦିଗ୍‌ଦର୍ଶନ ଦେଇ ସରଳ ସାବଲୀଳ ଶବ୍ଦ ମାଧ୍ୟମରେ ସେ ତାଙ୍କର ସବୁ ଭଲ ପାଇବା ପାଠକ ମାନଙ୍କ ନିକଟରେ ଢ଼ାଳି ପକାଇଛନ୍ତି ବୋଲି ଆମେ କହିପାରିବା। ଯାହା ଗଭୀର ଅର୍ଥବୋଧର ଭାବରେ ପାଠକକୁ ଭାରାକ୍ରାନ୍ତ କରି ନାହିଁ ବରଂ ଭାବନାର ଭାର ବହନ କରିବାରେ ନିଶ୍ଚିତ ଭାବରେ ସକ୍ଷମ ହୋଇପାରିଛି କହିଲେ ଅତ୍ୟୁକ୍ତି ହେବନାହିଁ।

# ଭାରତର ସିରିଜ୍ କ୍ଲିନ୍ ସ୍ୱିପ୍

## ତୃତୀୟ ଦିନିକିଆରେ ଆଫଗାନିସ୍ତାନ ୯ ଓ୍ୱିକେଟ୍‌ରେ ପରାଜିତ



**ଚେନ୍ନାଇ,୨୦।୬/ଏଜେନ୍ସି:** ଭାରତ ତୃତୀୟ ଦିନିକିଆରେ ଆଫଗାନିସ୍ତାନକୁ ୯ ଓ୍ୱିକେଟ୍‌ରେ ହରାଇ ୩ ମ୍ୟାଚ୍‌ର ଦିନିକିଆ ସିରିଜ୍ ୩-୦ରେ କ୍ଲିନ୍ ସ୍ୱିପ୍ କରିଛି। ଶନିବାର ଏମ୍‌ଏ ଚିଦାମ୍ବରମ୍ ଷ୍ଟାଡିୟମ୍‌ରେ ଖେଳାଯାଇଥିବା ମ୍ୟାଚ୍‌ରେ ଆଫଗାନିସ୍ତାନ ୪୪.୨ ଓଭର୍‌ରେ ୨୧୮ ରନ୍ କରି ଅଲ୍‌ଆଉଟ୍

### ଯଶସ୍ୱୀଙ୍କ ଶତକ, ରୋହିତଙ୍କ ଅର୍ଦ୍ଧଶତକ; ପ୍ରସିଦ୍ଧ କ୍ରିଷ୍ଣାଙ୍କୁ ୫ ଓ୍ୱିକେଟ୍

ହୋଇଥିଲା। ଜବାବରେ ଭାରତ ୨୮.୪ ଓଭର୍‌ରେ ମାତ୍ର ଗୋଟିଏ ଓ୍ୱିକେଟ୍ ହରାଇ ୨୨୪ ରନ୍ କରି ବିଜୟୀ ହୋଇଛି। ୫ ଓ୍ୱିକେଟ୍ ନେଇଥିବା ପ୍ରସିଦ୍ଧ କ୍ରିଷ୍ଣା ପ୍ଲେୟାର୍ ଅଫ୍ ଦ ମ୍ୟାଚ୍ ଏବଂ ଶୁଭମନ ଗିଲ୍ ପ୍ଲେୟାର୍ ଅଫ୍ ଦ ସିରିଜ୍ ବିବେଚିତ ହୋଇଛନ୍ତି।

୨୧୯ ରନ୍‌ର ଲକ୍ଷକୁ ପିଛା କରୁଥିବା ଯଶସ୍ୱୀ ଜୟସ୍ୱାଲ୍ ଓ ରୋହିତ ଶର୍ମା ପ୍ରଥମ ଓ୍ୱିକେଟ୍ ପାଇଁ ୧୭୦ ରନ୍‌ର ପାର୍ଟନରଶିପ୍ କରି ଦୃଢ଼ ମୂଳଦୁଆ ସ୍ଥାପନ କରିଥିଲେ। ରୋହିତ ୬୯ ବଲ୍‌ରେ ୯ ଚୌକା ଓ ୩ ଛକା ସହାୟତାରେ ୭୯ ରନ୍‌ର ଅର୍ଦ୍ଧଶତକୀୟ ଇନିଂସ୍ ଖେଳିଥିଲେ। ସେହିପରି ଯଶସ୍ୱୀ ୮୬ ବଲ୍‌ରେ ୧୪ ଚୌକା ଓ ୩ ଛକା ବଳରେ ଅପରାଜିତ ୧୧୦ ରନ୍ କରିଥିଲେ। ଏହା ତାଙ୍କ କ୍ୟାରିୟର୍‌ର ଦ୍ୱିତୀୟ ଦିନିକିଆ ଶତକ ଥିଲା। ଶ୍ରେୟସ୍ ଆୟର୍ ୨୦ ରନ୍ କରି ଅପରାଜିତ ଫେରିଥିଲେ।

ଟସ୍ ଜିତି ବ୍ୟାଟିଂ ନେଇଥିବା ଆଫଗାନିସ୍ତାନ ଦ୍ୱିତୀୟ ଓଭର୍‌ରେ ରହମାନୁଲ୍ଲାହ ଗୁରବାଜ (୫ ରନ୍)ଙ୍କ ଓ୍ୱିକେଟ୍ ହରାଇଥିଲା। ପ୍ରସିଦ୍ଧ ନିଜ ପ୍ରଥମ ବଲ୍‌ରେ ତାଙ୍କୁ ଆଉଟ୍ କରିଥିଲେ। ପ୍ରସିଦ୍ଧ ଏହାପରେ ଅନୁଭବୀ ବ୍ୟାଟର୍ ରହମତ ଶାହ (୫ ରନ୍), ଓପ୍ନର୍ ଇବ୍ରାହିମ୍ ଜାଦରାନ (୧୧ ରନ୍) ଏବଂ ଦରଓ୍ୱିଶ ରସୁଲୀ (୧୧ ରନ୍)ଙ୍କୁ ମଧ୍ୟ ପ୍ୟାଭିଲିୟନ୍ ଫେରାଇଥିଲେ। ୩୬ ରନ୍‌ରେ ଟିମ୍ ୪ ଓ୍ୱିକେଟ୍ ହରାଇବା ପରେ କ୍ୟାପ୍‌ଟେନ୍ ହଶମତୁଲ୍ଲାହ ଶାହିଦୀ ଓ ଅଜମତୁଲ୍ଲାହ ଉମରଜଇ ପଞ୍ଚମ ଓ୍ୱିକେଟ୍ ପାଇଁ ୧୦୫ ରନ୍‌ର ପାର୍ଟନରଶିପ୍ କରିଥିଲେ। ଅଜମତୁଲ୍ଲାହ (୫୬ ବଲ୍‌ରେ ୫୦ ରନ୍)ଙ୍କୁ ଆଉଟ୍ କରି ପ୍ରିନ୍ସ ଯାଦବ ଏହି ଯୋଡ଼ି ଭାଙ୍ଗିଥିଲେ। ଏହାପରେ ମହମ୍ମଦ ନବୀ (୨୧ ରନ୍)ଙ୍କୁ ଗୁରନୁର୍ ବ୍ରାର୍ ବୋଲ୍ଡ କରିଥିଲେ। ରଶିଦ୍ ଖାନ୍ ୫ ରନ୍, ଆଲ୍ଲାହ ଜଗନଫର୍ ୫ ରନ୍ ଏବଂ ଅହମଦ ମଲିକ୍ ୧ ରନ୍ କରି ଆଉଟ୍ ହୋଇଥିଲେ। ହଶମତୁଲ୍ଲାହ ଶାହିଦୀଙ୍କୁ ପ୍ରସିଦ୍ଧ କ୍ରିଷ୍ଣା ଆଉଟ୍ କରି ଆଫଗାନିସ୍ତାନ ଇନିଂସ୍‌ର ସମାପ୍ତି ଘଟାଇଥିଲେ। ହଶମତୁଲ୍ଲାହ ୧୩୧ ବଲ୍‌ରେ ୧୩ ଚୌକା ଓ ୧ ଛକା ସହାୟତାରେ ୧୦୨ ରନ୍‌ର ଶତକୀୟ ଇନିଂସ୍ ଖେଳିଥିଲେ। ଏହା ତାଙ୍କ ଦିନିକିଆର କ୍ୟାରିୟର୍‌ର ପ୍ରଥମ ଶତକ ଥିଲା। ଭାରତ ପକ୍ଷରୁ ପ୍ରସିଦ୍ଧ କ୍ରିଷ୍ଣା ୨୩ ରନ୍ ଦେଇ ସର୍ବାଧିକ ୫ଟି ଓ୍ୱିକେଟ୍ ଅକ୍ତିଆର କରିଥିଲେ। ହର୍ଷ ଦୁବେ, ଗୁରନୁର ବ୍ରାର୍ ଏବଂ ପ୍ରିନ୍ସ ଯାଦବଙ୍କୁ ୧-୧ ସଫଳତା ମିଳିଥିଲା।

# କୁହ୍ନାଙ୍କ ଡବଲ୍ ଗୋଲ୍‌ରେ ଜିତିଲା ବ୍ରାଜିଲ୍

**ଫିଲାଡେଲ୍‌ଫିଆ,୨୦।୬/ଏଜେନ୍ସି:** ପାଞ୍ଚ ଥର ବିଶ୍ୱ ଚାମ୍ପିଅନ୍ ବ୍ରାଜିଲ୍ ଚଳିତ ବିଶ୍ୱକପ୍‌ରେ ପ୍ରଥମ ବିଜୟ ହାସଲ କରିଛି। ଏଠାରେ ଖେଳାଯାଇଥିବା ଗ୍ରୁପ୍-ସି' ମ୍ୟାଚ୍‌ରେ ଟିମ୍ ମାଥେଅସ୍ କୁହ୍ନାଙ୍କ ଡବଲ୍ ଗୋଲ୍ ବଳରେ ହାଇତିକୁ ୩-୦ରେ ହରାଇ ନକ୍‌ଆଉଟ୍ ଆଶା ବଜାୟ ରଖିଛି।

### ୩-୦ରେ ହାରି ବାଦ୍ ପଡ଼ିଲା ହାଇତି



ଅନ୍ୟପକ୍ଷରେ ଲଗାତାର ଦୁଇଟି ପରାଜୟ ପରେ ହାଇତି ଟୁର୍ଣ୍ଣାମେଣ୍ଟରୁ ବାଦ୍ ପଡ଼ିଛି। ମ୍ୟାଚ୍‌ର ୨୩ତମ ମିନିଟ୍‌ରେ ଭିନିସିୟସ୍ ଜୁନିୟର୍‌ଙ୍କ ରିବାଉଣ୍ଡ୍ ଶଟ୍‌ରୁ କୁହ୍ନା ଗୋଲ୍ ଦେଇ ବ୍ରାଜିଲ୍‌କୁ ୧-୦ରେ ଆଗୁଆ କରିଥିଲେ। ଏହା ବିଶ୍ୱକପ୍‌ରେ କୁହ୍ନାଙ୍କ ପ୍ରଥମ ଗୋଲ୍ ଥିଲା। ଏହାପରେ ୩୬ତମ ମିନିଟ୍‌ରେ ଭିନିସିୟସ୍ ମିଡ୍‌ଫିଲ୍ଡରେ ଆଉ ଏକ ଉନ୍ନତ ପାସ୍ ଦେଇ କୁହ୍ନାଙ୍କ ପାଇଁ ସୁଯୋଗ ସୃଷ୍ଟି କରିଥିଲେ। କୁହ୍ନା ବାମପାଦରେ ଜୋରଦାର ଶଟ୍ ଲଗାଇ ସ୍କୋର୍ ୨-୦ରେ ପହଞ୍ଚାଇଥିଲେ। ପ୍ରଥମ ହାଫ୍‌ର ଠିକ୍ ପୂର୍ବରୁ ମିଡ୍‌ଫିଲ୍ଡର୍ ଲୁକାସ୍ ପେକ୍ତାଙ୍କ ଫ୍ଲିକ୍ ପାସ୍‌ରୁ ଭିନିସିୟସ୍ ଡବଲ୍ ଟଚ୍ ପରେ ହାଇତି ଗୋଲ୍‌କିପର୍ ଆଲେକ୍‌ଜାଣ୍ଡର୍ ପ୍ଲେସିଡ୍‌ଙ୍କ ଗୋଡ଼ ମଝିରେ ବଲ୍ ପଠାଇ ଗୋଲ୍ କରିଥିଲେ। ଏହି ତିନି ଗୋଲ୍ ସହିତ ବ୍ରାଜିଲ୍ ବିଶ୍ୱକପ୍‌ରେ ସର୍ବାଧିକ ଗୋଲ୍ କରିଥିବା ଟିମ୍ ହୋଇଛି। ୧୧୬ ମ୍ୟାଚ୍‌ରେ ଟିମ୍‌ର ଗୋଲ୍ ସଂଖ୍ୟା ୨୪୧ ହୋଇଛି। ବ୍ରାଜିଲ୍ ଏହି ମାମଲାରେ ଜର୍ମାନୀର ୨୩୯ ଗୋଲ୍ ବିଶ୍ୱ ରେକର୍ଡକୁ ପଛରେ ପକାଇ ଦେଇଛି। ସେହିପରି ଫୁଟ୍‌ବଲ୍ ବିଶ୍ୱକପ୍ ଇତିହାସରେ ସର୍ବାଧିକ ୪୧ ଥର କୌଣସି ମ୍ୟାଚ୍‌ରେ ତିନି କିମ୍ବା ଅଧିକ ଗୋଲ୍ କରିବାରେ ବ୍ରାଜିଲ୍ ପ୍ରଥମ ଟିମ୍ ହୋଇଛି।

ମ୍ୟାଚ୍‌ର ଦ୍ୱିତୀୟ ହାଫ୍‌ରେ ହାଇତି ପ୍ରତ୍ୟାବର୍ତ୍ତନ ଉଦ୍ୟମ କରିଥିଲେ ମଧ୍ୟ ବ୍ରାଜିଲ୍‌ର ଶକ୍ତିଶାଳୀ ଡିଫେନ୍ସ ଭେଦିବାରେ ସଫଳ ହୋଇନଥିଲା। ୧୯୭୪ ପରେ ପ୍ରଥମ ଥର ବିଶ୍ୱକପ୍ ଖେଳୁଥିବା ହାଇତି ଲଗାତାର ଦୁଇଟି ମ୍ୟାଚ୍‌ରେ ପରାଜିତ ହେବା ପରେ ନକ୍‌ଆଉଟ୍ ଦୌଡ଼ରୁ ବାଦ୍ ପଡ଼ିଛି।

## ତୁର୍କୀକୁ ବିଦାକଲା ପାରାଗୁଏ

**ସାନ୍ତା କ୍ଲାର.୨୦।୬/ଏଜେନ୍ସି:** ମାଟିୟାସ୍ ଗାଲାର୍ଜାଙ୍କ ରେକର୍ଡ ଦ୍ରୁତତମ ଗୋଲ୍ ବଳରେ ପାରାଗୁଏ ଗ୍ରୁପ୍-ଡି' ମ୍ୟାଚ୍‌ରେ ତୁର୍କୀକୁ ୧-୦ ଗୋଲ୍‌ରେ ହରାଇ ନକ୍‌ଆଉଟ୍ ଆଶା ଜୀବିତ ରଖିଛି। ଏହି ପରାଜୟ ସହ ତୁର୍କୀ ଟୁର୍ଣ୍ଣାମେଣ୍ଟ୍‌ରୁ ବାହାର ହୋଇଛି। ପାରାଗୁଏ ମାତ୍ର ୬୪ ସେକେଣ୍ଡ୍ ମଧ୍ୟରେ ଅଗ୍ରଣୀ ହାସଲ କରିଥିଲା। ଜୁଲିଓ୍ୱୋ ଏନ୍‌ସିସୋଙ୍କ ଆସିଷ୍ଟ୍‌ରେ ଗାଲାର୍ଜା ବାମ ଗୋଡ଼ରେ ଚମତ୍କାର ଶଟ୍ ଲଗାଇ ଗୋଲ୍ କରିଥିଲେ। ଏହା ଚଳିତ ବିଶ୍ୱକପ୍‌ର ଦ୍ରୁତତମ ଗୋଲ୍ ଥିଲା। ଏହାପରେ ତୁର୍କୀ ବରାବର ପାଇଁ ଲଗାତାର ପ୍ରୟାସ କରିଥିଲା। ମର୍ଟ ମୁଲ୍‌ଦୁରଙ୍କ ହେଡର୍ ପୋଷ୍ଟ୍ ଏବଂ କ୍ରସ୍‌ବାର୍‌ରେ ବାଜିଥିଲେ ମଧ୍ୟ ସଫଳତା ମିଳିନଥିଲା। ପ୍ରଥମ ହାଫ୍‌ର ଇନ୍‌ଜୁରୀ ଟାଇମ୍‌ରେ ପାରାଗୁଏର ମିଗୁଏଲ୍ ଆଲ୍‌ମିରୋନ୍‌ଙ୍କୁ ରେଡ୍ କାର୍ଡ ମିଳିଥିଲା। ନୂଆ ନିୟମ ଅନୁସାରେ ବିବାଦ ବେଳେ ମୁହଁ ଢ଼ାଙ୍କିଥିବାରୁ ତାଙ୍କୁ ପଡ଼ିଆ ଛାଡ଼ିବାକୁ ପଡ଼ିଥିଲା। ଜଣେ ଖେଳାଳିଙ୍କ ଅନୁପସ୍ଥିତି ସତ୍ତ୍ୱେ ପାରାଗୁଏ ଅଗ୍ରଣୀ ବଜାୟ ରଖିବା ସହିତ ଗୁରୁତ୍ୱପୂର୍ଣ୍ଣ ବିଜୟ ହାସଲ କରିଥିଲା। ଏବେ ଟିମ୍ ଅନ୍ତିମ ଗ୍ରୁପ୍ ମ୍ୟାଚ୍‌ରେ ଅଷ୍ଟ୍ରେଲିଆକୁ ଜୁନ୍ ୨୫ରେ ଭେଟିବ। ଅନ୍ୟପକ୍ଷରେ ତୁର୍କୀ ଲଗାତା ଦ୍ୱିତୀୟ ପରାଜୟ ପରେ ବିଶ୍ୱକପ୍‌ରୁ ବାଦ୍ ପଡ଼ିଛି।




## ରାଜ୍ୟଗୋଷ୍ଠୀ କ୍ରୀଡ଼ା ପାଇଁ ନୀରଜ ଚୋପ୍ରାଙ୍କ ଯୋଗ୍ୟତା



**ଦୋହା,୨୦।୬/ଏଜେନ୍ସି:** ଭାରତୀୟ ଷ୍ଟାର୍ ଜାଭେଲିନ୍ ଥ୍ରୋୟର୍ ନୀରଜ ଚୋପ୍ରା ପ୍ରତ୍ୟାବର୍ତ୍ତନ ପରେ ସିଜନ୍‌ର ପ୍ରଥମ ଇଭେଣ୍ଟ୍‌ରେ ଚତୁର୍ଥ ସ୍ଥାନ ହାସଲ କରିଛନ୍ତି। କତାରରେ ଆୟୋଜିତ ଦୋହା ଡାଏମଣ୍ଡ୍ ଲିଗ୍‌ରେ ନୀରଜ ୮୫.୬୯ ମିଟରର ସର୍ବଶ୍ରେଷ୍ଠ ଥ୍ରୋ କରିଥିଲେ। ଯଦିଓ ସେ ପୋଡିୟମ୍ ଫିନିସ୍‌ର ବଞ୍ଚିତ ହୋଇଛନ୍ତି, ତେବେ ୮୨.୬୧ ମିଟରର ମାର୍କ ଅତିକ୍ରମ କରି ଗ୍ଲାସ୍‌ଗୋ ରାଜ୍ୟଗୋଷ୍ଠୀ କ୍ରୀଡ଼ା ପାଇଁ ଯୋଗ୍ୟତା ଅର୍ଜନରେ ସଫଳ ହୋଇଛନ୍ତି। ନୀରଜଙ୍କ ପ୍ରଥମ ଥ୍ରୋ ଫାଉଲ୍ ହୋଇଥିବା ବେଳେ ଦ୍ୱିତୀୟ ପ୍ରୟାସରେ ୮୨.୭୭ ମିଟର ଏବଂ ତୃତୀୟ ପ୍ରୟାସରେ ୮୫.୬୯ ମିଟର ଥ୍ରୋ କରିଥିଲେ। ଶ୍ରୀଲଙ୍କାର ରୁମେଶ ଥାରଙ୍ଗା ପାଥିରାଗେ ଚତୁର୍ଥ ରାଉଣ୍ଡରେ ୮୮.୬୮ ମିଟର ଥ୍ରୋ କରି ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ଗ୍ରେନାଡାର ଆଣ୍ଡରସନ୍ ପିଟର୍ସ (୮୬.୩୪ ମିଟର) ଦ୍ୱିତୀୟ ଏବଂ ଆମେରିକାର କର୍ଟିସ୍ ଥମ୍ପସନ୍ (୮୫.୯୯ ମିଟର) ତୃତୀୟ ସ୍ଥାନରେ ରହିଛନ୍ତି।

## ନେସନ୍ସ କପ୍ ଫାଇନାଲ୍‌ରେ ଭାରତ

### ଚିଲିକୁ ୬-୦ ଗୋଲ୍‌ରେ ହରାଇଲା

**ଅକ୍‌ଲାଣ୍ଡ,୨୦।୬/ଏଜେନ୍ସି:** ଭାରତୀୟ ମହିଳା ହକି ଟିମ୍ ଶନିବାର ସେମିଫାଇନାଲ୍‌ରେ ଚିଲିକୁ ୬-୦ ଗୋଲ୍‌ରେ ଶୋଚନୀୟ ଭାବେ ହରାଇ ଏଫ୍‌ଆଇଏଚ୍ ମହିଳା ନେସନ୍ସ କପ୍ ଫାଇନାଲ୍‌ରେ ସ୍ଥାନ ହାସଲ କରିଛି। ମ୍ୟାଚ୍‌ରେ ନବନୀତ କୌର (୬ଷ୍ଠ, ୧୩ତମ), ଦୀପିକା (୧୪ତମ, ୧୮ତମ), ନେହା (୩୨ତମ) ଏବଂ ରତୁଜା ଦାଦାସୋ ପିସାଲ (୩୯ତମ ମିନିଟ୍) ଗୋଲ୍ କରିଥିଲେ। କ୍ୟାପ୍‌ଟେନ୍ ସଲିମା ଟେଟେଙ୍କୁ ଚମତ୍କାର ପ୍ରଦର୍ଶନ ପାଇଁ ପ୍ଲେୟାର୍ ଅଫ୍ ଦ ମ୍ୟାଚ୍ ବିବେଚିତ କରାଯାଇଛି। ଭାରତ ଫାଇନାଲ୍‌ରେ ଆମେରିକା ଓ ଆୟୋଜକ ନ୍ୟୁଜିଲାଣ୍ଡ ମଧ୍ୟରେ ହେବାକୁ ଥିବା ଦ୍ୱିତୀୟ ସେମିଫାଇନାଲ୍‌ର ବିଜେତା ଟିମ୍‌କୁ ଭେଟିବ।

ମ୍ୟାଚ୍‌ର ପ୍ରଥମରୁ ବଲ୍ ନିଜ ନିୟନ୍ତ୍ରଣରେ ରଖିଥିବା ଭାରତକୁ ୬ଷ୍ଠ ମିନିଟ୍‌ରେ ପ୍ରଥମ ପେନାଲ୍ଟି କର୍ଣ୍ଣର୍ ମିଳିଥିଲା ଏବଂ ନବନୀତ ଏହାକୁ ଗୋଲ୍‌ରେ ପରିଣତ କରି ଭାରତକୁ ପ୍ରାରମ୍ଭିକ ଅଗ୍ରଣୀ ପ୍ରଦାନ କରିଥିଲେ। ୧୩ତମ ମିନିଟ୍‌ରେ ସଲିମାଙ୍କ କ୍ରସ୍‌ରେ ନବନୀତ ଡିଫ୍ଲେକ୍ଟ କରି ଅଗ୍ରଣୀକୁ ମଜଭୁତ କରିଥିଲେ।



ଏହାପରେ ଡ୍ରାଗ୍‌ଫ୍ଲିକର୍ ଦୀପିକା ୧୪ତମ ମିନିଟ୍‌ରେ ପେନାଲ୍ଟି କର୍ଣ୍ଣର୍‌ରୁ ଏବଂ ୧୮ତମ ମିନିଟ୍‌ରେ ସେଟ୍-ପିସ୍‌ରୁ ଆଉ ଏକ ଗୋଲ୍ କରି ପ୍ରଥମାର୍ଦ୍ଧ ସୁଦ୍ଧା ଭାରତର ଅଗ୍ରଣୀ ୪-୦ କରିଥିଲେ। ଏହି ଦୁଇଟି ଗୋଲ୍ ସହିତ ଦୀପିକା ଟୁର୍ଣ୍ଣାମେଣ୍ଟ୍‌ରେ ସର୍ବାଧିକ ୬ ଗୋଲ୍ କରି ଶୀର୍ଷ ଗୋଲ୍ ସ୍କୋରର୍ ହୋଇଛନ୍ତି। ଦ୍ୱିତୀୟାର୍ଦ୍ଧରେ ନେହା ଆଉ ଏକ ପେନାଲ୍ଟି କର୍ଣ୍ଣର୍‌କୁ ଗୋଲ୍‌ରେ ପରିବର୍ତ୍ତନ କରି ସ୍ଥିତି ୫-୦ କରିବା ପରେ ୩୯ତମ ମିନିଟ୍‌ରେ ରତୁଜା ରିଭର୍ସ ହିଟ୍ ଜରିଆରେ ଗୋଲ୍ ଦେଇ ୬-୦ରେ ଭାରତର ବିଜୟ ସୁନିଶ୍ଚିତ କରିଥିଲେ।

## ସାଇବାରୀଙ୍କ ରେକର୍ଡ ଗୋଲ୍‌ରେ ମରକ୍କୋ ବିଜୟୀ



ବୋଷ୍ଟନ୍ ଷ୍ଟାଡିୟମ୍‌ରେ ଖେଳାଯାଇଥିବା ଗ୍ରୁପ୍-ସି'ର ଏକ ମ୍ୟାଚ୍‌ରେ ମରକ୍କୋ ୧-୦ ଗୋଲ୍‌ରେ ସ୍କଟ୍‌ଲାଣ୍ଡକୁ ହରାଇ ଦେଇଛି। ମ୍ୟାଚ୍‌ର ୭୦ତମ ସେକେଣ୍ଡରେ ବ୍ରାହିମ୍ ଡିୟାଜ୍‌ଙ୍କୁ ଏକ ସଠିକ୍ ପାସ୍‌କୁ ନିୟନ୍ତ୍ରିତ କରି ଇସ୍ମାଇଲ୍ ସାଇବାରୀ ସ୍କଟିଶ୍ ଗୋଲ୍‌ପୋଷ୍ଟ ମଧ୍ୟକୁ ପଠାଇ ମରକ୍କୋକୁ ଆଗୁଆ କରିଥିଲେ। ଏହା ଚଳିତ ଫିଫା ବିଶ୍ୱକପ୍‌ର ଦ୍ୱିତୀୟ ଦ୍ରୁତତମ ଗୋଲ୍ ହୋଇଥିବା ବେଳେ ବିଶ୍ୱକପ୍‌ରେ ମରକ୍କୋର ଦ୍ରୁତତମ ଗୋଲ୍ ମଧ୍ୟ ହୋଇଛି। ପଥମ ଗୋଲ୍ ପରେ ମରକ୍କୋ ଲଗାତାର ଆକ୍ରମଣ କରି ବହୁ ସୁଯୋଗ ସୃଷ୍ଟି କରିଥିଲେ ମଧ୍ୟ ସ୍କଟିଶ୍ ଗୋଲ୍‌କିପର୍ ଏଙ୍ଗସ୍ ଗନ୍ ଚମତ୍କାର ସେଭ୍ କରିଥିଲେ। ଅନ୍ତିମ ୧୫ ମିନିଟ୍‌ରେ ସ୍କଟ୍‌ଲାଣ୍ଡ ପ୍ରତ୍ୟାବର୍ତ୍ତନ ଉଦ୍ୟମ କରିଥିଲା। ଜନ୍ ମ୍ୟାକଗିନ୍, ବେନ୍ ଗାନନ-ଡୋକ ଏବଂ ସ୍କଟ୍ ମ୍ୟାକ୍‌ଟୋମିନେ ଲଗାତାର ଆକ୍ରମଣ କରିଥିଲେ ମଧ୍ୟ ମରକ୍କୋ ଡିଫେନ୍ସ କୌଣସି ତ୍ରୁଟି ନକରି ଟିମ୍‌ର ଅଗ୍ରଣୀ (୧-୦)କୁ ବଜାୟ ରଖିଥିଲା।

ଏହି ଗୋଲ୍ ସହିତ ଇସ୍ମାଇଲ୍ ସାଇବାରୀ ଏକ ବିଶେଷ ଉପଲବ୍ଧି ହାସଲ କରିଛନ୍ତି। ବିଶ୍ୱକପ୍‌ରେ ନିଜର ପ୍ରଥମ ଦୁଇ ମ୍ୟାଚ୍‌ରେ ଗୋଲ୍ କରିବାରେ ସେ ଦ୍ୱିତୀୟ ଆଫ୍ରିକୀୟ ଖେଳାଳି ହୋଇଛନ୍ତି। ତାଙ୍କ ପୂର୍ବରୁ ଏହି କାରନାମା ଇଜିପ୍ଟର ଷ୍ଟାର୍ ଖେଳାଳି ମହମ୍ମଦ ସଲାହ ୨୦୧୮ ବିଶ୍ୱକପ୍‌ରେ କରିଥିଲେ।

# ନକ୍‌ଆଉଟ୍‌ରେ ଆମେରିକା

## ୨-୦ ଗୋଲ୍‌ରେ ହାରିଲା ଅଷ୍ଟ୍ରେଲିଆ



**ସିଏଟଲ୍,୨୦।୬/ଏଜେନ୍ସି:** ଆୟୋଜକ ଆମେରିକା ଫୁଟ୍‌ବଲ୍ ବିଶ୍ୱକପ୍ ୨୦୨୬ର ରାଉଣ୍ଡ ଅଫ୍ ୩୨ରେ ପ୍ରବେଶ କରିଛି। ଟିମ୍ ଶନିବାରର ପ୍ରଥମ ମ୍ୟାଚ୍‌ରେ ଅଷ୍ଟ୍ରେଲିଆକୁ ୨-୦ ଗୋଲ୍‌ରେ ହରାଇ ଦେଇଛି। ଏହା ସହିତ ଆମେରିକା ୩୨ ବର୍ଷ ପରେ ନକ୍‌ଆଉଟ୍ ରାଉଣ୍ଡରେ ସ୍ଥାନ ପକ୍କା କରିଛି। ସିଏଟଲ୍ ଷ୍ଟାଡିୟମ୍‌ରେ ଷ୍ଟାର୍ ଫରଓ୍ୱାର୍ଡ କ୍ରିଷ୍ଟିଆନ୍ ପୁଲିସିକ୍‌ଙ୍କ ଅନୁପସ୍ଥିତିରେ ଖେଳିଥିବା ଆମେରିକା ଟିମ୍ ଟୁର୍ଣ୍ଣାମେଣ୍ଟ୍‌ରେ ଲଗାତାର ଦ୍ୱିତୀୟ ବିଜୟ ହାସଲ କରିଛି। ପୁଲିସିକ୍ ଜଙ୍ଘରେ ଆଘାତ କାରଣରୁ ଏହି ମ୍ୟାଚ୍ ଖେଳିପାରି ନଥିଲେ। ତେବେ ଟିମ୍‌କୁ ତାଙ୍କ ଅନୁପସ୍ଥିତି ଅନୁଭୂତ ହୋଇନଥିଲା। ପ୍ରଥମ ମ୍ୟାଚ୍‌ରେ ପାରାଗୁଏକୁ ୪-୧ ଗୋଲ୍‌ରେ ହରାଇଥିବା ଆମେରିକା ଗ୍ରୁପ୍-ଡି'ରେ ୬ ପଏଣ୍ଟ ସହ ପ୍ରଥମ ସ୍ଥାନରେ ରହିଛି। ଅଷ୍ଟ୍ରେଲିଆ ଓ ପାରାଗୁଏ ୩-୩ ପଏଣ୍ଟ ସହ ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ରହିଛନ୍ତି। ଅନ୍ୟପକ୍ଷରେ ପରାଜୟ ପରେ ଚତୁର୍ଥ ସ୍ଥାନରେ ଥିବା ତୁର୍କୀ ଟୁର୍ଣ୍ଣାମେଣ୍ଟ୍‌ରୁ ବାଦ୍ ପଡ଼ିଛି।

ମ୍ୟାଚ୍‌ର ୧୧ଶ ମିନିଟ୍‌ରେ ଫୋଲରିନ୍ ବାଲୋଗୁନ୍‌ଙ୍କୁ କ୍ରସ୍‌କୁ ରୋକିବାକୁ ଯାଇ ଅଷ୍ଟ୍ରେଲୀୟ ଡିଫେଣ୍ଡର୍ କାମେରୁନ୍ ବର୍ଗେସ୍ ଆତ୍ମଘାତୀ ଗୋଲ୍ କରିବା ଫଳରେ ଆମେରିକାକୁ ପ୍ରାରମ୍ଭିକ ଅଗ୍ରଣୀ ମିଳିଥିଲା। ପ୍ରଥମ ହାଫ୍‌ର ୪୩ତମ ମିନିଟ୍‌ରେ ଆମେରିକାର ଅଗ୍ରଣୀକୁ ଦ୍ୱିଗୁଣିତ କରିଥିଲା। ସିର୍ଜିନୋ ଡେଷ୍ଟଙ୍କ ଡିଫ୍ଲେକ୍ଟେଡ୍ ଉଦ୍ୟମକୁ ଆଲେକ୍ସ ଫ୍ରିମ୍ୟାନ୍ ହେଡର୍ ଜରିଆରେ ଗୋଲ୍ ଦେଇ ଆମେରିକାର ଅଗ୍ରଣୀ ୨-୦ କରିଥିଲେ। ଏହା ୨୧ ବର୍ଷୀୟ ଫ୍ରିମ୍ୟାନ୍‌ଙ୍କ ବିଶ୍ୱକପ୍‌ରେ ପ୍ରଥମ ଗୋଲ୍ ଥିଲା। ଏହି ସ୍ଥିତି ଶେଷ ପର୍ଯ୍ୟନ୍ତ ବଜାୟ ରହିବା ସହିତ ଆମେରିକା ନକ୍‌ଆଉଟ୍ ପାଇଁ ଯୋଗ୍ୟତା ଅର୍ଜନ କରିଥିଲା।

ଫିଫା ବିଶ୍ୱକପ୍‌ରେ ଦ୍ରୁତତମ ଗୋଲ୍‌ର ନୂଆ ରେକର୍ଡ

## ୬୪ ସେକେଣ୍ଡ୍‌ରେ ମାଟିୟାସ୍ ଗାଲାର୍ଜାଙ୍କ କମାଲ୍



**ନ୍ୟୁୟର୍କ,୨୦।୬/ଏଜେନ୍ସି:** ଫିଫା ବିଶ୍ୱକପ୍ ୨୦୨୬ରେ ପାରାଗୁଏ ମିଡ୍‌ଫିଲ୍ଡର୍ ମାଟିୟାସ୍ ଗାଲାର୍ଜା ଏପରି ଏକ କାରନାମା କରିଛନ୍ତି, ଯାହା ତାଙ୍କୁ ଟୁର୍ଣ୍ଣାମେଣ୍ଟ୍‌ର ରେକର୍ଡ ବୁକ୍‌ରେ ସ୍ଥାନ ଦେଇଛି। ସାନ୍ ଫ୍ରାନ୍ସିସ୍କୋ ବେ ଏରିଆ ଷ୍ଟାଡିୟମ୍‌ରେ ତୁର୍କୀ ବିପକ୍ଷରେ ଖେଳାଯାଇଥିବା ଗ୍ରୁପ୍-ଡି'ର ଏକ ଗୁରୁତ୍ୱପୂର୍ଣ୍ଣ ମ୍ୟାଚ୍‌ରେ ଗାଲାର୍ଜା ୬୪ ସେକେଣ୍ଡ୍‌ରେ ଗୋଲ୍ ଦେଇ ବିଶ୍ୱକପ୍ ୨୦୨୬ର ଦ୍ରୁତତମ ଗୋଲର ରେକର୍ଡ ସ୍ଥାପନ କରିଛନ୍ତି। ୨୪ ବର୍ଷୀୟ ଗାଲାର୍ଜା ଟୁର୍ଣ୍ଣାମେଣ୍ଟ୍‌ର ପ୍ରଥମ ମ୍ୟାଚ୍ ଖେଳିନଥିବା ବେଳେ ତୁର୍କୀ ବିପକ୍ଷ ମ୍ୟାଚ୍ ପାଇଁ ତାଙ୍କୁ ପ୍ରାରମ୍ଭିକ ଏକାଦଶରେ ସ୍ଥାନ ମିଳିଥିଲା ଏବଂ ପ୍ରଥମରୁ ହିଁ ସେ ତାଙ୍କ ଚୟନକୁ ଠିକ୍ ସାବ୍ୟସ୍ତ କରିଥିଲେ। ମ୍ୟାଚ୍‌ର ଦ୍ୱିତୀୟ ମିନିଟ୍‌ରେ ହିଁ ସେ ବାମଗୋଡ଼ରେ ଚମତ୍କାର ଶଟ୍ ଲଗାଇ ବଲ୍ ପ୍ରତିପକ୍ଷ ଗୋଲ୍‌ପୋଷ୍ଟରେ ପହଞ୍ଚାଇବା ସହିତ ପାରାଗୁଏକୁ ୧-୦ରେ ଆଗୁଆ କରିଥିଲେ।

ଗାଲାର୍ଜାଙ୍କ ପୂର୍ବରୁ ଏହି ରେକର୍ଡ ମରକ୍କୋର ଇସ୍ମାଇଲ୍ ସାଇବାରୀଙ୍କ ନାମରେ ଥିଲା। ସାଇବାରୀ ସ୍କଟ୍‌ଲାଣ୍ଡ୍ ବିପକ୍ଷ ମ୍ୟାଚ୍‌ର ୭୦ତମ ସେକେଣ୍ଡ୍‌ରେ ଗୋଲ୍ କରିଥିଲେ। ତେବେ ପାରାଗୁଏ ମିଡ୍‌ଫିଲ୍ଡର ତାଙ୍କଠାରୁ ୬ ସେକେଣ୍ଡ୍ ପୂର୍ବରୁ ଗୋଲ୍ କରି ନୂଆ କୀର୍ତ୍ତିମାନ ସ୍ଥାପତି କରିଛନ୍ତି। ଏହି ଗୋଲ୍ ବିଶ୍ୱକପ୍ ୨୦୨୬ର ବର୍ତ୍ତମାନ ସୁଦ୍ଧା ଦ୍ରୁତତମ ଗୋଲ୍ ହୋଇଥିବା ବେଳେ ଟୁର୍ଣ୍ଣାମେଣ୍ଟ୍‌ର ସବୁଠୁ ଚର୍ଚ୍ଚିତ ଉପଲବ୍ଧିରେ ସାମିଲ ହୋଇଛି।

ଏହି କର ବା ମର ମ୍ୟାଚ୍‌ରେ ଗାଲାର୍ଜାଙ୍କ ପ୍ରାରମ୍ଭିକ ଗୋଲ୍ ଟିମ୍‌ର ଖେଳାଳିମାନଙ୍କ ଆତ୍ମବିଶ୍ୱାସ ବଢ଼ାଇଥିଲା ଏବଂ ଟିମ୍ ଶକ୍ତିଶାଳୀ ରକ୍ଷାତ୍ମକ ପ୍ରଦର୍ଶନ କରି ଅଗ୍ରଣୀ ବଜାୟ ରଖିଥିଲା। ତୁର୍କୀ ସ୍ଥିତି ବରାବର ପାଇଁ ବହୁ ଆକ୍ରମଣ କରିଥିଲେ ମଧ୍ୟ ପାରାଗୁଏ ଡିଫେନ୍ସ ତା'ର ସମସ୍ତ ଉଦ୍ୟମକୁ ବିଫଳ କରିବାରେ ସମର୍ଥ ହୋଇଥିଲା।



## ପଶ୍ଚିମବଙ୍ଗ ଦିବସ ସମାରୋହରେ ୨୩ତମ ପିଏମ୍-କିଷାନ୍ କିସ୍ତି ପ୍ରଦାନ କଲେ ମୋଦୀ

# ୯.୪୪ କୋଟି ଚାଷୀଙ୍କ ଆକାଉଣ୍ଟକୁ ଗଲା ୧୮,୮୮୦ କୋଟି

**ହୁଗୁଳି(ପଶ୍ଚିମବଙ୍ଗ), ୨୦।୬/ଏଜେନ୍ସି:** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଶନିବାର ହୁଗୁଳି ଜିଲ୍ଲାର ଐତିହାସିକ ସ୍ଥଳ ତାରକେଶ୍ୱର ଠାରେ ଆୟୋଜିତ ରାଜ୍ୟସ୍ତରୀୟ 'ପଶ୍ଚିମବଙ୍ଗ

### ପ୍ରଧାନମନ୍ତ୍ରୀଙ୍କ କରକମଳରେ ରେଳବାଇ, କୃଷି, ଗ୍ରାମୀଣ ବିକାଶ, ମତ୍ସ୍ୟଚାଷ ଏବଂ ପଶୁପାଳନ କ୍ଷେତ୍ରରେ ବିଭିନ୍ନ ବିକାଶମୂଳକ ପ୍ରକଳ୍ପର ଶୁଭାରମ୍ଭ ଓ ଶିଳାନ୍ୟାସ

ଦିବସ' ସମାରୋହରେ ଅଂଶଗ୍ରହଣ କରିଛନ୍ତି। ଏହି ଅବସରରେ ପ୍ରଧାନମନ୍ତ୍ରୀ ମୋଦୀ ରେଳବାଇ, କୃଷି, ଗ୍ରାମୀଣ ବିକାଶ, ମତ୍ସ୍ୟଚାଷ ଏବଂ ପଶୁପାଳନ କ୍ଷେତ୍ରରେ ବିଭିନ୍ନ ବିକାଶମୂଳକ ପ୍ରକଳ୍ପର ଶୁଭାରମ୍ଭ, ରାଷ୍ଟ୍ର ଉଦ୍ଦେଶ୍ୟରେ ସମର୍ପଣ ଓ ଶିଳାନ୍ୟାସ କରିଛନ୍ତି। ମୋଦୀ ଏହି ଠାରୁ ପିଏମ୍-କିଷାନ ଯୋଜନା ଅନ୍ତର୍ଗତ ଦେଶର ୯.୪୪ କୋଟିରୁ ଅଧିକ ଚାଷୀଙ୍କ ବ୍ୟାଙ୍କ ଆକାଉଣ୍ଟକୁ ସିଧାସଳଖ ୧୮,୮୮୦ କୋଟିରୁ ଅଧିକ ଟଙ୍କାର ୨୩ତମ କିସ୍ତି ହସ୍ତାନ୍ତର କରିଛନ୍ତି। ସେହିପରି ବିକାଶମୂଳକ ପ୍ରକଳ୍ପ ମଧ୍ୟରେ ରେଳବାଇ, କୃଷି, ଗ୍ରାମୀଣ ବିକାଶ, ମତ୍ସ୍ୟଚାଷ ଏବଂ ପଶୁପାଳନ କ୍ଷେତ୍ରରେ ଶତାଧିକ କୋଟି ଟଙ୍କାର ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ କରିଛନ୍ତି ପ୍ରଧାନମନ୍ତ୍ରୀ। ମୋଦୀ ନିଜ ସମ୍ବୋଧନରେ କହିଛନ୍ତି, ବଙ୍ଗଳାର ସମସ୍ତ ଯୋଗ୍ୟ ଗରିବ ପରିବାରଙ୍କୁ 'ଆୟୁଷ୍ମାନ ଭାରତ' ସ୍ୱାସ୍ଥ୍ୟ ବୀମାର ଲାଭ ମିଳିବ। ଏହାସହ ଅନ୍ନପୂର୍ଣ୍ଣା ଯୋଜନା, ଜଳ ଜୀବନ ମିଶନ, ସରକାରୀ ଚାକିରି ପାଇଁ ବୟସ ସୀମା କୋହଳ ଏବଂ ମହିଳାମାନଙ୍କ ପାଇଁ ମାଗଣା ବସ୍ ଯାତ୍ରା ସୁବିଧା ଲାଗୁ କରାଯାଇଛି। ଏତଦ୍‌ବ୍ୟତୀତ ପଶ୍ଚିମବଙ୍ଗରେ 'ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା' ଓ 'ଡିଜିଟାଲ କୃଷି ମିଶନ' ଆରମ୍ଭ ହୋଇଛି। 'ପିଏମ୍ ଧନ ଧାନ୍ୟ କୃଷି ଯୋଜନା' ଅଧୀନରେ ବଙ୍ଗଳାର ୪ଟି ଜିଲ୍ଲା (ପୁରୁଲିଆ, ଦାର୍ଜିଲିଂ, ଆଲିପୁରଦ୍ୱାର ଏବଂ ଝାଡ଼ଗ୍ରାମ)କୁ ସ୍ୱତନ୍ତ୍ର ସହାୟତା ମିଳିବ ବୋଲି ମଧ୍ୟ ପ୍ରଧାନମନ୍ତ୍ରୀ କହିଛନ୍ତି। ବିଜେପି ଯେଉଁ ସବୁ ନିର୍ବାଚନୀ ପ୍ରତିଶ୍ରୁତି ଦେଇ କ୍ଷମତାକୁ ଆସିଛି ସେସବୁ ପ୍ରତିଶ୍ରୁତି ପାଳନ ଦିଗରେ କାମ ଆରମ୍ଭ ହୋଇସାରିଛି ବୋଲି ମୋଦୀ କହିଛନ୍ତି।






ପ୍ରଧାନମନ୍ତ୍ରୀ ନିଜ ସମ୍ବୋଧନରେ କହିଛନ୍ତି ଯେ, '୨୦୪୭ ସୁଦ୍ଧା ଭାରତକୁ ଏକ ବିକଶିତ ରାଷ୍ଟ୍ର କରିବା ସଂକଳ୍ପର ସବୁଠାରୁ ବଡ଼ ଭିତ୍ତିଭୂମି ହେଉଛି ପୂର୍ବ ଭାରତର ବିକାଶ, ଯେଉଁଥିପାଇଁ ଆମେ 'ମିଶନ ପୂର୍ବୋଦୟ' ଉପରେ କାମ କରୁଛୁ। ବିଭାଜନ ସମୟରେ ବଙ୍ଗଳାର ସ୍ୱାର୍ଥ ରକ୍ଷା କରିଥିବା ଡଃ ଶ୍ୟାମା ପ୍ରସାଦ ମୁଖାର୍ଜୀଙ୍କ ଅବଦାନକୁ ସେ ମନେ ପକାଇଥିଲେ। ଏଥିସହ ରବୀନ୍ଦ୍ରନାଥ ଟାଗୋର, ସ୍ୱାମୀ ବିବେକାନନ୍ଦ, ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଏବଂ ଈଶ୍ୱର ଚନ୍ଦ୍ର ବିଦ୍ୟାସାଗରଙ୍କ ଭଳି ମହାନ ବ୍ୟକ୍ତିତ୍ୱଙ୍କ ଐତିହ୍ୟକୁ ବଜାୟ ରଖିବାକୁ ପ୍ରଧାନମନ୍ତ୍ରୀ ଆହ୍ୱାନ ଦେବା ସହ ମାଟିର ସୁରକ୍ଷା ଏବଂ ପ୍ରାକୃତିକ ଚାଷକୁ ପ୍ରୋତ୍ସାହନ ଦେବା ପାଇଁ ସେ ଦେଶର ଚାଷୀମାନଙ୍କୁ 'କ୍ଷେତ ବଞ୍ଚାଅ ଅଭିଯାନ'ରେ ସାମିଲ ହେବାକୁ ଅନୁରୋଧ କରିଛନ୍ତି। ଶେଷରେ ପ୍ରଧାନମନ୍ତ୍ରୀ ସମସ୍ତଙ୍କୁ ଆନ୍ତର୍ଜାତୀୟ ଯୋଗ ଦିବସରେ ସାମିଲ ହେବାକୁ ନିମନ୍ତ୍ରଣ କରିଥିଲେ।

ସୂଚନାଯୋଗ୍ୟ, ରାଜ୍ୟରେ ବିଜେପି ନୂଆ ସରକାର ଗଠନ କରିବା ପରେ ଏହା ତାଙ୍କର ପ୍ରଥମ ପଶ୍ଚିମବଙ୍ଗ ଗସ୍ତ। ଚଳିତ ବର୍ଷର ଏହି ସମାରୋହ ପାଇଁ ବିଷୟବସ୍ତୁ 'ପଶ୍ଚିମବଙ୍ଗ: ଐତିହ୍ୟ, ସଦ୍‌ଭାବନା ଏବଂ ବିକାଶ' ରହିଛି। ଏହା ରାଜ୍ୟର ସାଂସ୍କୃତିକ ସମୃଦ୍ଧି, ସାମାଜିକ ସଦ୍‌ଭାବନା ଏବଂ ବିକାଶର ଆକାଂକ୍ଷାକୁ ପ୍ରତିଫଳିତ କରୁଛି।

Printed and published by Trilochan Mohapatra on behalf of New Age Media & Publications Pvt. Ltd. Published at Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, Khordha,Odisha Ph: 0674-2953975,
Email: advtnitidin@gmail.com, nitidinbbsr@gmail.com, Printed at New Age Media & Publications Pvt. Ltd., Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, Khordha, Odisha.

ସଂପାଦକ: ମନୋଜ କୁମାର ମହାପାତ୍ର
Editor: Manoj Kumar Mahapatra